- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-10 ♦FRIDAY ♦4 JULY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୦ ♦ଶୁକ୍ରବାର ♦୪ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





## ଗିଲ୍‌ଙ୍କ କୀର୍ତ୍ତିମାନ ୨୬୯

■ **ବର୍ମିଂହାମ, ୩।୭ (ଏଜେନ୍ସି):** ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୨୬୯ ରନର ମାରାଥନ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଗିଲ୍‌ଙ୍କ ଏହି ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ପ୍ରଥମ ପାଳିରେ ୫୮୭ ରନର ବିଶାଳ ସ୍କୋର ଠିଆ କରାଇଛି। ଏହି ଦ୍ୱିଶତକୀୟ ପାଳି ଅବସରରେ ଗିଲ୍ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟରେ ଦ୍ୱିଶତକ ଅର୍ଜନ କରିବାରେ ସେ ହେଉଛନ୍ତି ଭାରତର ୬ଷ୍ଠ ଅଧିନାୟକ। ତାଙ୍କ ପୂର୍ବରୁ ଏମ୍‌ଏକେ ପଟୌଦୀ, ସୁନିଲ ଗାଭାସ୍କର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବିରାଟ ଅଧିନାୟକ ଭାବେ ସର୍ବାଧିକ ୭ଟି ଦ୍ୱିଶତକ ହାସଲ କରିଛନ୍ତି। ସେହିଭଳି ପଟୌଦୀ (୨୩ ବର୍ଷ ୩୯ ଦିନ)ଙ୍କ ପରେ ଦ୍ୱିତୀୟ କନିଷ୍ଠ ଭାରତୀୟ ଅଧିନାୟକ ଭାବେ ଗିଲ୍ (୨୫ ବର୍ଷ ୨୯୮ ଦିନ) ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଅଧିନାୟକ ଭାବେ ମଧ୍ୟ ଏହା ଟେଷ୍ଟରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର। ୨୦୧୯ରେ କୋହଲି ଅଧିନାୟକ ଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୨୫୪ ରନର ପାଳି ଖେଳିଥିଲେ। ସେହିଭଳି ବିଦେଶ ମାଟିରେ ଟେଷ୍ଟରେ ଭାରତୀୟ ବ୍ୟାଟର୍ ଭାବେ ଟେଷ୍ଟରେ ଏହା ସର୍ବୋଚ୍ଚ ସ୍କୋର। ଏହିକ୍ରମରେ ଗିଲ୍ ୪୬ ବର୍ଷ ତଳର ଗାଭାସ୍କର (୨୨୧ ବନାମ ଇଂଲଣ୍ଡ, ୧୯୭୯, ଦି ଓଭାଲ)ଙ୍କ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛନ୍ତି।

## ରାଜ୍ୟ ପାଇଁ ସମ୍ମାନ ଆଣିଲା '୫-ଟି' ରୂପାନ୍ତରଣ

## ପିଜିଆଇ ର୍‌ୟାଙ୍କିଙ୍ଗ
# ଦେଶରେ ଓଡ଼ିଶା ପଞ୍ଚମ

### ୨୦୧୪ରେ ୧୪ତମ ସ୍ଥାନ, ୨୦୨୩ରେ ୫ମ
### ଟ୍ୱିଟ୍ କରି ଖୁସି ବ୍ୟକ୍ତ କଲେ ନବୀନ



■ **ଭୁବନେଶ୍ୱର, ୩।୭ (ସମିସ):** ରାଜ୍ୟଗୁଡ଼ିକର ପରଫରମାନ୍ସ ଗ୍ରେଡ଼ିଂ ଇଣ୍ଡେକ୍ସ (ପିଜିଆଇ) ରାଙ୍କିଂରେ ଓଡ଼ିଶା ହାସଲ କରିଛି ଅନନ୍ୟ ସଫଳତା। ୨୦୧୪ରେ ଓଡ଼ିଶା ୧୪ତମ ସ୍ଥାନରେ ଥିବାବେଳେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂସ୍କାର ଧର୍ମୀ କାର୍ଯ୍ୟକ୍ରମ ଓ ଶିକ୍ଷାନୁଷ୍ଠାନର '୫-ଟି' ରୂପାନ୍ତରଣ ଓଡ଼ିଶାକୁ ସାରା ଦେଶରେ ୫ମ ସ୍ଥାନରେ ପହଞ୍ଚାଇଛି। ଶିକ୍ଷା ଭିତ୍ତିଭୂମି ସହ ଶୈକ୍ଷିକ ମାନରେ କ୍ରମାଗତ ଉତ୍ତମ ପ୍ରଦର୍ଶନ ଓଡ଼ିଶାକୁ ସଦ୍ୟ ପ୍ରକାଶିତ ପରଫର୍‌ମାନସ୍ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ)-୨.୦ ର୍‌ୟାଙ୍କିଙ୍ଗରେ ସାରା ଦେଶରେ ପଞ୍ଚମ ସ୍ଥାନରେ ପହଞ୍ଚାଇଛି। ମୋଟ୍ ୫୯୫.୬ ସ୍କୋର ସହ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଓଡ଼ିଶା ପ୍ରଚେଷ୍ଟା-୩ ଗ୍ରେଡ୍ ହାସଲ କରିବାରେ ସକ୍ଷମ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ରିପୋର୍ଟ ପ୍ରକାଶିତ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ସରକାରୀ ସ୍କୁଲ ଶିକ୍ଷାର ଦୃଢ଼ ଭିତ୍ତିଭୂମି ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଥିବା କହିଛନ୍ତି।

'୫-ଟି' ଉପକ୍ରମରେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ହୋଇଛି। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ତତ୍‌କାଳୀନ ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱରୂପ ସ୍ମାର୍ଟ କ୍ଲାସରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରୋଟାରୀର ବ୍ୟବସ୍ଥା କରାଯାଇଛି। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ଏସବୁର ସଫଳ ଉପଯୋଗ ବିଦ୍ୟାଳୟଗୁଡ଼ିକରେ ଆଣିଛି ବିଶାଳ ରୂପାନ୍ତର। ଏହା ବ୍ୟତୀତ ଶିକ୍ଷା ସହ ଶାରୀରିକ ବିକାଶକୁ ଗୁରୁତ୍ୱ ଦିଆଯାଇ ବିଦ୍ୟାଳୟରେ ଖେଳପଡ଼ିଆର ଉନ୍ନତୀକରଣ କରିବା ସହ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯାଇଛି। ଫଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଏକାଧିକ ରିପୋର୍ଟରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ସଦ୍ୟ ▶ପୃଷ୍ଠା-୭

## ପଶ୍ଚିମ ଆଫ୍ରିକାରେ ତିନି ଭାରତୀୟଙ୍କୁ ଅପହରଣ

### ଅଲକାଏଦାର ସମ୍ପୃକ୍ତି ସନ୍ଦେହ

■ **ନୂଆଦିଲ୍ଲୀ, ୩।୭ (ଏଜେନ୍ସି):** ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ତିନି ଜଣ ଭାରତୀୟ ନାଗରିକଙ୍କୁ ଗତ ମଙ୍ଗଳବାର ଅପହରଣ କରାଯାଇଛି। ଏହି ଅପହରଣ ପଛରେ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଅଲ କାଏଦାର ହାତ ଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ଭାରତ ସରକାର ଉଦ୍‌ବେଗ ପ୍ରକାଶ କରିବା ସହିତ ଭାରତୀୟଙ୍କ ତୁରନ୍ତ ଓ ନିରାପଦ ମୁକ୍ତି ପାଇଁ ପଦକ୍ଷେପ ନେବାଲାଗି ମାଲି ସରକାରଙ୍କୁ ଅନୁରୋଧ କରିଛନ୍ତି।

ଭାରତର ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ତିନି ଜଣ ଭାରତୀୟ କାଏସରେ ଥିବା ଡାଏମଣ୍ଡ ସିମେଣ୍ଟ କାରଖାନାରେ କାମ କରୁଥିଲେ। ଗତ ମଙ୍ଗଳବାର ଦିନ କେତେକ ସଶସ୍ତ୍ର ଆତଙ୍କବାଦୀ ଏହି କାରଖାନା ଉପରେ ଅଚାନକ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସେମାନେ ଭାରତର ତିନି ଜଣ ନାଗରିକଙ୍କୁ ଅପହରଣ କରି ନେଇ ପଳାଇଥିଲେ। ଏହି ଆକ୍ରମଣ କିମ୍ବା ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରି ନାହାନ୍ତି। କିନ୍ତୁ ଏହି ଦେଶରେ ଅଲ କାଏଦା ଭଳି ଅନେକ ଆତଙ୍କବାଦୀ ସଂଗଠନ ସକ୍ରିୟ ରହିଥିବାରୁ ସେମାନେ ହିଁ ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଦିନ ମାଲିର ବିଭିନ୍ନ ଅଞ୍ଚଳରେ ଏଭଳି ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ପଛରେ ଅଲ କାଏଦାର ସହଯୋଗୀ ସଂଗଠନ ଜମାତ ନୁସରତୁଲ ଇସଲାମର ହାତ ଥିବା କୁହାଯାଉଛି।

## ଆତ୍ମସମର୍ପଣ ପରେ ଜଗନ୍ନାଥ ପ୍ରଧାନ ଗିରଫ

# ଓଏଏସ୍ ଆନ୍ଦୋଳନ ପ୍ରତ୍ୟାହୃତ

### ସ୍ୱାସ୍ଥ୍ୟ ପରୀକ୍ଷା ପରେ ଝାରପଡ଼ା ଜେଲ୍ ଗଲେ ଜଗନ୍ନାଥ
### ପ୍ରାଥମିକ ତଦନ୍ତରୁ ଜଗନ୍ନାଥଙ୍କ ସଂପୃକ୍ତିର ପ୍ରମାଣ : ଡିସିପି

■ **ଭୁବନେଶ୍ୱର, ୩।୭ (ସମିସ):** ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ବିଏମ୍‌ସି ଅତିରିକ୍ତ କମିଶନରଙ୍କ ମାଡ଼ ଘଟଣାର ନେପଥ୍ୟ ନାୟକ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନ। ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ ପରେ ତାଙ୍କୁ ପୁଲିସ ଗିରଫ କରିଛି। କ୍ୟାପିଟାଲ ହସପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଛି। ଜଗନ୍ନାଥଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ୩୩୩, ୧୩୨, ୧୨୧(କ), ୧୨୧(ଖ), ୩୫୧ (ଖ), ୬୨, ୩୦୪, ୫୪, ୬୧ (ଖ), ୧୮୯(ଖ), ୧୮୯ (ଖ) ଆଦି ଦଫା ଲାଗିଛି।

ଶ୍ରୀ ପ୍ରଧାନଙ୍କ ଗିରଫଦାରି ପରେ ଗତ ୩ ଦିନ ହେଲା ସମୂହ ଛୁଟିରେ ଥିବା ଓଏଏସ୍ ସଂଘ ଆନ୍ଦୋଳନରୁ ଓହରିଛି। ଆସନ୍ତାକାଲିଠାରୁ ସମସ୍ତ ଓଏଏସ୍ ଅଧିକାରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ସଂଘର ପକ୍ଷରୁ ସୂଚନା ଦିଆଯାଇଛି। ▶ପୃଷ୍ଠା-୭



## ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଗୌତମ ଆଦାନୀ ଭକ୍ତଙ୍କ ପାଇଁ ନିଜକୁ କଲେ ଉତ୍ସର୍ଗୀକୃତ

# ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତଙ୍କ ପାଇଁ ଗୌତମ ଆଦାନୀଙ୍କର ଉତ୍ସର୍ଗୀକୃତ ସେବା

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପବିତ୍ର ପୁରୀଧାମରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଜଣେ ସାଧାରଣ ସେବକ ଭାବରେ ଯୋଗ ଦେଇ ଭକ୍ତମାନଙ୍କ ସେବା କରିଛନ୍ତି ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ। ପରିବା କାଟୁଥିବା, ରୁଟି ପାଇଁ ଅଟା ଦଳୁଥିବା, ଖେଚୁଡ଼ି ରାନ୍ଧୁଥିବା ଅନ୍ୟ ସେବା କର୍ମୀମାନଙ୍କ ସହ 'ଜୟ ଜଗନ୍ନାଥ' ଧ୍ୱନୀ ମଧ୍ୟରେ ଅତି ସାଧାରଣ ପୋଷାକରେ ଶ୍ରୀ ଆଦାନୀ ନିଜେ ଖାଦ୍ୟ ପ୍ରସ୍ତୁତ କରିବାର ସମ୍ପୂର୍ଣ୍ଣ ନିଆରା ଦୃଶ୍ୟ ଅନେକଙ୍କୁ ବିମୋହିତ କରିଛି। ଯାହା ଅନେକଙ୍କ ପାଇଁ ଅବିଶ୍ୱାସ୍ୟ ମନେ ହୋଇଛି।

**ସମ୍ମାନ ନୁହେଁ, ସେବା; ଉପଦେଶ ନୁହେଁ, ଭାବନା**

ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ ପ୍ରସ୍ତୁତ କରିଥିବା ଓ ଭକ୍ତମାନଙ୍କୁ ପରଷୁଥିବା ଖାଦ୍ୟରେ ଥିଲା ଭକ୍ତି, ଆଦର ଓ ସମର୍ପଣ । ଶ୍ରୀ ଆଦାନୀଙ୍କ ସହ ତାଙ୍କ ପତ୍ନୀ ତଥା ଆଦାନୀ ଫାଉଣ୍ଡେସନ ଅଧ୍ୟକ୍ଷା ଡା.ପ୍ରୀତି ଆଦାନୀ, ଆଦାନୀ ପୋର୍ଟସ ଓ ଏସ୍‌ଇଜେଡ଼ର ନିର୍ଦ୍ଦେଶକ ଶ୍ରୀ କରଣ ଆଦାନୀ ପ୍ରମୁଖ ଜୁନ୍ ୨୮ ତାରିଖରେ ରଥଯାତ୍ରାର ଦ୍ୱିତୀୟ ଦିନରେ ପୁରୀ ଆଗମନ କରିଥିଲେ।

ରଥଯାତ୍ରା ଦେଖିବାକୁ ଆସି ମନ୍ଦିର ପ୍ରାଙ୍ଗଣରେ ବସିଥିବା କ୍ଳାନ୍ତ ତୀର୍ଥଯାତ୍ରୀ ଓ ଭକ୍ତମାନେ ଆଦାନୀଙ୍କ ଦ୍ୱାରା ଦିଆଯାଉଥିବା ପ୍ରସାଦକୁ ଗଭୀର ଭକ୍ତି ଭାବନା ସହ ହସିହସି ଗ୍ରହଣ କରିଥିଲେ। ଶ୍ରୀ ଆଦାନୀଙ୍କ ଆଚରଣ କର୍ପୋରେଟ ଜଗତ ସହ ଜଡ଼ିତ ବ୍ୟକ୍ତିଙ୍କ ନ ଥିଲା, ବରଂ ଏହା ଥିଲା ଅତ୍ୟନ୍ତ ସାଧାରଣ। କୌତୂହଳବଶତଃ ସେମାନେ ଶ୍ରୀ ଆଦାନୀ କେଉଁଠୁ ଆସିଛନ୍ତି ବୋଲି ପଚାରିଥିଲେ । ସ୍ମିତ ହସି ଶ୍ରୀ ଆଦାନୀ କହିଥିଲେ - ଆପଣଙ୍କ ପାଇଁ କିଛି ଅଧିକ କରୁନାହିଁ, ଜଣେ ସେବକ ଭାବରେ ମୋର କର୍ତ୍ତବ୍ୟ କରୁଛି ।

**ଏହି ସେବା କେବଳ ଏକ ଦାନମୂଳକ କାର୍ଯ୍ୟ ନୁହେଁ; ଏହା ଏକ ବିଶାଳ ପରମ୍ପରାର ଅଂଶ ଥିଲା**


"ସେବା ହିଁ ହେଉଛି ସାଧନା ଓ ସେବା ହେଉଛି ପୂଜା' ବୋଲି ସର୍ବଦା କହୁଥିବା ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ ସର୍ବଦା ଏହି ସିଦ୍ଧାନ୍ତରେ ବିଶ୍ୱାସ କରନ୍ତି ଓ ତାହାକୁ କାର୍ଯ୍ୟରେ ଦେଖାଇଥାଆନ୍ତି। ପୁରୀରେ ମଧ୍ୟ ସେ ସେହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଭକ୍ତ ଓ ତୀର୍ଥଯାତ୍ରୀଙ୍କ ପାଇଁ ଖଲି ପତ୍ର ଓ ବାସନ ରଖିବା ସହ ପାଣିବୋତଲ ପ୍ରଦାନ କରିବା, ଖଲି ପତ୍ର ପରିଷ୍କାର କରିବା ଓ ଧୋଇବା କାର୍ଯ୍ୟ କରିଥିଲେ। ଏହା ସହ ଏହି କାର୍ଯ୍ୟରେ ନିୟୋଜିତ ଅନ୍ୟ ସେବକମାନଙ୍କୁ ମଧ୍ୟ ସେ ସହାୟତା କରିବା ସହ ତାଙ୍କର ମନୋବଳ ବଢ଼ାଇଥିଲେ।

**ସେବା ଏକ ସାମୟିକ ବା ଋତୁ ଅନୁକୂଳ କାର୍ଯ୍ୟ ନୁହେଁ, ଏହା ଏକ ଆଧ୍ୟାତ୍ମିକ ପ୍ରକ୍ରିୟା ବୋଲି ବାର୍ତ୍ତା ଦେଇଛନ୍ତି।**

ସେଠାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଥିଲା ଅବିଶ୍ୱାସ୍ୟ। ରଥଯାତ୍ରାରେ ଭକ୍ତମାନଙ୍କ ସେବାରେ ପୂର୍ବରୁ କିଛି ଅଭିଜ୍ଞତା ରଖିଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଥିଲେ ନବନିଯୁକ୍ତ । ଯେଉଁମାନଙ୍କୁ ଆଦାନୀ ଫାଉଣ୍ଡେସନ ଓ ଆଦାନୀ ଗ୍ରୁପର ସିଏସ୍‌ଆର୍ ଶାଖା ପକ୍ଷରୁ ପ୍ରଶିକ୍ଷିତ କରାଯାଇଥିଲା। ଏହି ନବନିଯୁକ୍ତ କାର୍ଯ୍ୟକର୍ତ୍ତାମାନେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷଙ୍କୁ ସେମାନଙ୍କ ସହ ଏକା ସହିତ ଅଟା ଚକଟିବା, ଖାଦ୍ୟ ପ୍ରସ୍ତୁତ କରିବା, ଡ଼ାଲି ବାଣ୍ଟିବା ଓ ଅନ୍ୟ କାର୍ଯ୍ୟରେ ସହଯୋଗ କରିବା ଦେଖି ସେମାନେ ବିଶ୍ୱାସ କରି ପାରୁ ନ ଥିଲେ। ଏହା ତାଙ୍କ ହୃଦୟକୁ ଛୁଇଁଯାଇଥିଲା।

ପୁରୀରେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀଙ୍କ କାର୍ଯ୍ୟ ଥିଲା ଏକ ନେତୃତ୍ୱ। ଯେଉଁଥିରେ କ୍ଷମତା ପ୍ରଦର୍ଶନ ନ ଥିଲା, ଅଧିକାର ଦେଖାଇବା ନ ଥିଲା; ଏଥିରେ ଥିଲା ଦୟା, କରୁଣା, ସହାୟତା ଓ ସହଯୋଗର ଭାବ। ଏହା ଥିଲା ସେଇ ସେବା, ଯେଉଁଥିରେ ଦାନ ନୁହେଁ; ଥିଲା ପ୍ରବହମାନ ଏକ ବିଶାଳ ପରମ୍ପରାର ଅଂଶ ବିଶେଷ ମାତ୍ର । ଏହି ବର୍ଷ ଆରମ୍ଭରେ ପ୍ରୟାଗରାଜର ମହାକୁମ୍ଭ ମେଳାରେ ମଧ୍ୟ ଶ୍ରୀ ଗୌତମ ଆଦାନୀ ଓ ତାଙ୍କ ଗ୍ରୁପ୍, ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରିଥିଲେ। ପୁରୀରେ ଏହି ଆୟୋଜନ ଯଦିଓ ସ୍ୱଳ୍ପ ଥିଲା, ମାତ୍ର ଏଥିରେ ରହିଥିଲା ଏକ ସାଂସ୍କୃତିକ ଅବିରତତା ଓ ନିରବ ମର୍ଯ୍ୟାଦା।

ରଥଯାତ୍ରା ଆରମ୍ଭ ପୂର୍ବରୁ ଆଦାନୀ ଫାଉଣ୍ଡେସନ ଟିମ୍ ଖାଦ୍ୟ ପ୍ରସ୍ତୁତି ପାଇଁ ସମ୍ପୂର୍ଣ୍ଣ ଯୋଜନା କରିଥିଲେ। କେତେ ଖାଦ୍ୟ ଲାଗିବ, କେମିତି ସେବକମାନେ ପାଳିରେ କାମ କରିବେ, ପାଣି ଓ ପରିଚ୍ଛନ୍ନତା ଯୋଜନା କେମିତି ହେବ, ଏସବୁକୁ ଏକ ସଂସ୍କୃତିକ ଅନୁଭୂତି ସହ ବ୍ୟବସ୍ଥାପନା ଦକ୍ଷତାରେ ଗଠନ କରାଯାଇଥିଲା। ସମ୍ପ୍ରତି ପୁରୀ ରଥଯାତ୍ରାରେ ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶ୍ରୀ ଆଦାନୀ ନିଜେ ଏକ ଜୀବନ ସଂସ୍କୃତିର ଅଂଶ ଭାବରେ କାର୍ଯ୍ୟ କରିଛନ୍ତି। ସେବା ଏକ ସାମୟିକ ବା ଋତୁ ଅନୁକୂଳ କାର୍ଯ୍ୟ ନୁହେଁ, ଏହା ଏକ ଆଧ୍ୟାତ୍ମିକ ପ୍ରକ୍ରିୟା ବୋଲି ବାର୍ତ୍ତା ଦେଇଛନ୍ତି।











ଦିନକ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ବିଜେ: ରଥ-ପଥ ପ୍ରସ୍ତୁତ, ଭକ୍ତଙ୍କ ଗହଳିରେ ଉଚ୍ଛୁଳୁଛି ବଡ଼ଦାଣ୍ଡ (ଫଟୋ-ଅନିଲ)

## ନାକଚଣା ଦ୍ୱାରରେ ଲାଗିଲା ନନ୍ଦିଘୋଷ

# ଆଜି ନବମୀ ସନ୍ଧ୍ୟା ଦର୍ଶନ

ପୁରୀ,୩।୭(ସମିସ): ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ସରିସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ଆଉ ଦିନକ ପରେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଯିବେ ଚତୁର୍ଦ୍ଧାମୂର୍ତ୍ତି। ରବିବାର ନବମୀ ସନ୍ଧ୍ୟା ଦର୍ଶନ। ସକାଳେ ଦର୍ଶନ ଆରମ୍ଭ ହେବା ପରଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ୬ଟା ପରେ ସର୍ବସାଧାରଣ

**ଆଡ଼ପମଣ୍ଡପରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼**

ଦର୍ଶନ ବନ୍ଦ ରହିବ। ତେବେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଆରମ୍ଭ ହୋଇଯାଇଛି ବାହୁଡ଼ା ପ୍ରସ୍ତୁତି। ବୁଧବାର ତାଳଧ୍ୱଜ ଏବଂ ଦେବଦଳନ ରଥ ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିଲା। ମାତ୍ର ନୀତି ବିଳମ୍ବ ଯୋଗୁଁ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ହୋଇନଥିଲା। ଗୁରୁବାର ସକାଳେ ନନ୍ଦିଘୋଷ ରଥ ନାକଚଣା ଦ୍ୱାରରେ ଲାଗିଛି।

ଅପରପକ୍ଷେ ଶନିବାର ନବମୀ ସନ୍ଧ୍ୟା ଦର୍ଶନ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ସକାଳ ୭ଟାରୁ ଦର୍ଶନ ଆରମ୍ଭ ହେବ। ପ୍ରାୟ ଲକ୍ଷାଧିକ ଭକ୍ତ ସନ୍ଧ୍ୟା ଦର୍ଶନ କରିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହିଁ ସନ୍ଧ୍ୟା ଦର୍ଶନ ଚାଲିବ। ଏହାପରେ ଦର୍ଶନ ବନ୍ଦ ହୋଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ୍ ସମ୍ପ୍ରସାରଣ କରାଯିବ। ସନ୍ଧ୍ୟା ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ ହେବ, ସେନେଇ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ପିନାକ୍ ମିଶ୍ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ। ସନ୍ଧ୍ୟା ଦର୍ଶନ ପରେ ରାତିରେ ସେନାପଟା ଲାଗି, ବାହୁଟ କଣ୍ଠ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତି ହେବ ବୋଲି ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଆଡ଼ପମଣ୍ଡପ ଦର୍ଶନ ସରିଆସୁଥିବା ବେଳେ ଗୁରୁବାର ପ୍ରବଳ ଭିଡ଼ ହୋଇଥିଲା। ସକାଳୁ ଏହି ଭିଡ଼ ଲାଗି ରହିଥିଲା। ଏମିତିକି ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ମେଡିକାଲ ଛକ ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ଅନ୍ୟପକ୍ଷରେ ପ୍ରବଳ ଗହଳି ଯୋଗୁଁ ଗୁଣ୍ଡିଚା ମନ୍ଦିରରେ ଭକ୍ତ ଅଣନିଃଶ୍ୱାସୀ ହୋଇପଡୁଥିଲେ। ସେମାନଙ୍କୁ ଆଶୁ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଉଥିଲା।

## ନବମୀ ସନ୍ଧ୍ୟା ଦର୍ଶନ

# ଭାବ ଅନୁସାରେ ଫଳ ପ୍ରଦାନର ଦିନ

ପୁରୀ, ୩।୭ (ସମିସ): ଆଷାଢ଼ ଶୁକ୍ଳ ଦ୍ୱିତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀଗୁଣ୍ଡିଚା ଯାତ୍ରାର ଅଷ୍ଟମ ଦିବସ ତଥା ନବମୀ ତିଥିରେ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କର ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଥାଏ। ଯିବା ଏବଂ ଆସିବା ଦୁଇଦିନକୁ ଛାଡ଼ି ଏକସପ୍ତାହ ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହ ଆଡ଼ପମଣ୍ଡପରେ ଅବସ୍ଥାନ କରିଥା'ନ୍ତି। ଚଳିତବର୍ଷ କିନ୍ତୁ ୬ ଦିନ ଆଡ଼ପ ମଣ୍ଡପରେ ରହିଛନ୍ତି ଠାକୁର। ମହାପ୍ରଭୁ ଆଡ଼ପ ମଣ୍ଡପରେ ଅବସ୍ଥାନ କରୁଥିବା ସମୟରେ ଯେଉଁ ଭକ୍ତମାନେ ତାଙ୍କୁ ଗୋଟିଏ ଦିନ ଦର୍ଶନ କରନ୍ତି, ସେମାନେ ନୀଳାଦ୍ରିରେ ୧୦ବର୍ଷ ଦର୍ଶନ କରିବାର ପୁଣ୍ୟଫଳ ଲାଭ କରନ୍ତି ଓ ଦିନରେ ଦର୍ଶନ କରିବା ଅପେକ୍ଷା ରାତିରେ ଦର୍ଶନ କଲେ ଦଶଗୁଣ ଫଳପ୍ରାପ୍ତି ହୁଅନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ସନ୍ଧ୍ୟା ଦର୍ଶନର ବିଶେଷ ମହତ୍ତ୍ୱ ରହିଛି। ଏସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ସନ୍ଧ୍ୟା କାଳ ହେଉଛି ଭଗବାନଙ୍କୁ ଉପାସନା କରିବାର ପ୍ରକୃଷ୍ଟ ସମୟ। ବୈଦିକ ପରମ୍ପରା ଅନୁଯାୟୀ, ଆର୍ଯ୍ୟ ଋଷିଗଣ ପ୍ରତ୍ୟହ ତ୍ରିକାଳ ସନ୍ଧ୍ୟାରେ ଈଶ୍ୱରଙ୍କୁ ଆରାଧନା କରିଥାନ୍ତି। ଆଡ଼ପମଣ୍ଡପରେ ଏକ ସପ୍ତାହ ଧରି ଠାକୁରମାନେ ଅବସ୍ଥାନ କରୁଥିବା ସମୟରେ ପ୍ରତିଦିନ ସନ୍ଧ୍ୟା ଆସୁଥିଲେ ମଧ୍ୟ ନବମୀ ସନ୍ଧ୍ୟାର ବିଶେଷ ଗୁରୁତ୍ୱ ରହିଛି। ଏହି ସନ୍ଧ୍ୟା ହେଉଛି ଦାରୁବିଗ୍ରହମାନଙ୍କର ଆଡ଼ପମଣ୍ଡପ ଅବସ୍ଥାନର ଅନ୍ତିମ ସନ୍ଧ୍ୟା। ଏହି ଅନ୍ତିମ ସନ୍ଧ୍ୟାରେ ଜନ୍ମମାଟିରେ ସମାଗତ ପ୍ରିୟ ଭକ୍ତଗଣଙ୍କୁ ଶେଷ ଦର୍ଶନ ଦେଇ ସେମାନଙ୍କୁ ଭାବ ଅନୁସାରେ ଫଳ ପ୍ରଦାନ କରିଥାନ୍ତି ମହାପ୍ରଭୁ।

ସ୍କନ୍ଦ ପୁରାଣରେ କୁହାଯାଇଛି, ଶ୍ରୀଜଗନ୍ନାଥ ମହାପ୍ରଭୁ ଆଡ଼ପ ମଣ୍ଡପରେ ଯେଉଁ ସାତଦିନ ଅବସ୍ଥାନ କରନ୍ତି, ସେହି ସମୟରେ ପୂର୍ବ ଦିବସର କାର୍ଯ୍ୟଠାରୁ ପରଦିବସର କାର୍ଯ୍ୟ ଉତ୍ତରୋତ୍ତର ଶ୍ରେୟସ୍କର। ତଦନୁଯାୟୀ, ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଅବସ୍ଥାନର ପ୍ରଥମ ଦିବସଠାରୁ କ୍ରମରେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଉପାସନା ଉତ୍ତରୋତ୍ତର ଶ୍ରେୟସ୍କର। ଏଣୁ ଅନ୍ତିମ ଦିବସରେ ଅନୁଷ୍ଠିତ ନବମୀ ସନ୍ଧ୍ୟା ଦର୍ଶନ ବାସ୍ତବିକ ବିଶେଷ ମହତ୍ତ୍ୱ ବହନ କରିଥାଏ। ଏହି ଦିନ ବହୁସଂଖ୍ୟାରେ ଭକ୍ତ ସନ୍ଧ୍ୟା କାଳରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଭକ୍ତିର ସହିତ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସାରି ବ୍ରାହ୍ମଣମାନଙ୍କୁ ଶ୍ରୀମହାପ୍ରସାଦରେ ଆପ୍ୟାୟିତ କରିଥାନ୍ତି। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ଜନ୍ମଭୂମିରେ ପ୍ରିୟ ଭକ୍ତଗଣଙ୍କୁ ଶେଷ ସନ୍ଧ୍ୟାରେ ଦର୍ଶନ ଦେଇ ସମସ୍ତ ମନୋବାଞ୍ଛିତ ଫଳ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଆଷାଢ଼ ଶୁକ୍ଳ ନବମୀ ସନ୍ଧ୍ୟା ଦର୍ଶନ ହେଉଛି ପରମ କୃପାମୟ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କଠାରୁ ଦିବ୍ୟ କୃପା ଲାଭ କରିବାର ଏକ ମହାର୍ଘ ମୁହୂର୍ତ୍ତ।

# ବଜ୍ରପାତରେ ଦୁଇ ଯୁବକ ମୃତ

ଝାରସୁଗୁଡ଼ା,୩।୭(ସମିସ): ଝାରସୁଗୁଡ଼ା ଜିଲ୍ଲା, ବଡ଼ମାଳ ଥାନା ଅନ୍ତର୍ଗତ କୁରେବଗା ଗାଁରେ ବଜ୍ରପାତ ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ବଡ଼ମାଳ ଥାନା ବଞ୍ଜାରୀ ଗାଁର ଅଶୋକ ରୋହିଦାସ(୪୫) ଓ ଚୂଡ଼ାମଣି ରୋହିଦାସ(୨୯)। ସୂଚନାନୁଯାୟୀ, ଗୁରୁବାର ଭୋର୍ ପ୍ରାୟ ସାଢ଼େ ୪ଟାରେ ଦୁହେଁ ଗାଁ ନିକଟ ପାଉଁଶ ପୋଖରୀକୁ ଯାଇଥିଲେ। ଏହି ସମୟରେ



ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ତେଣୁ ସେମାନେ ଘରକୁ ଫେରି ଆସୁଥିଲେ। ତେବେ ବାଟରେ ସେମାନଙ୍କ ଉପରେ ଏକ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଦୁହେଁ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଡ଼ମାଳ ପୁଲିସ୍ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ହୃଦ୍‌ଘାତ ଏବେ ନୀରବ ମହାମାରୀ**

# ଲକ୍ଷେ ଲୋକରେ ୨୮୨ ହୃଦ୍‌ଘାତର ଶିକାର

ଭୁବନେଶ୍ୱର,୩।୭(ସମିସ): ଦିନକୁ ଦିନ ଦେଶ ତଥା ରାଜ୍ୟରେ ହୃଦ୍‌ଘାତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏକ ନୀରବ ମହାମାରୀ ଭାବେ ଲୋକଙ୍କ ମୁଣ୍ଡ ନେଇଚାଲିଛି। ରାଜ୍ୟ ସରକାରଙ୍କ ତଥ୍ୟାନୁସାରେ, ପ୍ରତି ଲକ୍ଷେ ଲୋକରେ ୨୮୨ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ହେଉଛି। ପୂର୍ବରୁ ଏହା କେବଳ ବୟସ୍କ ଲୋକଙ୍କ ଭିତରେ ସୀମିତ ଥିଲା। ଏବେ ଯୁବବର୍ଗ ତଥା ୧୫ରୁ ୨୦ ବର୍ଷର ପିଲା ମଧ୍ୟ ଏହାର ଶିକାର ହେଉଛନ୍ତି। ଅପମିଶ୍ରିତ ଖାଦ୍ୟ, ମାତ୍ରାଧିକ ନିଶା ଦ୍ରବ୍ୟ ସେବନ ଓ ଚିନ୍ତା ଏହାର ମୁଖ୍ୟ



କାରଣ। ଶରୀରରେ କୋଲେଷ୍ଟେରଲ୍ ପରିମାଣ ବଢ଼ିବା ସହ ଲୋକମାନେ ମୋଟାପଣର ଶିକାର ହେଉଛନ୍ତି। ଫଳରେ ଏହା ଉଚ୍ଚ ରକ୍ତଚାପ ଓ ମଧୁମେହକୁ ନିମନ୍ତ୍ରଣ କରିଥାଏ। ଫଳସ୍ୱରୂପ ଲୋକମାନେ ହୃଦ୍‌ଘାତ ଜନିତ ରୋଗର ଶିକାର ହେଉଛନ୍ତି ବୋଲି ବିଶେଷଜ୍ଞଙ୍କ ମତ।

ଅନ୍ୟପକ୍ଷରେ ହୃଦ୍‌ରୋଗୀଙ୍କ ମୃତ୍ୟୁସଂଖ୍ୟା ବଢ଼ିବାର କାରଣ ହେଉଛି ଠିକ୍ ଭାବେ ଚିକିତ୍ସା ନ ମିଳିବା। ଡାକ୍ତରମାନେ କେବଳ କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଭଳି ସହରାଞ୍ଚଳକୁ ପ୍ରାଧାନ୍ୟ ଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳର ଲୋକମାନେ ଠିକ୍ ଭାବେ ସେବା ପାଇପାରୁ ନାହାନ୍ତି। ତେଣୁ ଗତ କିଛି ବର୍ଷ ଭିତରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ହୃଦ୍‌ଘାତ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ସରକାର ଏଥିପ୍ରତି ଧ୍ୟାନ ଦେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଏହାଛଡ଼ା ହୃଦ୍‌ଘାତଜନିତ ରୋଗରୁ ମୁକ୍ତି ପାଇଁ ପ୍ରତିଦିନ ବ୍ୟାୟାମ କିମ୍ବା ଯୋଗ କରିବା ଜରୁରୀ। ସେହିପରି ଖାଦ୍ୟରେ ନିୟନ୍ତ୍ରଣ ସହ ନିଶା ଓ ତମାଖୁଠାରୁ ଦୂରରେ ରହିବା

- **ଗ୍ରାମାଞ୍ଚଳରେ ଯାଉଛି ଅଧିକ ଜୀବନ**
- **ବିଶୃଙ୍ଖଳିତ ଜୀବନଶୈଳୀକୁ ଦାୟୀ କଲେ ଡାକ୍ତର**

ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ନିକଟ ଅତୀତରେ ଅନେକ ହାଇ-ପ୍ରୋଫାଇଲ୍ ସ୍ୱଳ୍ପ ବୟସ୍କରେ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅଭିନେତା ସିଦ୍ଧାନ୍ତ ସୂର୍ଯ୍ୟବଂଶୀ, ଗାୟକ କେକେ, କମେଡିଆନ୍ ରାଜୁ ଶ୍ରୀବାସ୍ତବ ଏବଂ ରିଆଲିଟି ଟିଭି ତାରକା ସିଦ୍ଧାର୍ଥ ଶୁକ୍ଳା ଯୁବାବସ୍ଥାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି।


କାର୍ଡିଓଲୋଜିଷ୍ଟ ଡାକ୍ତର ସୁଶାନ୍ତ କୁମାର ପ୍ରଧାନଙ୍କ କହିବାନୁସାରେ, ହୃଦ୍‌ରୋଗ ଅନେକ ପ୍ରକାରରେ ହୋଇଥାଏ। ଜିନ୍‌ଗତ ହୃଦ୍‌ରୋଗ ଏକ ପ୍ରମୁଖ କାରଣ। ଏଥିସହ ଯେତେବେଳେ ହୃଦୟ ହଠାତ୍ ବନ୍ଦ ହୋଇଯାଏ, ଏହା ହୃଦ୍‌ଘାତ କିମ୍ବା ଆରିଦ୍‌ମିଆ ଯୋଗୁ ହୋଇପାରେ। ଛାତିରେ ଯନ୍ତ୍ରଣା, ଝାଳ, ମୁଣ୍ଡବିନ୍ଧା କିମ୍ବା ମୂର୍ଚ୍ଛା ହୋଇଗଲେ, ତୁରନ୍ତ ଡାକ୍ତରଙ୍କୁ ସମ୍ପର୍କ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାରଣ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚିଗଲେ, ଜୀବନ ରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ସନ୍ତୁଳିତ ଜୀବନଶୈଳୀ, ନିୟମିତ ବ୍ୟାୟାମ, ମାନସିକ ଚାପ ନିୟନ୍ତ୍ରଣ, ସୁସ୍ଥ ଖାଦ୍ୟପଦାର୍ଥ, ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏଥିରୁ ବଞ୍ଚାଇପାରିବ।

କ୍ୟାପିଟାଲ୍ ହସ୍ପିଟାଲ୍ ବରିଷ୍ଠ ଡାକ୍ତର ପ୍ରତାପ କୁମାର ଦାସ କହିଛନ୍ତି, ହୃଦ୍‌ଘାତ ପୂର୍ବରୁ ହୃଦୟର ମାଂସପେଶୀକୁ ରକ୍ତ ସଞ୍ଚାଳଣ ଧୀରେ ଧୀରେ ବନ୍ଦ ହୋଇଯାଏ। ସାଧାରଣତ ଉଚ୍ଚ ରକ୍ତଚାପ, ମଧୁମେହ, କିମ୍ବା ଅତ୍ୟଧିକ କୋଲେଷ୍ଟେରଲ୍ ଯୋଗୁଁ ହୋଇଥାଏ। ଏହାଦ୍ୱାରା ହାର୍ଟ ବିକଳାଙ୍ଗ ଅବସ୍ଥାକୁ ଚାଲି ଆସେ। ପରବର୍ତ୍ତୀ ସମୟରେ ହାର୍ଟକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଏ। ଏହାଦ୍ୱାରା ଶ୍ୱାସପ୍ରଶ୍ୱାସ ବନ୍ଦ ହୋଇଯାଏ। କାର୍ଡିଓଲୋଜିଷ୍ଟ ଡାକ୍ତର ଦିବ୍ୟ ରଞ୍ଜନ ବେହେରା କହିଛନ୍ତି, କରୋନାରୀ ଆର୍ଟେରୀ ରୋଗ ହେଉଛି ପ୍ରାପ୍ତବୟସ୍କମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ ଓ ବିପଜ୍ଜନକ ହୃଦ୍‌ରୋଗ। ଧୂମ୍ରପାନ, ଦୁର୍ବଳ ଜୀବନଶୈଳୀ, ମାନସିକ ଚାପ ଏବଂ ଅସୁସ୍ଥ ଖାଦ୍ୟପଦାର୍ଥ ଯୋଗୁଁ ଅନେକ ଯୁବକଙ୍କୁ ଏହା ପ୍ରଭାବିତ କରୁଛି। ବର୍ତ୍ତମାନ ସମୟରେ ମାତ୍ରାଧିକ ଫାଷ୍ଟଫୁଡ୍ ସେବନ ଯୋଗୁଁ ମଧ୍ୟ ହୃଦ୍‌ରୋଗ ହେଉଥିବା ସେ କହିଛନ୍ତି।

## ରବି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା

# ଚାଷୀଙ୍କୁ ସରକାରଙ୍କ ପ୍ରତାରଣା: ନବୀନ

ଭୁବନେଶ୍ୱର, ୩।୭ (ସମିସ): ଚଳିତ ବର୍ଷ ପଞ୍ଜିକରଣ କରିଥିବା ସମସ୍ତ ଚାଷୀଙ୍କଠାରୁ ରାଜ୍ୟ ସରକାର ରବି ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କର ଲକ୍ଷାଧିକ କ୍ୱିଣ୍ଟାଲ୍ ଧାନ ଏପର୍ଯ୍ୟନ୍ତ ବିକ୍ରି ନ ହୋଇ ପଡ଼ିରହିଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ମୌସୁମୀ ବର୍ଷାରେ ହଜାର ହଜାର କ୍ୱିଣ୍ଟାଲ୍ ଧାନ ଭିଜି ଗଜା ହୋଇଥିବା ବେଳେ ସରକାର ଚାଷୀଙ୍କ ଦୁଃଖ ଶୁଣୁ ନାହାନ୍ତି ଓ ସେମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ନବୀନ କହିଛନ୍ତି।



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଯେଉଁ ଚାଷୀଙ୍କର ବଳକା ଧାନ ମଣ୍ଡିରେ ବିକ୍ରି କରିବାକୁ ପଞ୍ଜିକରଣ ହୋଇଛି, ଏଥିପାଇଁ ଜାରି ହୋଇଥିବା ଟୋକନ ଲାପ୍ସ ହେବ ନାହିଁ ବୋଲି ସରକାର କହିଥିଲେ। ଏପରିକି ଆବଶ୍ୟକସ୍ଥଳେ ଟୋକନ୍‌ର ଅବଧି ମଧ୍ୟ ବୃଦ୍ଧି କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଦୁର୍ଭାଗ୍ୟର କଥା, ଅଚାନକ ରାଜ୍ୟ ସରକାର ଜୁନ ୩୦ ତାରିଖ ଧାନ ବିକ୍ରି ଲାଗି ପଞ୍ଜିକରଣର ଶେଷ ଦିନରେ ଆଇସ୍କାନ୍ କରି ଧାନ କିଣିବା ଘୋଷଣା କରୁଛନ୍ତି। ରାଜ୍ୟ ସରକାରଙ୍କର ଏପରି ଚାଷୀମାରଣ ନୀତି ଯୋଗୁଁ ଓଡ଼ିଶାର ହଜାର ହଜାର ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଭଳି ନିଷ୍ପତ୍ତି ଚାଷୀଙ୍କ ପ୍ରତି ଅତ୍ୟନ୍ତ ବେପରୁଆ ମନୋଭାବ ଓ ଘୋର ପ୍ରତାରଣା କହିଲେ ଭୁଲ ହେବନାହିଁ ବୋଲି ନବୀନ କହିଛନ୍ତି। ଏହା ସହ ଚାଷୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିପ୍ରତି ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀମାନଙ୍କ ବଳକା ଧାନ ସରକାର କ୍ରୟ କରନ୍ତୁ। ଲାପ୍ସ ହୋଇଥିବା ଟୋକନର ଅବଧି ବୃଦ୍ଧି କରାଯିବା ସାଙ୍ଗକୁ ଧାନ କ୍ରୟ ସୀମା ମଧ୍ୟ ବୃଦ୍ଧି କରାଯାଉ। ଏହା ଫଳରେ ଓଡ଼ିଶାର ଚାଷୀ ଭାଇଭଉଣୀମାନେ ଆଶ୍ୱସ୍ତ ହେବା ସହ ବହୁତ ଉପକୃତ ହେବେ ବୋଲି ନବୀନ କହିଛନ୍ତି ।

# ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କଲେ ଗଜପତି

ପୁରୀ,୩।୭(ସମିସ): ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହଦେବ। ଗୁରୁବାର ପୂର୍ବାହ୍ଣରେ ଗଜପତି ମହାରାଜା ଶ୍ରୀନଅରରୁ ବାହାରି ଦକ୍ଷିଣଦ୍ୱାରରେ



ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସ୍ୱାଗତ କରି ଭିତରକୁ ପାଛୋଟି ନେଇଥିଲେ। ଗଜପତି ମହାରାଜା ଉଭୟ ଭିତର ଏବଂ ବାହାର ରତ୍ନଭଣ୍ଡାର ବୁଲି ଦେଖିଥିଲେ। ଏଏସ୍‌ଆଇ ପକ୍ଷରୁ ଚାଲିଥିବା ରତ୍ନଭଣ୍ଡାର ମରାମତି କାମ ଅନୁଧ୍ୟାନ କରିଥିଲେ। ଆଉ କ'ଣ କାମ ରହିଛି ସେ ବିଷୟରେ ଏଏସ୍‌ଆଇ ଅଧିକାରୀଙ୍କୁ ପଚାରି ବୁଝିଥିଲେ।

ପ୍ରାୟ ୪୦ ମିନିଟ୍ ମନ୍ଦିରରେ ରହି ଫେରିଥିଲେ ଗଜପତି ମହାରାଜା। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗଜପତି କହିଥିଲେ, ନୀଳାଦ୍ରିବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହୋଇଯିବ। ଏବେ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଭିତରୁ ଅତି ସୁନ୍ଦର ମଧ୍ୟ ଦେଖାଯାଉଛି। ମନ୍ଦିରର ନିର୍ମାଣଶୈଳୀ ଅନୁସାରେ ଶାଣ ପଥରରେ ସମସ୍ତ କାମ

- **ନୀଳାଦ୍ରି ବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହେବ**
- **୬୦୦ ଖରାପ ପଥର ବଦଳା ଯାଇଛି**
- **ରତ୍ନଭଣ୍ଡାର ଏବେ ସୁରକ୍ଷିତ ଆଉ ସୁନ୍ଦର ଦିଶୁଛି**

କରାଯାଇଛି। ଖରାପ ହୋଇଯାଇଥିବା ଅନେକ ବିମ୍ ଏବଂ ପଥର ବଦଳାଯାଇଛି। ପାଖାପାଖି ୬୦୦ ପୁରୁଣା ପଥର କଢ଼ାଯାଇ ନୂଆ ଶାଣ ପଥର ଲଗାଯାଇଛି। ମହାପ୍ରଭୁଙ୍କ କୃପାରୁ କାମ ଏବେ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି।

ସେହିପରି ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତି ସମ୍ପର୍କରେ ଗଜପତି ମହାରାଜା କହିଥିଲେ, ନୀଳାଦ୍ରିବିଜେ ଭିତରେ ରତ୍ନଭଣ୍ଡାର କାମ ସରିଯିବ। ମହାପ୍ରଭୁ ରତ୍ନସିଂହାସନରେ ବିଜେ କରିବା ପରେ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଏଥିପାଇଁ ଗଠିତ ସ୍ୱତନ୍ତ୍ର କମିଟି ଆନୁକୂଲ୍ୟରେ ଗଣତିମଣତି କାମ ଅତିଶୀଘ୍ର ଆରମ୍ଭ ହେବ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ଗଜପତି ମହାରାଜା ନିଜେ ତଦାରଖ କରି ବୈଷୟିକ କମିଟିକୁ ଧନ୍ୟବାଦ ଦେଇଛନ୍ତି। ଭିତର ରତ୍ନଭଣ୍ଡାର ମରାମତି କାମ ପ୍ରାୟତଃ ଶେଷ ହୋଇଛି। ବାହାର ରତ୍ନଭଣ୍ଡାର କାମ ଦିନେ ଦୁଇଦିନ ଭିତରେ ଶେଷ ହେବ ବୋଲି କହିଛନ୍ତି। ଗଜପତିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡନାୟକ ପ୍ରମୁଖ ସାମିଲ ଥିଲେ।

ସୂଚନାଥାଉ କି, ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। ଭିତର ଭଣ୍ଡାର ଘରେ ଅନେକ ପଥର ବଦଳାଇ ଥିବା ବେଳେ ସମସ୍ତ ବିମ୍‌କୁ ଶକ୍ତ କରଯାଇଛି। ଭଣ୍ଡାରର ବାହାର ଓ ଭିତର ଅଂଶକୁ ରାସାୟନିକ ପ୍ରଲେପ ଦେଇ ସଂରକ୍ଷଣ କରାଯାଉଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟରେ ୮୦ରୁ ଅଧିକ କୁଶଳୀ କାରିଗର ପର୍ଯ୍ୟାୟ କ୍ରମେ ଲାଗିଛନ୍ତି। ଶ୍ରୀମନ୍ଦିରର ସମସ୍ତ ରୂପା ଦ୍ୱାରକୁ ପରିଷ୍କାର କରାଯାଉଥିବା ବେଳେ ବଳକା ଥିବା ଦ୍ୱାରକୁ ବର୍ମାଟିକ କାଠରେ ନୂଆ କବାଟ ଲଗାଯିବ। ଗର୍ଭଗୃହର କାଠ ନିର୍ମିତ କନକ ମୁଣ୍ଡିକୁ ବଦଳାଯାଇ ଷ୍ଟେନଲେସ୍ ଷ୍ଟିଲ ଲଗାଯାଉଛି।

# 'ଶବରୀ ଭବନ' ଯୁବ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩।୭ (ସମିସ): ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜଠାରେ ନିର୍ମିତ 'ଶବରୀ ସାଂସ୍କୃତିକ ଭବନ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ଏବଂ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବା ସହ ନୂଆପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ। ଏହାର ଉନ୍ନତୀକରଣ ପାଇଁ ୨କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ସହ ଆବଶ୍ୟକ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲ୍ଲାର ଆଦିବାସୀ ଭାଇ-ଭଉଣୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏହା ଏକ କେନ୍ଦ୍ର ହେବାକୁ ଥିବା ବେଳେ ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନତା ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭାଇ-ଭଉଣୀମାନେ ଏଠାକୁ ଆସିଲେ ନିଜ ଘର ପରି ଅନୁଭବ କରିବା ସହ ଶିକ୍ଷା, ଚିକିତ୍ସା, ନିଯୁକ୍ତି, ଓ ଉନ୍ନତିର ମାର୍ଗ ଏହିଠାରୁ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ଗଣ ଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ, ସାଂସଦ ମୁନା ଖାନ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କ ସମେତ ବହୁ ରାଜନେତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶବରୀ ସାଂସ୍କୃତିକ ପରିଷଦର ଉପ-ସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟକୁ ନବୀନଙ୍କ ଭର୍ତ୍ସନା**

# ନିର୍ବାଚିତ ଜନପ୍ରତିନିଧିଙ୍କ ଏପରି ଶବ୍ଦ ଅସହ୍ୟ ଓ ଅମାନବିକ

**ଭୁବନେଶ୍ୱର,୩।୭ (ସମିସ):** ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ କୁତ୍ସିତ ମନ୍ତବ୍ୟକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଏପରି ଶବ୍ଦ ପ୍ରୟୋଗ ଅତ୍ୟନ୍ତ ଅମାନବିକ ଓ ଅସହ୍ୟ ବୋଲି ନବୀନ କହିଛନ୍ତି।



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ବିଜେଡିର ଜଣେ ସମ୍ମାନନୀୟା ନେତ୍ରୀଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଏପରି ଅପମାନଜନକ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦ । ରାଜନୈତିକ ପ୍ରତିଉତ୍ତର ଭାବରେ ସର୍ବସାଧାରଣରେ ଜଣେ ମହିଳାଙ୍କ ଚରିତ୍ର ସଂହାର କରିବା ରୁଗ୍ଣ ମାନସିକତାର ପରିଚୟ ଓ ମହିଳାଙ୍କ ସ୍ୱର ଚପାଇ ଦେବାକୁ ଉଦ୍ଦିଷ୍ଟ। ସବୁଠୁ ଅଧିକ ଦୁଃଖର ବିଷୟ ହେଉଛି ବିଜେପି ନେତାମାନଙ୍କର ଗଭୀର ନୀରବତା। ଜଣେ କେହି ବି ନେତା ଏପରି ଘୃଣ୍ୟ ମନ୍ତବ୍ୟକୁ ନିନ୍ଦା କରିବା ସହିତ ବିଧାୟକଙ୍କୁ ଉତ୍ତରଦାୟୀ କରିବାକୁ ମଧ୍ୟ ଆଗକୁ ଆସିନାହାନ୍ତି। ଏପରି ବ୍ୟବହାର ନେଇ ସମସ୍ତଙ୍କ ନୀରବତା ସରକାରୀ ଦଳର ଆଭିମୁଖ୍ୟ ବେଶ୍ ସ୍ପଷ୍ଟ ଭାବେ ସର୍ବସାଧାରଣରେ ଦର୍ଶାଉଛି। ମହିଳାଙ୍କ ସଶକ୍ତିକରଣ ବିଷୟରେ ଉପଦେଶ ଦେବା ପୂର୍ବରୁ, ରାଜନେତାମାନେ ପ୍ରଥମେ ମହିଳାଙ୍କୁ ସମ୍ମାନ ଜଣାଇବାର ମୌଳିକ ନୀତି ଶିଖିବା ଦରକାର। ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ଏପରି ଲଜ୍ଜାଜନକସ୍ତରକୁ ଆସିବା ବେଶ୍ ବିରଳ। ତେଣୁ ଓଡ଼ିଶାର ସମସ୍ତ ସଚେତନ ନାଗରିକଙ୍କୁ ଏପରି ରୁଗ୍ଣ ମାନସିକତା ଥିବା ତଥା ନାରୀ ବିରୋଧୀ ମନୋଭାବ ରଖି ରାଜ୍ୟ ବିଧାନସଭାରେ ସ୍ଥାନ ଜମାଇଥିବା ଲୋକମାନଙ୍କର ଅସଲ ଚେହେରାକୁ ଚିହ୍ନନ୍ତୁ ବୋଲି ନବୀନ ଆହ୍ୱାନ ଦେଇଛନ୍ତି। ଏହାସହିତ ଦଳମତ ନିର୍ବିଶେଷରେ ଏହାକୁ ବିରୋଧ କରିବା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଏକ ହେବା ଉଚିତ ବୋଲି ନବୀନ କହିଛନ୍ତି।

**ହାତୀ ଦାନ୍ତ ଚୋରିକୁ ଚପାଇବା ପାଇଁ ନାରୀ ଜାତିକୁ ଅପମାନ**

# ବିଜେପି ବିଧାୟକ ସନ୍ତୋଷ ଖଟୁଆ ନାରୀ ଜାତିକୁ କ୍ଷମା ମାଗନ୍ତୁ: ବିଜେଡି

**ଭୁବନେଶ୍ୱର,୩।୭ (ସମିସ):** ହାତୀ ଶିକାର ଓ ହାତୀ ଦାନ୍ତ ଚୋରି ଘଟଣାରେ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ସମ୍ପୃକ୍ତି ଅଭିଯୋଗ କରିଥିବା ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହରଙ୍କ ପ୍ରତି ଅତ୍ୟନ୍ତ କୁତ୍ସିତ ଓ ଅରୁଚିକର ମନ୍ତବ୍ୟ ଦେଇଛନ୍ତି ଶ୍ରୀ ଖଟୁଆ। ଏଭଳି ମନ୍ତବ୍ୟକୁ ବିଜେଡି ଦୃଢ ନିନ୍ଦା କରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଶ୍ରୀ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦଳ ଦାବି କରିଛି।



ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବନ ବିଭାଗ ଅଧିକାରୀମାନେ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ହାତୀ ଦାନ୍ତ ଚୋରଙ୍କୁ ଧରିଥିଲା। ତେଣୁ ଏପରି ଏକ ସ୍ପର୍ଶକାତର ମାମଲାରେ ବିଧାୟକଙ୍କ ସମ୍ପୃକ୍ତି ନେଇ ବିଜେଡି ଅଭିଯୋଗ କରିବା ସହ ତାଙ୍କୁ କାହିଁକି ଗିରଫ କରାଯିବ ନାହିଁ ବୋଲି ପ୍ରଶ୍ନ କରିଥିଲା। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ବିଜେପି ବିଧାୟକ ଶ୍ରୀ ଖଟୁଆ ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ କରିଛନ୍ତି। ଜଣେ ମହିଳାର ମୁହଁକୁ ଆଧାର କରି ଯଦି ନକାରାତ୍ମକ ଟିପ୍ପଣୀ ଦିଆଯାଏ ତାହା କେବେହେଲେ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ମହିଳାମାନଙ୍କ ପ୍ରତି ଏଭଳି ଭାଷା ପ୍ରୟୋଗ କରିବା ପାଇଁ ତା'ର ବିଧାୟକମାନଙ୍କୁ ବିଜେପି ଏଭଳି ତାଲିମ ଦେଇଛି କି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ମହିଳାମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ରାଜନୀତିରେ ସାମିଲ ହେବା ପାଇଁ ପ୍ରବାଦ ପୁରୁଷ ବିଜୁ ବାବୁ ଯେଉଁ ଧାରା ଆରମ୍ଭ କରିଥିଲେ, ସେହି ଧାରାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ନେଇଥିଲେ। ସମ୍ମାନର ସହ ମହିଳାମାନେ ସମାଜରେ ଛିଡା ହେବା ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିଲା ପରେ ମହିଳାମାନେ ରାଜନୀତିକୁ ନ ଆସନ୍ତୁ ବୋଲି ଦଳ ଚାହୁଁଥିବା ଜଣାପଡ଼ିଛି। ବିଧାୟକ ଶ୍ରୀ ଖଟୁଆଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ ଓ ଏହା ସମଗ୍ର ନାରୀ ଜାତି ପ୍ରତି ଅପମାନ। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ନାରୀ ଜାତିଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ ଦାବି କରିଛନ୍ତି।

- **ବିଧାୟକଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ**
- **ହାତୀ ଦାନ୍ତ ଚୋରଙ୍କ ସହ ନୀଳଗିରି ବିଧାୟକଙ୍କ ସଂପୃକ୍ତି ଅଭିଯୋଗ**

# ୬ରେ ହୀରାକୁଦ ଛାଡ଼ିବ ପ୍ରଥମ ବନ୍ୟାଜଳ

**ସମ୍ବଲପୁର,୩।୭ (ସମିସ):** ଆସନ୍ତା ୬ ତାରିଖ ସକାଳ ୧୦ଟାରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଏଥିଯୋଗୁଁ ମହାନଦୀ ଓ ତା'ର ଶାଖାନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କୌଣସି ଦୁର୍ଘଟଣା ପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।



ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଗୁରୁବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୦୩.୨୫ଫୁଟ୍ ରହିଥିଲା। ବର୍ତ୍ତମାନ ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୦୧୩୪୯ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲୱେ, ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୪୨୫୪ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅପରପକ୍ଷେ, ଉପରମୁଣ୍ଡରେ ୩୦.୧୧ମିମି ଏବଂ ତଳମୁଣ୍ଡରେ ୩୭.୫୧ମିମି ବର୍ଷା ହୋଇଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଅପରପକ୍ଷେ, ବର୍ଷାଜଳ ନିଷ୍କାସନର ଦିନ ଓ ସମୟ ସମ୍ପର୍କରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର, କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ, କଟକ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁରଙ୍କ ସହ ସମ୍ବଲପୁର, ବରଗଡ଼, ସୋନପୁର, ଅନୁଗୋଳ, ବୌଦ୍ଧ, ନୟାଗଡ଼, କଟକ, ଫୁଲବାଣୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ, କଟକ ମହାନଗର ନିଗମ ଆୟୁକ୍ତ, ସୋନପୁର, ବୌଦ୍ଧ, ଆଠମଲ୍ଲିକ ଓ ବାଙ୍କୀ ପୌରନିର୍ବାହୀ ଅଧିକାରୀ ଏବଂ ପିଏଚ୍‌ଡି, ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧରେ ସମୁଦାୟ ୯୮ଟି ଜଳ ନିଷ୍କାସନ ଫାଟକ ରହିଛି। ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ନଦୀବନ୍ଧରେ ୬୪ଟି ସ୍ଲୁଇସ୍ ଫାଟକ ଓ ୩୪ଟି କ୍ରେଷ୍ଟ ଫାଟକ ରହିଛି। ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥାଏ। ଗତବର୍ଷ ଜୁଲାଇ ୨୮ରେ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବା ବେଳେ ୨୦୨୩ ଜୁଲାଇ ୨୩ତାରିଖ, ୨୦୨୨ ଜୁନ୍ ୨୫ ତାରିଖ, ୨୦୨୧ ସେପ୍ଟେମ୍ବର ୧୪ତାରିଖ, ୨୦୨୦ ଜୁନ୍ ୨୫ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।

## ଜାରି ରହିବ ବର୍ଷାର ପ୍ରଭାବ

**ଭୁବନେଶ୍ୱର, ୩।୭ (ସମିସ):** ଉତ୍ତର ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହିତ ମୌସୁମୀ ଜନିତ ନିମ୍ନଚାପ ରେଖାର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହୁଛି। ଏଭଳି ଦୁଇଟି ପାଣିପାଗ ନିୟାମକ ଯୋଗୁଁ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଏଭଳି ସ୍ଥିତି ଆହୁରି ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ସାଢ଼େ ୫ ଟା ସୁଦ୍ଧା ଭୁବନେଶ୍ୱରରେ ୩୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୪୩, କୋରାପୁଟରେ ୧୪ ଏବଂ ବୌଦ୍ଧରେ ୧୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟରେ ଭଲ ବର୍ଷା ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୁନ୍ଦରଗଡ଼ରେ ସବୁଠୁ ଅଧିକ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବଲାଙ୍ଗିର, ନୂଆପଡ଼ା ଆଦିରେ ମଧ୍ୟ ଭଲ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ୬-୮ ଜୁଲାଇ ମଧ୍ୟରେ ଉତ୍ତର ଉପକୂଳ, ଉତ୍ତର, ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ଭାରି-ଅତି ଭାରି ବର୍ଷା ସମ୍ଭାବନା ରହିଛି। ଏହା ପରେ ୩-୪ଦିନ ବର୍ଷା ପରିମାଣ କମିବା ସହ ପରବର୍ତ୍ତୀ ସମୟରେ ଅର୍ଥାତ ୧୧-୧୨ ବେଳକୁ ପୁଣି ବର୍ଷା ବଢ଼ିବ ବୋଲି ଆକଳନ କରାଯାଉଛି।

# ଗ୍ରୀନ୍ ଇଣ୍ଡିଆ ଗଞ୍ଜାମ ଜିଲ୍ଲା ମୁଖ୍ୟ ଗିରଫ

**ଜଗନ୍ନାଥପ୍ରସାଦ,୩।୭ (ସମିସ):** ଚିଟ୍‌ଫଣ୍ଡ ସଂସ୍ଥା 'ଗ୍ରିନ୍ ଇଣ୍ଡିଆ'ର ଗଞ୍ଜାମ ଜିଲ୍ଲା ମୁଖ୍ୟଙ୍କୁ ଜଗନ୍ନାଥପ୍ରସାଦ ଥାନା ପୁଲିସ୍ ଗିରଫ କରିଛି। ସେ ହେଲେ, ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗ୍ରାମର ରଞ୍ଜନ ପରିଡ଼ା। ସେ ୨୦୧୪ ମସିହାରୁ ଫେରାର୍ ଥିଲେ। ତାଙ୍କ ନାମରେ ୧୦ କୋଟିର ଠକେଇ ଅଭିଯୋଗ ରହିଥିଲା। ପୂର୍ବରୁ ରୁଜୁ ମାମଲା ୬୨/୧୪, ଧାରା ୪୨୦, ୩୪ ଆଧାରରେ ପୁଲିସ୍ ତାଙ୍କୁ ଆଜି କୋର୍ଟଚାଲାଣ କରିଥିବା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି।



ପୁଲିସ୍ ସୂଚନାନୁଯାୟୀ, 'ଗ୍ରିନ୍ ଇଣ୍ଡିଆ' ଜଗନ୍ନାଥପ୍ରସାଦ ଅଞ୍ଚଳରେ ଏକ ଅଫିସ୍ ଖୋଲି ଲୋକଙ୍କୁ ନିବେଶ ପାଇଁ ପ୍ରବର୍ତ୍ତାଇଥିଲା। ତେବେ ବେଶ୍ କିଛି ଦିନ ଧରି ସଂସ୍ଥା ସ୍ଥାନୀୟ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିବା ପରେ ରାତାରାତି କାର୍ଯ୍ୟାଳୟ ବନ୍ଦ କରିଦେଇଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ୫ ବର୍ଷ ତଳେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ସଂସ୍ଥାର ଗଞ୍ଜାମ ଜିଲ୍ଲା ନିର୍ଦ୍ଦେଶକ/ ମହାପ୍ରବନ୍ଧକ ରଞ୍ଜନ ପରିଡ଼ା ପୁଲିସ୍ ଆଖିରେ ଧୂଳି ଦେଇ ଫେରାର୍ ହୋଇଯାଇଥିଲେ। ତାଙ୍କ ନାମରେ ୧୦ କୋଟି ଟଙ୍କାର ଠକେଇର ଅଭିଯୋଗ ରହିଥିଲା। ପୁଲିସ୍ ତାଙ୍କୁ ଧରିବା ପାଇଁ ତାଙ୍କ ଘର ରାଳବ ଗ୍ରାମରେ ବହୁବାର ଚଢ଼ଉ କରିଥିଲେ ହେଁ ସଫଳ ହୋଇପାରିନଥିଲା। ଅପରପକ୍ଷେ, ରଞ୍ଜନ ବାରମ୍ବାର ବାରମ୍ବାର ମୋବାଇଲ ସିମ୍ ବଦଳାଇ ବିଭିନ୍ନ ରାଜ୍ୟ ବୁଲୁଥିବାରୁ ତାଙ୍କୁ ଟ୍ରାକ୍ କରିବା ବି ପୁଲିସ୍ ପାଇଁ କାଠିକର ହୋଇଥିଲା। ତେବେ କିଛି ଦିନ ହେବ ସେ ବ୍ରହ୍ମପୁରରେ ରହୁଥିବା ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। ତେଣୁ ଜଗନ୍ନାଥ ପ୍ରସାଦ ପୁଲିସ ବ୍ରହ୍ମପୁରସ୍ଥିତ ସୂରଜବିହାର ଷଷ୍ଠ ଲାଇନ୍‌ରେ ଥିବା ତାଙ୍କର ବିଳାସପୂର୍ଣ୍ଣ ବଙ୍ଗଳା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଏହାରି ଭିତରେ ବ୍ରହ୍ମପୁର ଟାଉନ୍ ଥାନା ସହଯୋଗରେ ତାଙ୍କର ଗ୍ୟାସ୍ କନେକ୍ସନ୍, ଟିଭି ଲାଇନ, ମୋବାଇଲ ରିଚାର୍ଜ ଭଳି ଅନେକ ସୂତ୍ରରୁ ତା'ର ଗତିବିଧି ଓ ରହଣି ସ୍ଥାନ ନେଇ ଖବର ସଂଗ୍ରହ କରିଥିଲା। ଗତ ୨ ତାରିଖ ଦିନ ସେ ଘରେ ଥିବା ଜାଣିପାରି ଅତର୍କିତ ଚଢ଼ଉ କରି ଧରିବାରେ ସଫଳ ହୋଇଥିଲା। ସେଠାରୁ ଅଭିଯୁକ୍ତଙ୍କୁ ଧରି ଜଗନ୍ନାଥପ୍ରସାଦ ଥାନାକୁ ଅଣାଯାଇଥିଲା। ଏହି ଚଢ଼ଉରେ ଥାନା ଏଏସ୍‌ଆଇ ପ୍ରିୟରଞ୍ଜନ ମିଶ୍ର, ହାବିଲଦାର ଦିଲ୍ଲୀପ କୁମାର ରଣା, ମହେଶ୍ୱର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

- **୧୧ ବର୍ଷ ପରେ ଧରା ହେଲା**
- **ସିମ୍ ବଦଳାଇ ପୁଲିସ୍**

# ସରଣ୍ଡାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ; ଯବାନ ଗୁରୁତର

**ରାଉରକେଲା, ୩।୭ (ସମିସ):** ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଗୁରୁବାର ଭୋର୍‌ରେ ସର୍ଚ୍ଚ ଅପରେସନ୍ ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ଜଣେ ଯବାନ ଗୁରୁତର ହୋଇଛନ୍ତି। ସେ ହେଲେ, ଝାଡ଼ଖଣ୍ଡ ଜାଗୁଆର୍ ଟିମ୍‌ର ମନୋଜ ଦମାଇ। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ଏୟାରଲିଫ୍ଟ କରାଯାଇଛି। ଛୋଟନାଗରା ଥାନା ଅଧୀନ ବାବୁଡେରା ନିକଟ ସରଣ୍ଡା ଜଙ୍ଗଲରେ ଏହି ବିସ୍ଫୋରଣ ଘଟିଛି। ଦୁଇଦିନ ତଳେ ଝାଡ଼ଖଣ୍ଡ ଜାଗୁଆର୍ ଓ ସିଆରପିଏଫ୍ ୬୦ ବାଟାଲିୟନ ଅର୍ଦ୍ଧସାମରିକ ବାହିନୀ ମିଳିତ ସର୍ଚ୍ଚ ଅପରେସନ୍ କରି ସରଣ୍ଡା ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ଥିବା ପ୍ରାୟ ୧୮ ହଜାର ଡେଟୋନେଟର୍ ଜବତ କରିଥିଲେ।



ସୂଚନାଯୋଗ୍ୟ, ମାଓଅଧ୍ୟୁଷିତ ବଣାଇଁ ଉପଖଣ୍ଡକୁ ମାଓବାଦୀମୁକ୍ତ ଅଞ୍ଚଳ ଘୋଷଣା କରି ଏଠାରେ ମୁତୟନ ଅର୍ଦ୍ଧସାମରିକ ବାହିନୀ (ସିଆର୍‌ପିଏଫ୍) ପୋଷ୍ଟଗୁଡ଼ିକୁ ୨୦୧୫ ମସିହାରେ ଅପସାରଣ କରି ନିଆଯାଇଥିଲା। ଫଳରେ, ବେଶ୍ କିଛି ଦିନ ନିରବ ରହିବା ପରେ ଛୋଟନାଗପୁର ମାଓ ଡିଭିଜନ୍ ଏବେ ପୁନଃସକ୍ରିୟ ହୋଇ ବଳ ଗୋଟାଇବାରେ ଲାଗିଥିବା କୁହାଯାଉଛି। ଦୀର୍ଘ ଦିନ ଧରି ସେମାନେ ଅସ୍ତିତ୍ୱ ଜାହିର କରିଥିବା ସତ୍ତ୍ୱେ ପୁଲିସ ହେୟମନୋଭାବ ପୋଷଣ କରି ଗୁରୁତ୍ୱ ନଦେବା ଏବଂ ପୁଲିସ ଓ ସାଧାରଣଲୋକଙ୍କ ସମ୍ପର୍କରେ ଦୂରତା ସୃଷ୍ଟି ମାଓ ସଂଗଠନ ପାଇଁ ଅଦୃଶ୍ୟ ବରଦାନ ସାଜିଥିବା ଏବେ ସ୍ପଷ୍ଟ ହୋଇଛି। ଦୀର୍ଘ ଦିନ ହେବ, ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରୁ ଅପସାରିତ ଅର୍ଦ୍ଧସାମରିକ ବାହିନୀଙ୍କୁ ପୁନଃ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ମୁତୟନ ନକଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଭିଜିଲାନ୍ସ ଜାଲରେ ଆଉ ଜଣେ କୁବେର ଯନ୍ତ୍ରୀ

**ଟିଟିଲାଗଡ଼/ସମ୍ବଲପୁର/ଝାରସୁଗୁଡ଼ା, ୩।୭ (ସମିସ):** ବାକ୍ସ ଖଟର ଗଦି ତଳେ ଥିଲା ସ୍ୱତନ୍ତ୍ର ଚାମ୍ବର। ତାଲା ପଡ଼ିଥିବା ଉକ୍ତ ଚାମ୍ବରକୁ ଖୋଲିବାରୁ ସେଥିରୁ ମିଳିଥିଲା ବିଡ଼ାବିଡ଼ା ଟଙ୍କା। ଏହାସହ ଘରେ ରହିଥିଲା ପୁଳାପୁଳା ସୁନା ଗହଣା। ଖାଲି ସେତିକି ନୁହେଁ, ବାବୁଙ୍କ ନାଁରେ ଅଛି ୪ଟି ବିଲ୍ଡିଂ, ୯ଟି ପ୍ଲଟ୍ ଓ ମାର୍କେଟ୍ କଂପ୍ଲେକ୍ସ। ବ୍ୟାଙ୍କ ଡିପୋଜିଟ୍ ଏବଂ ନିବେଶ ବି କମ୍ ନୁହେଁ। ଭିଜିଲାନ୍ସ ଆଜି ପୁଣି ଏକ ବଡ଼ ହାତ ମାରିଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଟିଟିଲାଗଡ଼ ଆର୍ ଆଣ୍ଡ ବି ସବ୍‌ଡିଭିଜନ୍‌ର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କ ଟିଟିଲାଗଡ଼ସ୍ଥିତ କାର୍ଯ୍ୟାଳୟ ସମେତ ସମ୍ବଲପୁର, ଝାରସୁଗୁଡ଼ା, ବ୍ରଜରାଜନଗର ଆଦି ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି।

ଗୁରୁବାର ସକାଳ ୭ଟାରୁ ଡିଲେଶ୍ୱରଙ୍କ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀଛକସ୍ଥିତ ପୈତୃକ ବାସଭବନ, ମାର୍କେଟ କମ୍ପ୍ଲେକ୍ସ ଏବଂ ଲହଣ୍ଡାବୁଡସ୍ଥିତ ଦୁଇଟି ଘରେ ଚଢ଼ଉ ହୋଇଥିଲା। ତାଙ୍କର ପୈତୃକ ଘରେ ଏବେ କେବଳ ଜଣେ ଜଗୁଆଳି ରହୁଥିଲେ। ଜରାଜୀର୍ଣ୍ଣ ଦିଶୁଥିବା ଏହି ଘରୁ ଜମିଜମା ସମ୍ପର୍କିତ ଅନେକ ମୂଲ୍ୟବାନ କାଗଜପତ୍ର ଜବତ ହୋଇଛି। ପରେ ଗାନ୍ଧୀଛକ ନିକଟରେ ଜାତୀୟ ରାଜପଥ-୪୯ ସମ୍ମୁଖରେ ଥିବା ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସର ସ୍ଥାନ ପରିସୀମା ଏବଂ ମୂଲ୍ୟ ଭିଜିଲାନ୍ସ ବିଭାଗ ଆକଳନ କରିଛି। ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ପରେ ଡିଲେଶ୍ୱରଙ୍କ ଝାରସୁଗୁଡ଼ା ବଡମାଲରେ ଏବଂ ବ୍ରଜରାଜନଗରରେ ମୂଲ୍ୟବାନ ପ୍ଲଟ ଥିବା ଜଣାପଡ଼ିଛି। ୪ଜଣ ଡିଏସପିଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ସମ୍ବଲପୁର ଭିଜିଲାନ୍ସ ଟିମ୍‌ର ତିନିଜଣ ଇନ୍ସପେକ୍ଟର, ଜଣେ ଏଏସ୍‌ଆଇଙ୍କ ସମେତ ୫ ଜଣିଆ ଟିମ୍ ଝାରସୁଗୁଡ଼ାରେ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲେ।



ଡିଲେଶ୍ୱରଙ୍କ ବିଭିନ୍ନ ଠିକଣାରେ ଚଢ଼ଉରେ ପୁଳାପୁଳା ଟଙ୍କା, ସୁନା ଗହଣା, ନଗଦ ଟଙ୍କା ଜବତ ହୋଇଛି। ଏ ପର୍ଯ୍ୟନ୍ତ ଠାବ ହୋଇଥିବା ସମ୍ପତ୍ତିରେ ୪ଟି ବିଲ୍ଡିଂ, ଏକ ମାର୍କେଟ କମ୍ପ୍ଲେକ୍ସ, ୯ଟି ମୂଲ୍ୟବାନ ପ୍ଲଟ, ୩ ଶହ ଗ୍ରାମ୍ ସୁନା, ନଗଦ ୬ ଲକ୍ଷ ଟଙ୍କା, ୨୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ ଭିଜିଲାନ୍ସ ବିଭାଗ ଦ୍ୱାରା ଠାବ ହୋଇଛି। ସମ୍ବଲପୁରରେ ୪୫୦୦ ବର୍ଗଫୁଟର ଦୁଇ ମହଲା କୋଠା, ଝାରସୁଗୁଡ଼ା ବ୍ରଜରାଜନଗରରେ ୬୩୦୦ ବର୍ଗଫୁଟର ଦୁଇ ମହଲା ଘର ଓ ଏକ ମାର୍କେଟ କମ୍ପ୍ଲେକ୍ସ, ଲହଣ୍ଡା ବୁଡରେ ଦୁଇଟି ବିଲ୍ଡିଂ ଠାବ ହୋଇଛି। ବ୍ରଜରାଜନଗରରେ ଗୋଟିଏ, ବଡମାଲରେ ଗୋଟିଏ ଏବଂ ସମ୍ବଲପୁର ଟାଉନରେ ୬ଟି ଓ ସମ୍ବଲପୁର ଜିଲ୍ଲାରେ ଗୋଟିଏ ପ୍ଲଟ ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

- **ଖଟର ସ୍ୱତନ୍ତ୍ର ଚାମ୍ବରରୁ ମିଳିଲା ନଗଦ ୬.୫୭ ଲକ୍ଷ ଟଙ୍କା**
- **୪ ବିଲ୍ଡିଂ, ମାର୍କେଟ୍ କମ୍ପ୍ଲେକ୍ସ, ୯ଟି ପ୍ଲଟ୍ ଠାବ**

**ବାପାଙ୍କୁ ମୁଖାଗ୍ନି ଦେବାକୁ ଆସୁଥିଲେ**

# ଦୁର୍ଘଟଣାରେ ଚାଲିଗଲା ପୁଅ-ବୋହୂଙ୍କ ଜୀବନ

**ଗଣିଆ/ବୌଦ୍ଧ/ନୂଆପଡ଼ା, ୩।୭ (ସମିସ):** ବାପାଙ୍କ ମୃତ୍ୟୁ ଖବର ପାଇ ପତ୍ନୀଙ୍କ ସହ ଗାଁକୁ ଆସୁଥିଲେ। ହେଲେ ବାଟରେ ଏକ ଦୁର୍ଘଟଣା ସେମାନଙ୍କ ଜୀବନ ନେଇଗଲା। ବୌଦ୍ଧ ଜିଲ୍ଲା ରାମ୍ଭିକଟା ଟୋଲଗେଟ୍ ନିକଟରେ ଆଜି ଭୋର୍ ପ୍ରାୟ ୪ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ନୟାଗଡ଼ ଜିଲ୍ଲା ଗଣିଆ ଅଞ୍ଚଳର ରାଜକିଶୋର ସାହୁ(୫୬) ଓ ତାଙ୍କ ପତ୍ନୀ ମୀନାରାଣୀ ସାହୁ। ସେମାନେ ଆସୁଥିବା କାର୍‌ଟି ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ମୁହାଁମୁହିଁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ବୌଦ୍ଧ ଆଦର୍ଶ ଥାନା ପୁଲିସ୍ ଦୁହିଁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଦୁର୍ଘଟଣାଗ୍ରସ୍ତ କାର୍ ଓ ଟ୍ରକ୍‌କୁ ଜବତ କରିଛି।

ସୂଚନାନୁଯାୟୀ, ରାଜକିଶୋର ଦୀର୍ଘ ବର୍ଷ ଧରି ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କୁରୁମପୁରୀ ସରସ୍ୱତୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ୩ ବର୍ଷ ହେଲା ସେ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିଲେ। ନୂଆପଡ଼ା ଜିଲ୍ଲା ସଦର ମହକୁମା ନୀଳଶୈଳ ନଗରରେ ସେ ଘର କରି ସପତ୍ନୀକ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ଗଣିଆ ପାଟଣାସାହିରେ ରହୁଥିବା ତାଙ୍କ ବାପା ଅବସରପ୍ରାପ୍ତ ଶିକ୍ଷକ ବଲ୍ଲଭ ସାହୁଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ପତ୍ନୀ



ମୀନାରାଣୀଙ୍କ ସହ ରାଜକିଶୋର ରାତାରାତି ଏକ କାର୍‌ରେ ଗାଁକୁ ଆସୁଥିଲେ। ତେବେ ଭୋର୍ ପ୍ରାୟ ୪ଟାରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ରାମ୍ଭିକଟା ଟୋଲଗେଟ୍ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ସହ ତାଙ୍କ କାର୍‌ଟି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଚୂରମାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ସଙ୍ଗେସଙ୍ଗେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଗାଁରେ ଦୁହିଁଙ୍କ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗଣିଆ ଶ୍ମଶାନରେ ମୃତ ବଲ୍ଲଭ ସାହୁଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପତି-ପତ୍ନୀଙ୍କୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା।

# ସଫଳତା ସାଉଣ୍ଟୁଛି 'ଆଇକନିକ୍ ଆଦର୍ଶ ବିଦ୍ୟାଳୟ'

**ଭୁବନେଶ୍ୱର, ୩।୭ (ସମିସ):** ସଫଳତା ସାଉଁଟୁଛି ଅନ୍ଧାରୁଆସ୍ଥିତ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ମାତ୍ର ୨ ବର୍ଷର ଏହି ଶିକ୍ଷାନୁଷ୍ଠାନର ପ୍ରାୟ ୨୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଦେଶର ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ନିଟ୍ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ଡାକ୍ତରୀ ପଢ଼ୁଛନ୍ତି। କେବଳ ଆଇକନିକ୍ ବିଦ୍ୟାଳୟ ନୁହେଁ; ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଜାତୀୟ ସ୍ତରର ପରୀକ୍ଷାରେ ସଫଳତା ହାସଲ କରୁଛନ୍ତି। ଫଳରେ ଆଦର୍ଶ ବିଦ୍ୟାଳୟ ଓ ଆଇକନିକ୍ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି।

ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୨୦୨୨ରେ ଆରମ୍ଭ ହେବା ପରେ ଦୁଇଟି ବ୍ୟାଚ୍‌ରେ ଛାତ୍ରଛାତ୍ରୀମାନେ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତିବର୍ଷ ୫ଶହ ପିଲା ଲେଖାଏଁ ମୋଟ୍ ହଜାରେ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୩୮ ଜଣରୁ ଅଧିକ ପିଲା ଜେଇଇ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ଦେଶର ବିଭିନ୍ନ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ୁଛନ୍ତି। ସେହିପରି ପ୍ରାୟ ୩୫ଜଣ ପିଲା ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ଆଇକନିକ୍ ଆଦର୍ଶ ବିଦ୍ୟାଳୟର ଶିକ୍ଷାଦାନ ଶୈଳୀ ଓ ଶୈକ୍ଷିକ ବାତାବରଣ ସେମାନଙ୍କୁ ସଫଳତା ପାଇବାରେ ସହଯୋଗ କରୁଛି। ସକାଳ ୭.୪୫ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଶ୍ରେଣୀଗୃହରେ ପାଠପଢ଼ା ହେଉଛି। ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ ଦୂର କରିବାକୁ ଶିକ୍ଷକମାନେ ପ୍ରାଥମିକତା ଦେଉଛନ୍ତି। ଦୈନିକ ଘଣ୍ଟାଏ ଲେଖାଏଁ ଏଥିପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ଆବଶ୍ୟକସ୍ଥଳେ ଅତିରିକ୍ତ ସମୟ ଦେଇ ପିଲାଙ୍କୁ ବୁଝାଇଥା'ନ୍ତି। ଯେଉଁଦିନର ପାଠ ସେହିଦିନ ସାରିବାକୁ ପ୍ରୋତ୍ସାହିତ କରାଯାଉଥିବାରୁ ଆଗ୍ରହ ବହୁଗୁଣିତ ହେଉଛି।

ଅନ୍ୟପକ୍ଷରେ ଅନ୍ଧାରୁଆ ଆଇକନିକ୍ ଆଦର୍ଶ ବିଦ୍ୟାଳୟରେ ରହିଛି ୨୬ଟି ଅତ୍ୟାଧୁନିକ ଶ୍ରେଣୀଗୃହ, ଆଇସିଟି ଲ୍ୟାବ୍, ୮ଟି ଅତ୍ୟାଧୁନିକ ସାଇନ୍ସ ଲ୍ୟାବ୍ ଓ ଗ୍ରନ୍ଥାଗାର, ଯାହା ଛାତ୍ରଛାତ୍ରୀଙ୍କୁ ପଢ଼ିବା ପାଇଁ ଆଗ୍ରହ ବଢ଼ାଇବା ସହ ଉତ୍ତମ ବୈଷୟିକ ଶିକ୍ଷା ଗ୍ରହଣରେ ବିଶେଷ ସହାୟକ ହୋଇଛି। ୧୩ ଏକର ଜମିରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ଲେଖାଏଁ ଛାତ୍ରନିବାସ ଓ ଛାତ୍ରୀନିବାସ, ଶିକ୍ଷକଙ୍କ ପାଇଁ ୨୨ଟି ବାସଗୃହ, ୮ଟି ଅତିଥି କକ୍ଷ ଓ ୩୦ ଜଣଙ୍କ ପାଇଁ ଏକ ବିଶ୍ରାମାଗାର, ସେଣ୍ଟ୍ରାଲ କିଚେନ ଓ ଡାଇନିଙ୍ଗ, ଡର୍ମିଟୋରି, ପାର୍କ ଓ ବଗିଚାର ବ୍ୟବସ୍ଥା ହୋଇଛି। ୧୨ ଏକର ଜମିରେ ଦୌଡ଼କୁଦ ଟ୍ରାକ୍, ଫୁଟବଲ୍ ପଡ଼ିଆ, ବ୍ୟାଡ୍‌ମିଣ୍ଟନ୍ ଓ ଭଲିବଲ୍ କୋର୍ଟ ଆଦି ମୁକ୍ତାକାଶ କ୍ରୀଡ଼ା ସୁବିଧା ପିଲାମାନଙ୍କ ଶାରୀରିକ ଭାବେ ସୁସ୍ଥ ରଖିବା ସହ ମନକୁ ପ୍ରଫୁଲ୍ଲ କରୁଛି। ଫଳରେ ମାତ୍ର ଦୁଇବର୍ଷରେ ଏହି ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରଥମ ଥର ପାଇଁ ସିବିଏସ୍‌ଇ ପାଠ୍ୟକ୍ରମ ଆଧାରିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଢାଞ୍ଚାରେ ରାଜ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ପରିକଳ୍ପନା କରିଥିଲେ। ପୁଣି ସମସ୍ତ ଓଏଭିରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ଆଇକନିକ୍ ଓଏଭି କରିବାକୁ ଯୋଜନା କଲେ। ଉନ୍ନତମାନର ଓ ଅତ୍ୟାଧୁନିକ ଶିକ୍ଷାଦାନ ବ୍ୟବସ୍ଥା କରି ଓଡ଼ିଆ ପିଲାଙ୍କୁ ଦେଶରେ ପ୍ରତିଷ୍ଠିତ କରିବାକୁ ରୋଡ୍ ମ୍ୟାପ୍ କଲେ। ଯାହାର ସୁଫଳ ମାତ୍ର ଦୁଇବର୍ଷରୁ ରାଜ୍ୟର ଛାତ୍ରଛାତ୍ରୀମାନେ ପାଇପାରୁଛନ୍ତି। ଶିକ୍ଷାକ୍ଷେତ୍ରରେ ରାଜ୍ୟ ପାଇଁ ଏହା ଏକ ମାଇଲ୍‌ଷ୍ଟୋନ୍ ବୋଲି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

- **ଦୁଇ ବର୍ଷରେ ୨ଶହ ପିଲା ନେଟ୍ ଓ ଜେଇଇ କୃତକାର୍ଯ୍ୟ**
- **ଆକୃଷ୍ଟ କରୁଛୁ ଅତ୍ୟାଧୁନିକ ଶିକ୍ଷାଦାନ, ଶୈକ୍ଷିକ ପରିବେଶ**
- **ନବୀନ ପଟ୍ଟନାୟକଙ୍କ ପରିକଳ୍ପନାକୁ ମିଳିଛି ଅନନ୍ୟ ସଫଳତା**

### ଅନୁଗୋଳ ଜିଲ୍ଲାରୁ ସାତକୋଶିଆର ଗୁରୁତ୍ୱ ହ୍ରାସ ପାଇଁ ବିଧିବଦ୍ଧ ଯୋଜନା

# କଟକ ଜିଲ୍ଲା ବାଲିପୁଟ ହେବ ସାତକୋଶିଆର ମୁଖଶାଳା

ଅନୁଗୋଳ, ୩।୭ (ସଂଗ୍ରାମ ଦାସ)




ସାତକୋଶିଆ ଅଭୟାରଣ୍ୟର ସମୁଦାୟ ୯୬୮ ବର୍ଗ କିଲୋମିଟର ଅଞ୍ଚଳ ମଧ୍ୟରୁ ୬୫ ପ୍ରତିଶତ ଅନୁଗୋଳ ଜିଲ୍ଲାରେ ରହିଛି। ଅବଶିଷ୍ଟ ଅଞ୍ଚଳ ଢେଙ୍କାନାଳ, କଟକ, ନୟାଗଡ଼ ଓ ବୌଦ୍ଧ ଜିଲ୍ଲାରେ ଅଛି। ଏପରିକି ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ବଫର ଏରିଆରେ ଥିବା ୧୦୪ ଗ୍ରାମ ମଧ୍ୟରୁ ଅନୁଗୋଳ ଜିଲ୍ଲାର ୪୩ ଗ୍ରାମ ରହିଥିବା ବେଳେ ଅଭୟାରଣ୍ୟ ଭିତରେ ମଧ୍ୟ ୪ଟି ଗ୍ରାମ ରହିଥିଲା। ଅଭୟାରଣ୍ୟର ସୁରକ୍ଷା ଓ ପରିଚାଳନା ନେଇ ପ୍ରଶାସନିକ ମୁଖ୍ୟ କାର୍ଯ୍ୟାଳୟ ଅନୁଗୋଳଠାରେ ପ୍ରାରମ୍ଭରୁ ସ୍ଥାପନ ହୋଇଛି। ଅଭୟାରଣ୍ୟର ପ୍ରବେଶ ପଥ ଏବଂ ମୁଖଶାଳା ଭାବେ ଅନୁଗୋଳ ଜିଲ୍ଲା ପମ୍ପାସରକୁ ସରକାରୀ ଭାବେ ଘୋଷଣା କରାଯାଇଛି। ସାତକୋଶିଆର ପ୍ରବେଶ ପଥ ପମ୍ପାସର ହୋଇଥିବାରୁ ଅନୁଗୋଳ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି। ବ୍ରିଟିଶ ଶାସନ କାଳରୁ ଅନୁଗୋଳ ଜିଲ୍ଲା ଟିକରପଡ଼ା, ପୁରୁଣାକୋଟ, ରାଇଗୋଡ଼ା, ଲବଙ୍ଗୀ, ବାଘମୁଣ୍ଡା, ଟୁଲୁକାର ଫରେଷ୍ଟ ବଙ୍ଗଳା ନିର୍ମାଣ ହୋଇଥିଲା। ଏହି ସବୁ ଫରେଷ୍ଟ ବଙ୍ଗଳା ୧୮୯୦ରୁ ୧୯୦୦ ମଧ୍ୟରେ ତିଆରି ହୋଇଥିଲା। ପ୍ରାୟ ଦେଢ଼ଶହ ବର୍ଷ ପୂର୍ବରୁ ଫରେଷ୍ଟ ବଙ୍ଗଳା ଏବଂ ଟିକରପଡ଼ାଠାରେ ଦିଲଜର ଟିପିଏମ ଘରୋଇ କମ୍ପାନୀର ବଙ୍ଗଳା ଚିତ୍ତାକର୍ଷକ ଥିଲା। ପରବର୍ତ୍ତୀ ସମୟରେ ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଘୋଷଣା ପରେ ଏହିସବୁ ବଙ୍ଗଳାର ପୁନରୁଦ୍ଧାର ହେବା ସହ ଛୋଟକେଇ, ଟିକରପଡ଼ା, ତରଭା, ପୁରୁଣାକୋଟ ଓ ବାଲିପୁଟଠାରେ ପରିବେଶ ପର୍ଯ୍ୟଟନର ରାତ୍ରିଯାପନ ପାଇଁ ନେଚର କ୍ୟାମ୍ପ ସୁବିଧା କରାଯାଇଥିଲା। ଏହି ସବୁ ପରିବେଶ ପର୍ଯ୍ୟଟନ ନେଚର କ୍ୟାମ୍ପକୁ ଯିବା ପାଇଁ ଏକମାତ୍ର ପ୍ରବେଶ ପଥ ପମ୍ପାସର ରହିଥିଲା। ସେହିପରି କଟକ ଜିଲ୍ଲା ବାଲିପୁଟଠାରେ ନେଚର କ୍ୟାମ୍ପର ଦିନ ପରିଭ୍ରମଣ ବ୍ୟବସ୍ଥା ଥିବା ବେଳେ ରାତ୍ରିଯାପନ ସୁବିଧା ନ ଥିଲା। ଏପରିକି ବାଲିପୁଟଠାରୁ ନେଚର ଟ୍ରେଲରେ ସାତକୋଶିଆ ଜଙ୍ଗଲକୁ ପ୍ରବେଶ ପାଇଁ କୌଣସି ଅନୁମତି ନ ଥିଲା। ବାଲିପୁଟଠାରୁ ନଦୀ ଘାଟ ଯାଏଁ ରାସ୍ତା ଅଭୟାରଣ୍ୟ ଭିତରେ ଆସୁଥିବାରୁ ତତ୍କାଳୀନ ଡିଏଫଓ ଆର. ରଘୁପ୍ରସାଦ ରାସ୍ତା ତିଆରି କରିଥିଲେ ମଧ୍ୟ ପିଚୁ କିମ୍ବା ପକ୍କା ରାସ୍ତା ନିର୍ମାଣ ପାଇଁ ଅନୁମତି ଦେଇ ନ ଥିଲେ। ବାଲିପୁଟ ଏକ ଶୀତରତୁକାଳୀନ ପର୍ଯ୍ୟଟନସ୍ଥଳୀ ଭାବେ ବନ ବିଭାଗ କାର୍ଯ୍ୟ ଆରମ୍ଭ କରିଥିଲା। ଅନୁଗୋଳ ଜିଲ୍ଲାର ପ୍ରାୟ ୬୫ ପ୍ରତିଶତ ଭୌଗୋଳିକ ଅଞ୍ଚଳରେ ସାତକୋଶିଆ ରହିଥିବା ବେଳେ ପମ୍ପାସର ଏହାର ପ୍ରବେଶ ପଥ ବା ମୁଖଶାଳା ହୋଇ ୧୯୭୬ରୁ ଅଭୟାରଣ୍ୟ ଘୋଷଣା ହୋଇଛି। ବର୍ତ୍ତମାନ ପମ୍ପାସର ପାଖରେ ହିଡ଼ସିଂହ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ ହେବାକୁ ସରକାରୀ ପ୍ରସ୍ତୁତି ସରିଛି। ନିକଟ ଭବିଷ୍ୟତରେ ହିଡ଼ସିଂହ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ସାତକୋଶିଆର ପ୍ରବେଶ ପଥ ଜଳମଗ୍ନ ହେବା ସୂଚନା ରହିଛି। ଏପରିକି ଏହି ବାଟଦେଇ ଯାଇଥିବା ରାଜ୍ୟ ସଡ଼କପଥ କରତପଟାଠାରୁ ଜଗନ୍ନାଥପୁର ଜଳମଗ୍ନ ହେବା ସମ୍ଭାବନା ରହିଛି। ସାତକୋଶିଆ ପ୍ରବେଶ ପଥ ପମ୍ପାସର ଜଳମଗ୍ନ ହେଉଥିବା ବେଳେ ବନ ବିଭାଗ ପକ୍ଷରୁ ସାତକୋଶିଆର ପ୍ରବେଶ ପଥ ଓ ମୁଖଶାଳା କେଉଁଠାରେ ହେବ ତାହାର କୌଣସି ବିକଳ୍ପ ଯୋଜନା କରାଯାଇ ନାହିଁ।

ଇତିମଧ୍ୟରେ ସାତକୋଶିଆ ଅଭୟାରଣ୍ୟର ଇକୋସେନ୍ସିଟିଭି ଜୋନ ପାଇଁ ଏକ ଡ୍ରାଫ୍ଟ ପ୍ରସ୍ତାବ ତିଆରି ହୋଇଛି। ଏହି ଡ୍ରାଫ୍ଟ ପ୍ରସ୍ତାବରେ ବାଲିପୁଟକୁ ଜିରୋ ପଏଣ୍ଟ ରଖାଯାଇ ଏଠାରେ ପରିବେଶ ପର୍ଯ୍ୟଟନ ନେଇ ନିର୍ମାଣ କାର୍ଯ୍ୟ ହେବାକୁ ଯୋଜନା ରହିଛି। ଏପରିକି ଏହି ସ୍ଥାନକୁ ସାତକୋଶିଆର ପ୍ରବେଶ ପଥ କରାଯିବାକୁ ବନ ବିଭାଗ ବିଧିବଦ୍ଧ ଯୋଜନା କରିଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ ଜଗନାଥପୁରଠାରେ ପରିବେଶ ପର୍ଯ୍ୟଟନ ପାଇଁ ନିର୍ମାଣ କାର୍ଯ୍ୟ ହେବାର ପ୍ରସ୍ତାବ ଥିବା ବେଳେ ଏଠାରେ ଇକୋସେନ୍ସିଟିଭି ଜୋନ ପାଇଁ ଜିରୋ ପଏଣ୍ଟର ପ୍ରସ୍ତାବ ରହିନାହିଁ। ଫଳରେ ଭବିଷ୍ୟତରେ ଏଠାରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡରୁ ଅନୁମତି ନ ମିଳିଥିବା ନେଇ ପର୍ଯ୍ୟଟନ କାର୍ଯ୍ୟକୁ ଆଗେଇ ନେବାର ଜାଣିଶୁଣି ବନ୍ଦ କରିବାର ମନ୍ଦ ଉଦ୍ଦେଶ୍ୟ ରହିଛି। ଅଭୟାରଣ୍ୟ ଓ ଇକୋସେନ୍ସିଟିଭ ଜୋନ ଅଞ୍ଚଳରେ ମେଗା ପର୍ଯ୍ୟଟନ ଓ ପ୍ରବେଶ ପଥ ନିର୍ମାଣ ପାଇଁ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ଏବଂ ଜଙ୍ଗଲ ଅନୁମତି ଆଣିବାର ବ୍ୟବସ୍ଥା ରହିଛି। ବନ ବିଭାଗ ପକ୍ଷରୁ ବାଲିପୁଟ ଓ ନୟାଗଡ଼ ଜିଲ୍ଲା ବଡ଼ମୂଳକୁ ଇକୋ ସେନ୍ସିଟିଭ ଜୋନର ପ୍ରସ୍ତାବକୁ ଜିରୋ ପଏଣ୍ଟ ରଖାଯିବା ଦ୍ୱାରା ମହାନଦୀ ଉପରେ ଏକ ପୋଲ ଓ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ବାଲିପୁଟଠାରେ ସାତକୋଶିଆର ପ୍ରବେଶ ପଥ ଓ ମୁଖଶାଳା କରାଯାଇ ନଦୀ କୂଳେ କୂଳେ ପର୍ଯ୍ୟଟକମାନଙ୍କୁ ଟିକରପଡ଼ା ଏବଂ ଗ୍ରାମ ବିସ୍ଥାପନ ପରେ ପୁରୁଣାକୋଟ, ଜଗନ୍ନାଥପୁର ଏରିଆକୁ ବୁଲାଇବା ଯୋଜନା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ପୁରୁଣାକୋଟ ପଞ୍ଚାୟତର ସବୁ ଗ୍ରାମକୁ ବିସ୍ଥାପନ କଲାପରେ ଟିକରପଡ଼ା ଓ ଜଗନ୍ନାଥପୁର ସମେତ ବଳଙ୍ଗ ପଞ୍ଚାୟତର ଗ୍ରାମଗୁଡ଼ିକୁ ବାସଚ୍ୟୁତ କରାଯିବାକୁ ବନ ବିଭାଗର ଭିତିରିଆ ଯୋଜନା ରହିଛି। ବାଲିପୁଟଠାରେ ବନ ବିଭାଗ ପକ୍ଷରୁ ପ୍ରାଥମିକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏ ସବୁ କାର୍ଯ୍ୟକୁ ସଫଳ କରିବା ପାଇଁ ବନ ବିଭାଗ ପକ୍ଷରୁ ଗାଁ ଗାଁରେ ବିଭେଦ ସୃଷ୍ଟି କରାଯାଉଛି। ଗ୍ରାମଗୁଡ଼ିକ ଉଠିଯିବା ପରେ ସାତକୋଶିଆକୁ ଯାଇଥିବା ରାସ୍ତାଗୁଡ଼ିକ ବନ୍ଦ କରାଯାଇ ବାଲିପୁଟ ପ୍ରବେଶ ପଥକୁ ଅଧିକ ତ୍ୱରାନିତ କରାଯିବାକୁ ଭିତିରିଆ ଯୋଜନା ରହିଛି। ଏହା ଦ୍ୱାରା ସାତକୋଶିଆର ଗୁରୁତ୍ୱ ଅନୁଗୋଳ ଜିଲ୍ଲା ପାଇଁ ହ୍ରାସ ପାଇବା ସହ ପର୍ଯ୍ୟଟକଙ୍କ ରାଜସ୍ୱ ପାଇବାରେ ଅନୁଗୋଳ ଜିଲ୍ଲାର ଅଶେଷ କ୍ଷତି ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

### ■ ଯୁବତୀଙ୍କ ମୃତଦେହ ମିଳିବା ଘଟଣା

## ଉପଯୁକ୍ତ ତଦନ୍ତ କରିବାକୁ ମହିଳା ସାଂସ୍କୃତିକ ସଂଗଠନର ଦାବି

ଅନୁଗୋଳ, ୩।୭ (ସମିସ): ଅନୁଗୋଳ ଜିଲ୍ଲାରେ ନାରୀ ନିର୍ଯାତନା, ନିଖୋଜ, ଅପହରଣ, ଦୁଷ୍କର୍ମ ଓ ହତ୍ୟା ଘଟଣା ଆଶାତୀତ ଭାବେ ବୃଦ୍ଧି ପାଉଥିବାରୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମଏସଏସ) ଅନୁଗୋଳ ଜିଲ୍ଲା କମିଟି ଗଭୀର ଉଦବେଗ ପ୍ରକାଶ କରିଛି। କଣିହାଁ ଥାନା ଲୋଧାଝରି ଗ୍ରାମର ସୁଭଦ୍ରା ପଢ଼ିଲିଙ୍କ ଦୁଷ୍କର୍ମ କରି ବୀଭତ୍ସ ଭାବେ ହତ୍ୟା ଘଟଣା ଲୋକଙ୍କୁ ବ୍ୟଥିତ କରିଛି। ଏଥିରେ ସମ୍ପୃକ୍ତ ଅପରାଧୀମାନଙ୍କୁ ଖସାଇଦେବାକୁ ଚକ୍ରାନ୍ତ ଚାଲିଛି। ପୁନର୍ବାର ଛେଣ୍ଡିପଦା ଥାନା ଶାଳଖମଣ ଗ୍ରାମର ଜଣେ କଲେଜ ଛାତ୍ରୀ ଦୁଡ଼ାପାଳ କଲେଜରୁ ପରୀକ୍ଷା ଦେଇ ଗତ ଜୁନ ୨୬ରେ ଫେରିବା ବେଳେ ନିଖୋଜ ସମ୍ପର୍କରେ ପରିବାର ଲୋକେ ବେଳେ ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ ନିଖୋଜ ଛାତ୍ରୀଙ୍କୁ ଠାବ କରାଯାଇ ନାହିଁ। ଆହୁରି ମଧ୍ୟ ଜୁଲାଇ ୨ ତାରିଖ କୁଣ୍ଡେଇଗୋଲା ଥାନା ଠିଆନାଳ ଗ୍ରାମ ନିକଟ ଭାଇଉଣୀ ଡରହ ସଂଲଗ୍ନ ଜଙ୍ଗଲ ମଧ୍ୟରେ ଏକ ନାଳରେ ଜଣେ ଯୁବତୀଙ୍କ ଗଳିତ ମୃତଦେହ ମିଳିଛି। ଏହି ମୃତଦେହ ଚିହ୍ନଟ ହୋଇପାରି ନ ଥିବା କୁହାଯାଉଛି। ଏହି ଦୁଇ ଘଟଣା ଅନେକ ସନ୍ଦେହ ଓ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଉପରୋକ୍ତ କଲେଜ ଛାତ୍ରୀ ନିଖୋଜ ଓ ଯୁବତୀଙ୍କ ମୃତ୍ୟୁ ସମ୍ପର୍କରେ ପୁଲିସ ପ୍ରଶାସନ ଗୁରୁତ୍ୱ ଦେଇ ତଦନ୍ତ କରିବା ନିମନ୍ତେ ସଂଗଠନର ଅନୁଗୋଳ ଜିଲ୍ଲା କମିଟି ସଭାନେତ୍ରୀ ମଜୋଦରୀ ରାଉଳ ଓ ସମ୍ପାଦିକା ମାନସୀ ସ୍ୱାଇଁ ଦୃଢ଼ ଦାବି କରିଛନ୍ତି।

## ସ୍କୁଲ ରୂପାନ୍ତରଣ ପ୍ରକଳ୍ପର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

### ● ୧.୩୭ କୋଟି ବ୍ୟୟରେ ସ୍ମାର୍ଟ କ୍ଲାସରୁମ, ରୋଷେଇ ଘର, ନୂଆ ଭବନ ଏବଂ ଡାଇନିଂ ହଲ୍ ଉଦ୍‌ଘାଟିତ



ଅନୁଗୋଳ, ୩।୭ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନିଜେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ତାଳଚେର ହାଣ୍ଡିଧୂଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ ତଥା ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୧ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ସହିତ ସମୟ ଅତିବାହିତ କରିବା ସହ ପିଲାଦିନର ସ୍ମୃତିକୁ ମନେପକାଇଥିଲେ। ସେ କହିଛନ୍ତି ଯେ ଏହି ସ୍କୁଲରେ ମୁଁ ମୋ ଜୀବନର ପ୍ରାଥମିକ ଶିକ୍ଷା ଗ୍ରହଣ କରିଛି। ସ୍କୁଲର ଉନ୍ନତି ପାଇଁ ମୋର ବହୁତ ଦିନରୁ ଇଚ୍ଛା ଥିଲା ଓ ତାହା ଆଜି ସାକାର ହୋଇଥିବା ସେ କହିଛନ୍ତି। ଏହି ଅବସରରେ ପ୍ରଧାନ ସ୍କୁଲର ମଧ୍ୟାହ୍ନ ଭୋଜନ ସ୍ଥିତି ପରଖିବା ସହ ଅନ୍ୟାନ୍ୟ ବ୍ୟବସ୍ଥା ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକାଶ ଥାଉ କି, ସ୍କୁଲ ଶିକ୍ଷା ସହ ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ତଥା ଅନ୍ୟ ଯୋଜନା ଅନ୍ତର୍ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ହାଣ୍ଡିଧୂଆ ସରକାରୀ ସ୍କୁଲକୁ ୧ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ନାଳରେ ବୁଡ଼ି ଶିଶୁପୁତ୍ର ମୃତ

କିଶୋରନଗର, ୩।୭ (ସମିସ): ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ ଧୋଡ଼ାଖୋଲ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଭଜକି ବେହେରାଙ୍କ ୩ ବର୍ଷର ପୁଅ ଅର୍ଯ୍ୟାନ ବେହେରା ନିଜ ଅପାଙ୍କ ସହ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଠାକୁରଗଡ଼ ଥାନା ଇନ୍‌ସପେକ୍ଟର ଶଶିଭୂଷଣ ବେହେରାଙ୍କ ସୂଚନା ଅନୁଯାୟୀ, ଅର୍ଯ୍ୟାନଙ୍କୁ ନାଳ ପାଖରେ ଛାଡ଼ି ଅପା ଶୌଚ ପାଇଁ ଯାଇଥିବା ବେଳେ ସେ ବୁଡ଼ିଯାଇଥିଲା। ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବୋଲେରୋ ଧକ୍କାରେ ଜଣେ ମୃତ

ବଇଣ୍ଡା, ୩।୭ (ସମିସ): ହଣ୍ଡପା ଥାନା ବିଡ଼ିସିଂ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ବୋଲେରୋ ଗାଡ଼ି ଧକ୍କାରେ ଗ୍ରାମର ଜ୍ଞାନେନ୍ଦ୍ର ପ୍ରଧାନଙ୍କ ମୃତ୍ୟୁ ହୋଇଛି। ଜ୍ଞାନେନ୍ଦ୍ର ଚାଲି ଚାଲି ଘରକୁ ଯାଉଥିବା ବେଳେ ପଛ ପଟରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଗୁରୁବାର ସକାଳେ ତାଙ୍କ ମୃତ୍ୟୁ ହୋଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ବୋଲେରୋ ଫେରାର ହୋଇଯାଇଛି।

## ନୂଆ ଏବିଇଓଙ୍କ ଯୋଗଦାନ



କିଶୋରନଗର, ୩।୭ (ସମିସ): କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ନୂତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) ଲକ୍ଷ୍ମଣ କୁମାର ବେହେରା କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ପୂର୍ବରୁ କୁଚିଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଥିଲେ। ନୂତନ ଏବିଇଓ ପ୍ରଧାନଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ବିଆରସିସି ଜବାହରଲାଲ ପ୍ରଧାନ, ଏବିଇଓ ରମଣୀ ରଞ୍ଜନ ସାହୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

# ଫୁଲିଲା ବ୍ରାହ୍ମଣୀ, ଉଚ୍ଛୁଳିଲା ରେଙ୍ଗାଳି ଡ୍ୟାମ୍

କଣିହାଁ, ୩।୭ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ରେଙ୍ଗାଳି ଡ୍ୟାମ ନିର୍ମାଣ ପରେ ଜୁଲାଇ ମାସରେ ଜଳସ୍ତର ସବୁ ରେକର୍ଡ ଭାଙ୍ଗିଛି। ସାଧାରଣତଃ ରେଙ୍ଗାଳି

### ● ବନ୍ୟାଜଳ ପରିଚାଳନା ପାଇଁ ହେଲା ଗେଟ୍ ପୂଜା



ଡ୍ୟାମଠାରେ ବ୍ରାହ୍ମଣୀର ଜଳସ୍ତର ଜୁଲାଇ ମାସରେ କମ ରହିଥାଏ। ଏପରିକି ଜଳସ୍ତର ବିଦ୍ୟୁତ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ୧୦୯.୭୨ ମିଟର ପାଖାପାଖି ପହଞ୍ଚି ଯାଇଥାଏ। ଫଳରେ ବିଦ୍ୟୁତ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଥାଏ। ୧୯୮୫ରେ ଡ୍ୟାମ ନିର୍ମାଣ ଶେଷ ହେବାପରେ ଚଳିତ ବର୍ଷ ପ୍ରଥମ ଥର ଜୁଲାଇ ମାସ ଆରମ୍ଭରେ ରେଙ୍ଗାଳି ଡ୍ୟାମର ଗେଟ ଖୋଲିବା ସମ୍ଭାବନା ଦେଖାଦେଇଛି। ଗୁରୁବାର ପୂର୍ବାହ୍ନ ୧୦ଟାରେ ବନ୍ୟାଜଳ ପରିଚାଳନା ପାଇଁ ଡ୍ୟାମର ଗେଟ ପୂଜା ଅନୁଷ୍ଠିତ ହୋଇଛି। ୧୨ନଂ ଗେଟର ପୂଜାର୍ଚ୍ଚନା କରାଯାଇଥିବା ବେଳେ ଡ୍ୟାମ ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା କର୍ତ୍ତା ଭାବେ ଯୋଗଦେଇଥିଲେ। ରେଙ୍ଗାଳି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଛି। ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଡ୍ୟାମର ବ୍ରାହ୍ମଣୀ ନଦୀ ଜଳସ୍ତର ୧୨୦.୦୫ ମିଟରରେ ପହଞ୍ଚିଛି। ଡ୍ୟାମର ଜଳଧାରଣ ସାରଣୀ ଅନୁଯାୟୀ ଆଜି ତାରିଖରେ ଜଳସ୍ତର ୧୦୯.୯୧ ମିଟର ରହିବା କଥା। ଗତବର୍ଷ ଏହି ସମୟରେ ଜଳସ୍ତର ୧୧୦.୦୧ ମିଟର ଥିଲା। ଗତ ବର୍ଷ ତୁଳନାରେ ୧୦ ମିଟର ଉପରେ ଜଳସ୍ତର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୩୮୮୮୫ ଘନ ମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ ମାଧ୍ୟମରେ ପ୍ରତି ସେକେଣ୍ଡ ୭୫୬.୪୨ ଘନ ମିଟର ଜଳ ନିଷ୍କାସିତ ହେଉଛି। ପ୍ରତି ଘଣ୍ଟାରେ ପାଞ୍ଚଟି ଟର୍ବାଇନରୁ ୨୫୩.୪ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି। ଆଜି ଗେଟ ପୂଜାରେ ଅଧୀକ୍ଷଣ ଯନ୍ତ୍ରୀ ବେହେରାଙ୍କ ସମେତ ଏକ୍‌ଜିଓ ଦାସମାତ ମୁର୍ମୁ, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ, ଇଞ୍ଜିତ ବେହେରା, ସର୍ବେଶ୍ୱର ଧନଖାରଙ୍କ ସହ ଡ୍ୟାମ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରେଙ୍ଗାଳି ଡ୍ୟାମର ଉପର ମୁଣ୍ଡରେ ମନ୍ଦିରା ଡ୍ୟାମର ୭ଟି ଗେଟ ଖୋଲାଯାଇ ବ୍ରାହ୍ମଣୀ ନଦୀକୁ ବନ୍ୟାଜଳ ନିଷ୍କାସନ କରାଯାଇଛି। ଫଳରେ ରେଙ୍ଗାଳି ଡ୍ୟାମରେ ମଧ୍ୟ ବ୍ରାହ୍ମଣୀ ଫୁଲିବା ଆରମ୍ଭ କରିଛି। ତେଣୁ ଯେକୌଣସି ସମୟରେ ଡ୍ୟାମର ଗେଟ ଖୋଲାଯାଇପାରେ ବୋଲି ଅଧୀକ୍ଷଣ ଯନ୍ତ୍ରୀ ବେହେରା ସୂଚନା ଦେଇଛନ୍ତି।

## କ୍ଲବ ଗଣପତ୍ର କର୍ମକର୍ତ୍ତା ଚୟନ

ଅନୁଗୋଳ, ୩।୭ (ସମିସ): ଚଳିତ ବର୍ଷ ଗଣେଶ ପୂଜା ପାଇଁ କ୍ଲବ ଗଣପତର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ବୁଧବାର ସନ୍ଧ୍ୟାରେ କ୍ଲବ ପରିସରରେ ଏକ ବୈଠକ ହୋଇଥିଲା। ବୈଠକରେ ୩୦ରୁ ଅଧିକ ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରାଯାଇଥିଲା। ପରେ ଉପଦେଷ୍ଟା କମିଟି ଓ ସଦସ୍ୟମାନେ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବେ ଚନ୍ଦ୍ରକାନ୍ତ ପ୍ରଧାନ, ସମ୍ପାଦକ ସନ୍ତାନ ଦାସ, ଉପସଭାପତି ଚନ୍ଦନ କୁମାର ସାହୁ, ଆଦର୍ଶ ସାହୁ, ସହ ସମ୍ପାଦକ ଲିକଲୁ ରଞ୍ଜନ ଜେନା, ପବିତ୍ର ଭଞ୍ଜ, ବିଶ୍ୱଜିତ୍ ପ୍ରଧାନ, ଯୁଗ୍ମ ସମ୍ପାଦକ ଅନିଲ ଭୂୟାଁ, ସତ୍ୟବ୍ରତ ବାରିହା, କୋଷାଧ୍ୟକ୍ଷ ସୁବ୍ରତ କୁମାର ବାରିହା, ରବୀନ୍ଦ୍ର କୁମାର ସାହୁ, ଉପଦେଷ୍ଟା ଭାବେ ଦିଲୀପ କୁମାର ସାହୁ, ପତିତପାବନ ସାହୁ, ବୀରେନ୍ଦ୍ର ନାୟକ, ଦାମୋଦର ପ୍ରଧାନ, ତାପସ କୁମାର ନାୟକ, ସୁଜିତ୍ କୁମାର ସାହୁ, ସୁକାନ୍ତ କୁମାର ସାହୁ, ନିଶାନ୍ତ କୁମାର ଜେନା, ରଞ୍ଜନ ସାହୁ, ଅରୁଣ ବରାଳ, ଅମରଜିତ୍ ସ୍ୱାଇଁ, ସମରେଶ ନାଥ, ସତ୍ୟଜିତ ଦେହୁରୀ ପ୍ରମୁଖଙ୍କୁ ଚୟନ କରାଯାଇଛି।

## ନବବଧୂକୁ ଛାଡ଼ି ସ୍ୱାମୀ ଫେରାର

### ● ଥାନାରେ ଅଭିଯୋଗ

ବଇଣ୍ଡା, ୩।୭ (ସମିସ): ଠାକୁରଗଡ଼ ଥାନା ଖରବେଣ୍ଡା ଗ୍ରାମର ଜଳି ନାୟକଙ୍କ ତାଙ୍କ ସ୍ୱାମୀ ଜୟନ୍ତ ନାୟକ ପ୍ରତାରଣା କରିବା ସହ ଛାଡ଼ି ରାଜ୍ୟ ବାହାରକୁ ପଳାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଜଳିଙ୍କ ଅଭିଯୋଗ ଅନୁଯାୟୀ, ନଅଗାଁର ଜୟନ୍ତ ନାୟକ ପ୍ରେମ କରୁଥିଲେ। ଗତ ମେ ମାସରେ ତାଙ୍କୁ ତାମିଲନାଡୁରେ ରଖିଥିବା ତାଙ୍କ ଅପାଙ୍କ ଘରକୁ ନେଇ ସେଠାରେ ଥିବା ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ପରେ ଆଠମଲ୍ଲିକ କୋର୍ଟରେ ମଧ୍ୟ ବିବାହ କରିଥିଲେ। ହେଲେ କିଛିଦିନ ହେବ ଜୟନ୍ତ ଜଳିଙ୍କୁ ତାଙ୍କ ବାପଘରେ ଛାଡ଼ି ରାଜ୍ୟ ବାହାରକୁ ପଳାଇଥିବା ଜଳି ଅଭିଯୋଗରେ ଦର୍ଶାଇଛନ୍ତି।

## ବିଜେପି ପକ୍ଷରୁ ଚାରାରୋପଣ

କିଶୋରନଗର, ୩।୭ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଖୋଲପଦା ଅଞ୍ଚଳ ଠାକୁରଗଡ଼ ବିଜେପି ମଣ୍ଡଳ ପକ୍ଷରୁ ସକ୍ରିୟ ସଭ୍ୟମାନଙ୍କ ସୌଜନ୍ୟରେ ଠାକୁରଗଡ଼ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣ ଓ ଦୀନବନ୍ଧୁପୁର ଗ୍ରାମ ଖେଳପଡ଼ିଆ ପରିସରରେ ଆମ୍ବ, ଜାମୁ, ଲିମ୍ବ, ହରିଡ଼ା, ବାହାଡ଼ା, ପିଜୁଳି ଆଦି ପ୍ରଜାତିର ୨୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏଥିରେ ଜିଲ୍ଲା ବିଜେପି ଉପ ସଭାପତି ଅର୍ଜୁନ ସାହୁ, ଠାକୁରଗଡ଼ ମଣ୍ଡଳ ସଭାପତି ସୁଜିତ କୁମାର ଦେହୁରୀ, ସଂଘ ସମ୍ପାଦକ ରଘୁନାଥ ଭଣା, ଧଣ୍ଡାତୋପା ଜନପାଳ ଗୌରହରି ଦନ୍ତ, ବନରକ୍ଷୀ ଆନନ୍ଦିତା ଦାସ, ସହଯୋଗୀ ରଞ୍ଜିତ କୁମାର ଧଳ, ନବକୁମାର ସାହୁଙ୍କ ସମେତ ଦୁଃଶାସନ ନାୟକ, ଗ୍ରାମବାସୀ, ଅଙ୍ଗନବାଡ଼ି କର୍ମୀ ଓ ବହୁ ବନ୍ଧୀୟ କର୍ମୀ ଯୋଗଦେଇଥିଲେ।

### ଟେଣ୍ଟ ହାଉସ ମାଲିକ ସହିତ ନାଲକୋ କର୍ତ୍ତୃପକ୍ଷଙ୍କ ଛିଣ୍ଡିଲାନି ମୂଲଚାଲ

# ରଥଯାତ୍ରାରେ ପଡ଼ିଲାନି ଅସ୍ଥାୟୀ ବଜାର

ନାଲକୋ ନଗର, ୩।୭ (ସମିସ)



ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲକୋରେ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳର ଲୋକ କର୍ମଚାରୀ ଭାବେ କାର୍ଯ୍ୟ କରିବା ସହ ନାଲକୋ ନଗରରେ ରୁହନ୍ତି। ବିଭିନ୍ନତା ମଧ୍ୟରେ ଏକତା ଓ ଭାଇଚାରା ଏଠିକାର ବୈଶିଷ୍ଟ୍ୟ। ସାମାଜିକ ଅବା ଧାର୍ମିକ କାର୍ଯ୍ୟରେ ଥାଏ ସମସ୍ତଙ୍କ ସମ୍ପୃକ୍ତି। ପର୍ବ ପର୍ବାଣୀ ମଧ୍ୟରେ ନାଲକୋ ନଗର ବିଶ୍ୱକର୍ମା ପୂଜା ଏବଂ ରଥଯାତ୍ରା ଓ ଏଥିଲ ପାଇଁ ପ୍ରସିଦ୍ଧି ଲାଭ କରିଛି। ବହୁ ଲୋକଙ୍କ ସମାବେଶ ହୋଇଥାଏ। ଦିବ୍ୟଜ୍ୟୋତି କ୍ଷେତ୍ର ଜଗନ୍ନାଥ ମନ୍ଦିର ରଥଯାତ୍ରାରୁ ଶ୍ରୀଜୀଉଙ୍କ ନାଲକୋ ନିକଟେ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାବେଶ ନାଲକୋ ନଗରକୁ ଉତ୍ସବମୁଖର କରିଥାଏ। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ନାଲକୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅସ୍ଥାୟୀ ବଜାର ପକାଇବାକୁ ଅନୁମତି ମିଳିଥାଏ। ତେବେ ଚଳିତବର୍ଷ ୩୨ତମ ରଥଯାତ୍ରା ଅବସରରେ ଅସ୍ଥାୟୀ ଦୋକାନ, ଭୋଗ ଦୋକାନ, ମୀନାବଜାର ଆଦି କିଛି ପଡ଼ି ନ ଥିବାରୁ ଶ୍ରଦ୍ଧାଳୁ ତଥା ଲୋକଙ୍କ ମଧ୍ୟରେ ଉତ୍କଣ୍ଠା କମିଯାଇଛି। ଉତ୍ସବ ସମାରୋହ ଲୋକଙ୍କୁ ନିରାଶ କରୁଛି। ଦଶ ଦିନ ବ୍ୟାପି ଉତ୍ସବ ସମାରୋହ ଖାଁ ଖାଁ ଲାଗୁଛି। ଶ୍ରଦ୍ଧାଳୁମାନେ ଗରୁ ଧୂପଦୀପ ଆଣି ରିଥି ଦର୍ଶନ ସାରି ସଙ୍ଗେ ସଙ୍ଗେ ଫେରିଯାଉଛନ୍ତି। ଦୋକାନ ବଜାର ନ ଥିବାରୁ ଲୋକେ ଠାକୁରଙ୍କଠାରେ ଭୋଗ ଲଗାଇ ପାରୁନାହାନ୍ତି କି ବିଶେଷ କରି ଛୋଟ ଛୁଆଙ୍କଠି ଖେଳଣା କିଣିବାକୁ ପାଉନି। ମହିଳାମାନଙ୍କ ପାଇଁ ମନୋହରି ଦୋକାନ ନ ଥିବାରୁ ଯାତ୍ରା ଉତ୍ସବ ତାଙ୍କୁ ନିରସ ଲାଗୁଛି। ତେବେ ଚଳିତ ବର୍ଷ ବଜାର ନ ପଡ଼ିବା ନେଇ ସମସ୍ତ ଲୋକଙ୍କୁ ଚକିତ କରୁଛି। ପ୍ରଭୁଙ୍କ ଯାତ୍ରାରେ ଯିଏ ବିଘ୍ନ ଘଟ କରୁଛି ଜଗନ୍ନାଥ ତା'ର ଅବଶ୍ୟ ବିଚାର କରିବେ ବୋଲି ନାଲକୋ ଅଞ୍ଚଳ ବଜାର, ଖଟିରେ ଆଲୋଚନା ହେଉଛି। ଚଳିତ ବର୍ଷ ରଥଯାତ୍ରା ସମୟରେ ଅସ୍ଥାୟୀ ବଜାର ନିର୍ମାଣ ପାଇଁ ଟେଣ୍ଟ ହାଉସ ମାଲିକଙ୍କ ସହ ନାଲକୋ କର୍ତ୍ତୃପକ୍ଷଙ୍କ ମୂଲଚାଲ ଛିଣ୍ଡି ନାହିଁ। ଟେଣ୍ଟ ହାଉସ ନାମ ପାଇଁ ଟେଣ୍ଡରରେ ବିଆହ୍ୱାନ କରାଗଲା ନାହିଁ। ସ୍ଥାନୀୟ ଟେଣ୍ଟ ହାଉସଙ୍କ ଅଣଦେଖା କରି ଅନୁକମ୍ପାମୂଳକ ଭାବେ ଖୋଲା ଟେଣ୍ଡର ଟେଣ୍ଟ ହାଉସ ଆଣିବାକୁ ଚେଷ୍ଟା ହୋଇଥିବା ମସୁଧା ବି ବିଫଳ ହେଲା। ମନ୍ଦିରକୁ ଆର୍ଥିକ ସହାୟତା ବର୍ଷ ତୁଳନାରେ ଦୁଇଗୁଣ କରିବାକୁ ନାଲକୋ କର୍ତ୍ତୃପକ୍ଷ ଆଡ଼ମିନିଷ୍ଟ୍ରେଟିଭ କନଫରେନ୍ସ ହଲରେ ଅନୁଷ୍ଠିତ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ଚଳିତ ବର୍ଷ ଅସ୍ଥାୟୀ ବଜାରରୁ ଟଙ୍କାଟିଏ ବି ମିଳିଲା ନାହିଁ। ଅସ୍ଥାୟୀ ବଜାର ନ ପଡ଼ିବାରୁ ବେପାରୁ ବଣିଜ ବନ୍ଦ, ଶ୍ରଦ୍ଧାଳୁଙ୍କ ଅସନ୍ତୋଷ ବୃଦ୍ଧି ସହ ଆଉ କିଛି ମିଳିଲା ନାହିଁ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ. ପାର୍ବତୀ ମହାନ୍ତି
ଅପରଙ୍ଗ, ଘଣ୍ଟିକଣ
ଆବିର୍ଭାବ - ୦୧/୦୧/୧୯୪୩
ତିରୋଧାନ - ୨୪/୦୬/୨୦୨୫
ଆଜକୁ ଏଗାର ଦିନ ହେବ ଆପଣଙ୍କୁ ଛାଡ଼ି ଆପଣଙ୍କୁ ଚାଲିଗଲେ ଆପଣଙ୍କ ଉପଲବ୍ଧ ସବୁଦିନ ସବୁସମୟରେ ମନେ ରହିବ କରତଳ ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଅମର ଆତ୍ମାର ସଦଗତି ହେଉ ଏତିକି ପ୍ରାର୍ଥନା
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାର ବର୍ଗ

## ନୀଳାଚଳ ଗ୍ରାମ୍ୟବ୍ୟାଙ୍କରୁ ଡକାୟତି ଉଦ୍ୟମ

ଛେଣ୍ଡିପଦା, ୩।୭(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଦୁର୍ଗାପୁରସ୍ଥିତ ନୀଳାଚଳ ଗ୍ରାମ୍ୟବ୍ୟାଙ୍କ ଝରକା ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ହୋଇଛି। ଗୁରୁବାର ସକାଳେ ସ୍ଥାନୀୟ ଗ୍ରାମବାସୀ ଝରକା ଖୋଲାଥିବା ଓ ଭିତର ପରିସ୍ଥିତି ଦେଖି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଶାଖା ପରିଚାଳକ ଓ କର୍ମଚାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଅନୁଗୋଳ ଏସପି ରାହୁଲ ଜୈନ ଘଟଣାର ଅନୁଧ୍ୟାନ କରିଛନ୍ତି। ଡକାୟତମାନେ ବ୍ୟାଙ୍କର ଝରକା ଗ୍ରୀଲକୁ ଗ୍ୟାସ କଟରରେ କାଟି ଭିତରେ ପଶିଥିଲେ। ତେବେ ଏହି ସମୟରେ ବ୍ୟାଙ୍କର ସାଇରନ ବାଜି ନ ଥିଲା। ଫଳରେ ସ୍ଥାନୀୟ ଲୋକେ ମଧ୍ୟ କିଛି ଜାଣିପାରି ନ ଥିଲେ। ଜରପଡ଼ା ଥାନା ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ତେବେ ଡକାୟତମାନେ ବ୍ୟାଙ୍କରେ ପଶିଥିଲେ ମଧ୍ୟ କିଛି ଲୁଟିପାରି ନ ଥିବା ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି।

## ନାଲକୋରେ ବାସ୍କେଟ ବଲ୍ ପ୍ରଶିକ୍ଷଣ



ଅନୁଗୋଳ, ୩।୭(ସମିସ): ନାଲକୋ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ବାସ୍କେଟ୍ ବଲ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ତିନି ସପ୍ତାହ ଚାଲିବ। ଅଭିଜ୍ଞ କୋଚ୍ ବିଜୟ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଆଗ୍ରହୀ ପିଲାମାନଙ୍କୁ ବାସ୍କେଟ୍ ବଲ କୋଚିଂ ଦିଆଯାଉଛି। ଯେଉଁ ପିଲାମାନେ ବାସ୍କେଟ୍ ବଲ କୋଚିଂ ନେବାକୁ ଚାହୁଁଛନ୍ତି ସେମାନେ କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

### ଖାଦ୍ୟ ବ୍ୟବସାୟୀଙ୍କ ଉପରେ ନାହିଁ ପ୍ରଶାସନିକ ଅଙ୍କୁଶ

# ଯେଉଁଠି ଖାଦ୍ୟ ପ୍ରସ୍ତୁତି, ସେଇଠି ବାସନଧୁଆ

ଅନୁଗୋଳ, ୩।୭(ସମିସ)

- **ହାଇଜାକୁ ଆମନ୍ତ୍ରଣ କରୁଛି ଷ୍ଟ୍ରୀଟ୍ ଫୁଡ୍**
- **ଘରୋଇ ଗ୍ୟାସରେ ଜଳୁଛି ରେଷ୍ଟୁରାଣ୍ଟ ଚୁଲି**



ଅନୁଗୋଳ ସଦର ମହକୁମାଠାରୁ ୪କିମି ଦୂର ନାଲକୋ ନଗର ଅଞ୍ଚଳ ବଜାରଘାଟ ଉପରେ ପ୍ରଶାସନିକ ଅଙ୍କୁଶ ଥିବା ଭଳି ମନେ ହେଉନି। ନାଲକୋ ଟାଉନସିପ ସମେତ ପାର୍ଶ୍ୱବର୍ତ୍ତୀ କାଣ୍ଡସର ଛକ, କୁଲାଡ଼ ଛକ, ଗିରାଙ୍ଗ ଛକ, ଅନ୍ୟବେଡ଼ା ଛକ ଅଞ୍ଚଳରେ ହଜାରେରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ମାଛମାଂସ ବଜାର, ପରିବା ବଜାର, ଷ୍ଟ୍ରୀଟଫୁଡ୍ ବଜାର ସମେତ ହୋଟେଲ, ରେଷ୍ଟୁରାଣ୍ଟ, ଢାବା ପ୍ରଭୃତିରେ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି। ତେବେ ଖାଦ୍ୟ ପ୍ରସ୍ତୁତି ହେଉ ଅବା ବିକ୍ରି, ସବୁଠି ଦେଖିବାକୁ ମିଳୁଛି ଅସ୍ୱାସ୍ଥ୍ୟକର ପରିବେଶ। ଗତ ମାସଠାରୁ ଏହି ଅଞ୍ଚଳରେ ଲଗାଣ ବର୍ଷା ଫଳରେ ସନ୍ତସନ୍ତିଆ ପରିବେଶ ସୃଷ୍ଟି ହୋଇଥିବା ବେଳେ ଖାଦ୍ୟ ପ୍ରସ୍ତୁତି ଅଞ୍ଚଳକୁ ଅଧିକ ରୋଗ ଆମନ୍ତ୍ରଣର କେନ୍ଦ୍ର ପାଲଟୁଛି। ବ୍ୟବସାୟୀମାନେ ଦୋକାନ ସାମ୍ନାରେ ମାଟିମୁଠେ କି ବ୍ଲିଚିଂ ପାଉଡର ମୁଠେ ପକାଉ ନାହାନ୍ତି। ରାଜ୍ୟରେ କେତେକ ଅଞ୍ଚଳରେ ହଇଜା ରୋଗର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପ୍ରତିଷେଧକମୂଳକ ସଚେତନତା କରୁଥିବା ବେଳେ ଏହି ଅଞ୍ଚଳକୁ ତାହା ଛୁଇଁପାରୁନି। ହଇଜା ପ୍ରାଦୁର୍ଭାବ ସମୟରେ ଏ ଅଞ୍ଚଳର ବଜାରରେ ମିଳୁଥିବା ଖାଦ୍ୟ ପାନୀୟ ଉପରେ ପ୍ରଶାସନର କୌଣସି ଅଙ୍କୁଶ ରହୁନାହିଁ। ନିର୍ଦ୍ଦିଷ୍ଟ ଏକ ମିଠା ଦୋକାନ ଉପରେ ବାରମ୍ବାର ଲୋକଙ୍କ ଅଭିଯୋଗ ପାଇ ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ ଗତବର୍ଷ ଦୋକାନ ସିଲ୍ କରିଥିଲେ। ଜରିମାନା ଆଦାୟ କରିଥିଲେ। ତଥାପି ସମ୍ପୃକ୍ତ ମିଠା ଦୋକାନୀ ସୁଧୁରିଲେ ନାହିଁ। ଏବେ ବର୍ଷା ପାଗରେ ଦୁର୍ଗନ୍ଧ ଯୋଗୁଁ ସେ ବାଟେ ଯିବାବେଳେ ସମସ୍ତେ ମୁହଁରେ କପଡ଼ା ଦେଉଛନ୍ତି। ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଗ୍ୟାସ ସିଲିଣ୍ଡର ବହୁଳ ଭାବେ ଦୋକାନରେ ବ୍ୟବହାର ହେଉଛି। ଏ ଅଞ୍ଚଳରେ ଯୋଗାଣ ବିଭାଗ ପକ୍ଷରୁ କେବେ ତଲାସୀ ହୁଏନାହିଁ। ନିକଟରେ ଅନୁଗୋଳ ସହରରେ କିଛି ଷ୍ଟ୍ରୀଟଫୁଡ୍, ହୋଟେଲରେ ଗ୍ରାହକଙ୍କୁ ଦିଆଯାଉଥିବା ପାଣି ଯାଞ୍ଚ କରାଯାଇଛି। ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ପୌରପାଳିକା ପକ୍ଷରୁ ତାଗିଦ କରାଯାଇଛି। ତେବେ ନାଲକୋ ନଗର ଅଞ୍ଚଳରେ ଖାଦ୍ୟ ଓ ପାନୀୟର ମାନ ଯାଞ୍ଚ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ବଜାର ଅଞ୍ଚଳରେ ବ୍ଲିଚିଂ ପାଉଡର ପକାଇବାକୁ ସ୍ୱାସ୍ଥ୍ୟ ବିଭଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଅନୁଗୋଳ: ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ରାମ ପର୍ଶୁରାମ ବେଶ

## ଛେଣ୍ଡିପଦାରେ ଗରିବ କଲ୍ୟାଣ ଓ ବିକାଶ ସମାବେଶ




ଛେଣ୍ଡିପଦା, ୩।୭(ସମିସ): ୫୩ କୋଟି ଟଙ୍କା ମୂଲ୍ୟର ୫୩ଟି ପ୍ରକଳ୍ପ ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସରକାର ଏବଂ ଜନତାଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଗୁରୁବାର ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ ଆୟୋଜିତ ଗରିବ କଲ୍ୟାଣ ଓ ବିକାଶ ସମାବେଶରେ ଯୋଗଦେଇ କହିଛନ୍ତି ମନ୍ତ୍ରୀ ପ୍ରଧାନ> ଏହି ଅବସରରେ ପ୍ରଧାନ ୪୪.୮୮ କୋଟି ଟଙ୍କା ମୂଲ୍ୟର ୩୪ ପ୍ରକଳ୍ପର ଲୋକାର୍ପଣ ଏବଂ ୮.୯ କୋଟି ଟଙ୍କା ମୂଲ୍ୟର ୧୯ ପ୍ରକଳ୍ପ ପାଇଁ ଭୂମିପୂଜନ କରିଥିଲେ। କୋଶଳା-ଛେଣ୍ଡିପଦା ଭାୟା ବ୍ରାହ୍ମଣବିଲ, ଚାଙ୍ଗୁଡ଼ିଆ ରାସ୍ତାର ଉନ୍ନତୀକରଣ, ୫୫ନଂ ଜାତୀୟ ରାଜପଥଠାରୁ ପଥରଗଡ଼ ଭାୟା ପଳାସନଳା, କଞ୍ଚୁରା ରାସ୍ତାର ଉନ୍ନତୀକରଣ, ସନ୍ତରାବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ, ନୂଆପଡ଼ା-ବଡ଼ବେରେଣା ଭାୟା ସାଲଖମଣ ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ଉଦଘାଟନ ଏବଂ ବାଗେଡ଼ିଆଠାରୁ ଶିମିଳିପାଳ ରାସ୍ତାର ଉନ୍ନତୀକରଣ ସହ ଅନ୍ୟାନ୍ୟ ପ୍ରକଳ୍ପର ଭୂମିପୂଜନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରଧାନ ନିର୍ମାଣ ଶ୍ରମିକ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା, କେନ୍ଦୁପତ୍ର ତୋଳାଳି, ଆୟୁଷ୍ମାନ କାର୍ଡ, ବସୁନ୍ଧରା ପଟ୍ଟା, ଶ୍ରୀଅନ୍ନ ଅଭିଯାନ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କିଷାନ କ୍ରେଡିଟ୍ ଆଦି ଯୋଜନାରେ ହିତାଧିକାରୀଙ୍କୁ ସହାୟତା ରାଶି ବିତରଣ କରିଥିଲେ।

### ■ ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାରେ ମୁହଁ ଖୋଲିଲେ ଧର୍ମେନ୍ଦ୍ର

## ଆଇନରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି

ଅନୁଗୋଳ, ୩।୭(ସମିସ): ବିଏମ୍ସି ଅତିରିକ୍ତ କମିଶନରଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ମରଣାନ୍ତକ ଆକ୍ରମଣ, ଏହି ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମ୍ପୃକ୍ତି ତଥା ଜଗନ୍ନାଥଙ୍କୁ ଗିରଫ ଦାବିରେ ଓଏଏସ୍ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସଙ୍ଗରେ ଗୁରୁବାର ମୁହଁ ଖୋଲିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଛେଣ୍ଡିପଦାରେ ଅନୁଷ୍ଠିତ ଗରିବ କଲ୍ୟାଣ ତଥା ବିକାଶ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ ସେ ଯେକୌଣସି ଦଳର ବ୍ୟକ୍ତି ହୋଇଥାଆନ୍ତୁ ନା କାହିଁକି ଆଇନର ଊର୍ଦ୍ଧ୍ୱରେ କେହି ନାହିଁ। ରାଜ୍ୟ ସରକାର ଏ ଦିଗରେ ସଠିକ ପଦକ୍ଷେପ ନେବେ ବୋଲି ମୋର ବିଶ୍ୱାସ ଅଛି। ଯିଏ ଭୁଲ କରିଛି ସିଏ ଆଇନ ଅନୁସାରେ ଦଣ୍ଡ ପାଇବ। ଯିଏ ହୋଇଥାଉ ନା କାହିଁକି ଆଇନ ତା' ବାଟରେ ଯିବ। ଯିଏ ଦୋଷ କରିଛି ସିଏ ନିଶ୍ଚିତ ଦଣ୍ଡ ପାଇବ, ଏଥିରେ ସନ୍ଦେହ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ସୋମବାର ବିଏମସି କାର୍ଯ୍ୟାଳୟ ଭିତରେ ପଶି କେତେକ ଦୁର୍ବୃତ୍ତ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଭଳି ସମ୍ବେଦନଶୀଳ ଘଟଣା ଏବେ ରାଜ୍ୟରେ ପ୍ରମୁଖ ଖବର ହୋଇପଡ଼ିଛି। ଏ ନେଇ ସରକାର ଓ ଓଏଏସ ଅଧିକାରୀ ସଂଘ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣାରେ କମିଶନରେଟ ପୁଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ଦାବିରେ ଓଏଏସ୍ ଅଧିକାରୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ସମୂହ ଛୁଟିରେ ରହିଛନ୍ତି। ଦିନକ ପରେ ବାହୁଡ଼ାଯାତ୍ରା ଥିବାବେଳେ ଅଧିକାରୀଙ୍କ ଅସହଯୋଗ ନେଇ ସରକାର ଏକପ୍ରକାର ହରଡ଼ଘଣାରେ ପଡ଼ିଛନ୍ତି। ଶେଷରେ ଗୁରୁବାର ରାତିରେ ଜଗନ୍ନାଥଙ୍କୁ ପୁଲିସ ଗିରଫ କରିଛି।

## ଓପିଏସ କଲେଜରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ




ଖଜୁରିଆକଟା, ୩।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଇଂରାଜୀ ବିଭାଗ ଅଧ୍ୟାପକ ବିଜୟ କୁମାର ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ନୀଳକଣ୍ଠ ଦାସ, ଡ. ରାଜକିଶୋର ସାମଲ, ଡ. ବଳରାମ ପୃଷ୍ଟି ଯୋଗଦେଇ ଅଧ୍ୟାପକ ସାହୁଙ୍କ ନିଷ୍ଠାପର ସେବା ମନୋଭାବର ପ୍ରଶଂସା କରିଥିଲେ। ଅଧ୍ୟକ୍ଷ ଡ. ପ୍ରଧାନ ସାହୁଙ୍କ ଭଳି କର୍ତ୍ତବ୍ୟନିଷ୍ଠ ନିଷ୍ଠାପର ଅଧ୍ୟାପକଙ୍କ ଭଳି ଆଗ୍ରହର ସହ କାର୍ଯ୍ୟକଲେ ମହାବିଦ୍ୟାଳୟର ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ କର୍ମଚାରୀ ପରିଷଦ ତରଫରୁ ସାହୁଙ୍କୁ ପ୍ରୀତି ଉପହାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସାହୁ ୨୦୧୬ରେ ଏହି ମହାବିଦ୍ୟାଳୟରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗଦେଇ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ। ଏଥିସହ ସେ ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କର ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବଦ୍ୟାଳୟକୁ ବଦଳି ହୋଇଛି। ଏହି ଅବସରରେ ଅଧ୍ୟାପକ ସାହୁ ବୃତ୍ତିଗତ ଜୀବନର ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଥିଲେ। ଅଧ୍ୟାପକ ଡ. ଦେବାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅଜୟ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରୁ ନାଗସାପ ଉଦ୍ଧାର

ବଇଣ୍ଡା, ୩।୭(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଗୋବିନ୍ଦପୁର ଗ୍ରାମର ଆରତ ସାହୁଙ୍କ ଘରୁ ଗୁରୁବାର ଏକ ନାଗସାପ ଉଦ୍ଧାର କରାଯାଇଛି। ସାପକୁ ଉଦ୍ଧାର କରିବା ପାଇଁ ଆରତ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ପ୍ରେମ ପରେ ଯୁବତୀଙ୍କୁ ବ୍ଲାକମେଲିଂ, ଯୁବକ ଅଟକ

ନାଲକୋ ନଗର, ୩।୭(ସମିସ): ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଏବଂ ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ, ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇ ମୋଟା ଅଙ୍କର ଅର୍ଥ ଦାବିକରି ବ୍ଲାକମେଲିଂ ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ ୧୯ ବର୍ଷୀୟ ଏହି ଯୁବକ ଜଣକ ବିକ୍ରମପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଯୁବତୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଫଟୋ ଉତ୍ତୋଳନ କରିଥିଲେ। କିଛିଦିନ ପରେ ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ତେବେ ଯୁବତୀ ସ୍ଥାନୀୟ କୁଲାଡ଼ ଗାଁରେ ଯୁବତୀ ରହୁଥିବା ଭଡ଼ା ଘରକୁ ଆସି ଯୁବକ ମାରପିଟ କରିବା ସହ ତାଙ୍କ ସହିତ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ସମ୍ପର୍କ ନ ରଖିଲେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେବା ସହ ୫୦ ହଜାର ଟଙ୍କା ଦାବି କରିଥିଲେ। ଯୁବତୀ ଏଥିରେ ଅତିଷ୍ଠ ହୋଇ ନାଲକୋନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତକୁ ହୀରାକୁଦ ଅଞ୍ଚଳରୁ ଉଠାଇ ଆଣି ତଦନ୍ତ ଚଳାଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

### ■ ଡିଏଭି ପବ୍ଲିକ ସ୍କୁଲରେ ଅବ୍ୟବସ୍ଥା

## ଛାତ୍ରଛାତ୍ରୀଙ୍କ ସହ ଖେଳଖେଳୁଛନ୍ତି କର୍ତ୍ତୃପକ୍ଷ

ତାଳଚେରସଦର, ୩।୭(ସମିସ): କୁନିକୁନି ଛାତ୍ରଛାତ୍ରୀଙ୍କ ସହ ଖେଳ ଖେଳୁଛନ୍ତି ଜଗନ୍ନାଥ ଡିଏଭି ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷ। ସାରା ଓଡ଼ିଶାରେ ହଇଜା ଚହଳ ପକାଇଥିବା ବେଳେ ତାଳଚେର ଡିଏଭି କର୍ତ୍ତୃପକ୍ଷ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ନ ଥିବା ଭଳି ମନେହେଉଛି। ଏହି ସ୍କୁଲରେ ଏଲକେଜିରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ମାତ୍ର ସେହି ଅନୁପାତରେ ପାନୀୟଜଳ ବ୍ୟବସ୍ଥା, ପରିଶ୍ରାଗାର ଆଦି ନାହିଁ। ଶ୍ରେଣୀ ଗୃହରେ ଆବଶ୍ୟକ ଅନୁଯାୟୀ ଆଲୋକୀକରଣ ଓ ଫ୍ୟାନ ବ୍ୟବସ୍ଥା ନ ଥିବାରୁ ପିଲାଙ୍କ ପାଠପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ବିଶେଷ କରି ଛାତ୍ରୀଙ୍କ ପାଇଁ ଆବଶ୍ୟକ ପରିଶ୍ରାଗାର ଓ ସେଥିରେ ଆବଶ୍ୟକ ଅନୁଯାୟୀ ଜଳ ଯୋଗାଣ ବ୍ୟବସ୍ଥା ନ ଥିବାରୁ ଛାତ୍ରୀମାନେ ୟୁରିନ୍ ଇନଫେକ୍ସନ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କଠାରୁ ମାସିକ ମୋଟା ଅଙ୍କର ଫି' ନେଉଥିବା ବେଳେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇଦେବାରେ ଅବହେଳା କରୁଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁନଶ୍ଚ ଏମସିଏଲ ପକ୍ଷରୁ କର୍ମଚାରୀଙ୍କ ପୁଅଝିଅଙ୍କ ପାଇଁ ସ୍କୁଲ ବସ୍ ସୁବିଧା ଥିବା ବେଳେ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ପାଇଁ ସେଭଳି କୌଣସି ବ୍ୟବସ୍ଥା ନ ଥିବାରୁ ସେମାନେ ବାଧ୍ୟହୋଇ ଗୋଟିଏ ଅଟୋରେ ୧୨ରୁ ୧୫ ଠେଲାପେଲା ହୋଇ ଯାଉଥିବା ଅଭିଯୋଗ ହେଉଛି। ଯଦି କୌଣସି ଅଘଟଣ ଘଟେ ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି। ତେବେ ଏ ସମ୍ପର୍କରେ ଡିଏଭି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।




# ଜୁଲାଇ ୯ ଧର୍ମଘଟରେ ସାମିଲ ହେବେ ଏନଟିପିସି ଶ୍ରମିକ

କଣିହାଁ, ୩।୭(ସମିସ)



ଏନଟିପିସି କଣିହାଁରେ କ୍ରିୟାଶୀଳ ଶ୍ରମିକ କର୍ମଚାରୀ ୟୁନିୟନଗୁଡ଼ିକର ନେତୃମଣ୍ଡଳୀଙ୍କ ମିଳିତ ବୈଠକ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। କେନ୍ଦ୍ର ବିଜେପି ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ଫେଡେରେସନ ଓ ଆସୋସିଏସନ ସମୂହର ମିଳିତ ଆହ୍ୱାନରେ ଜୁଲାଇ ୯ ସାଧାରଣ ଧର୍ମଘଟରେ ଏନଟିପିସି କଣିହାଁର ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକମାନେ ସାମିଲ ହେବାକୁ ନିଷ୍ପତ୍ତି ହୋଇଛି। ଶ୍ରମିକ-କର୍ମଚାରୀ ବିରୋଧୀ ୪ ଶ୍ରମ କୋଡ୍ ବାତିଲ, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା ନିର୍ଦ୍ଧାରଣ କରିବା, ସର୍ବନିମ୍ନ ପେନସନ ମାସିକ ୧୦ ହଜାର ଟଙ୍କା କରିବା, ଇପିଏଫ୍, ବୋନସ, ଇଏସ୍ଆଇସି, ଗ୍ରାଚୁ୍ୟଟି କ୍ଷେତ୍ରରେ ମଜୁରିର ସର୍ବୋଚ୍ଚ ସୀମା (ସିଲିଂ) ଉଚ୍ଛେଦ, ରାଷ୍ଟ୍ରାୟତ୍ତ ଓ ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ, ଖାଦ୍ୟଦ୍ରବ୍ୟ ଓ ଔଷଧ ସମେତ ସମସ୍ତ ଆତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ, ପାଚିକା, ଆଶା, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ଆଦି ୧୭ ଦଫା ଦାବିରେ ଜୁଲାଇ ୯ ରେ ଦେଶବ୍ୟାପୀ ଧର୍ମଘଟ ହେବ। ଏହି ଧର୍ମଘଟକୁ ଏନଟିପିସି କଣିହାଁରେ ସଫଳ କରିବା ନିମନ୍ତେ ଜୁଲାଇ ୭ ଅପରାହ୍ନ ୫ଟାରେ ଏନଟିପିସି କଣିହାଁ ମୁଖ୍ୟ ଫାଟକ ସମ୍ମୁଖ ବାଇପାସ ଛକରେ ଶ୍ରମିକ କର୍ମଚାରୀଙ୍କ ସଭା ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ଆଇଏନ୍‌ଟିୟୁସି ସହବନ୍ଧିତ ଏନଟିପିସି ଏମ୍ପ୍ଲୋଇଜ୍ ୟୁନିୟନର ଜଗବନ୍ଧୁ ପ୍ରଧାନ, ସୁଶୀଲ ବେହେରା, ଚକ୍ରଧର ସାହୁ, ଏନଟିପିସି ଶ୍ରମିକ ୟୁନିୟନର ସତ୍ୟାନନ୍ଦ ସାହୁ, ଏଚ୍‌ଏମ୍‌ଏସ୍ ସହବନ୍ଧିତ ଏନଟିପିସି ମଜଦୁର ସଭାର ଅରେନ୍ କୁମାର ପାଣି ଏବଂ ଏଆଇୟୁଟିୟୁସି ସହବନ୍ଧିତ ୟୁନାଇଟେଡ୍ ଏମ୍ପ୍ଲୋଇଜ୍ ୟୁନିୟନର ପ୍ରତାପ ଚନ୍ଦ୍ର ସାହୁ, ଦୁଃଖିଶ୍ୟାମ ମଲ୍ଲିକ ଓ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ପ୍ରହ୍ଲାଦ ଚନ୍ଦ୍ର ସାହୁ, ଟୁନା ନାଏକ ପ୍ରମୁଖ ଉପସ୍ଥିତ ରହି ଜୁଲାଇ ୯ ଧର୍ମଘଟରେ ଏନଟିପିସିର ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକମାନେ ସାମିଲ ହେବା ପାଇଁ ନିବେଦନ କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ପୁନଶ୍ଚ ଅଧିକାର ସଙ୍କଟ

ଭାରତର 'ଅସୁସ୍ଥ ବ୍ୟକ୍ତି' (ସିକ୍‌ମ୍ୟାନ୍) ଭାବେ ପରିଚିତ ବିହାର ଅନେକ ପ୍ରସଙ୍ଗରେ ଦେଶକୁ ବାଟ ଦେଖାଇଛି ଏବଂ ବହୁକ୍ଷେତ୍ରରେ ବାଟ ବିଗାଡ଼ିଛି। ଜାତିଆଣ ରାଜନୀତି, ଜାତିଗତ ଦଙ୍ଗା, ଜାତିଗତ ହିଂସାକାଣ୍ଡ, ଜାତିଗତ ଜନଗଣନା, ବ୍ୟାଧି, ଦାରିଦ୍ର୍ୟ ଓ ସାମାଜିକ ଅସମତାର ଏକ ପରିଦର୍ଶନ ଓ ପ୍ରୟୋଗାତ୍ମକ କ୍ଷେତ୍ର ହୋଇ ରହିଆସିଥିବା ବିହାର ଏବେ ପୁଣି ଥରେ ପ୍ରମୁଖ ଖବରର ଶୀର୍ଷରେ ରହିଛି। ଆଉ ମାତ୍ର ଚାରି/ପାଞ୍ଚ ମାସ ପରେ ବିହାରରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟର ଭୋଟର ତାଲିକାକୁ ତ୍ରୁଟିହୀନ ଓ ସମ୍ପୂର୍ଣ୍ଣ ବୈଧ କରିବା ପାଇଁ ଆରମ୍ଭ କରିଥିବା ଅଭିଯାନ ରାଜନୈତିକ ବିବାଦ ଓ ଅଧିକାର ସଙ୍କଟ ଭଳି ପ୍ରସଙ୍ଗକୁ ଜନ୍ମ ଦେଇଛି। ଅଣଏନ୍‌ଡିଏ ଦଳମାନେ ଏଥିରେ ଏନ୍‌ଆରସି (ଜାତୀୟ ନାଗରିକ ସଂହିତା) ର ଗନ୍ଧ ବାରିଛନ୍ତି। ବିଶେଷଜ୍ଞମାନଙ୍କ ମତାନୁଯାୟୀ ନିର୍ବାଚନ ଆୟୋଗଙ୍କ ଏହି ଅଭିଯାନ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନ ହେଲେ ସାମ୍ବିଧାନିକ ଅଧିକାର ହନନ ଭଳି ଗୁରୁତର ସଙ୍କଟ ସୃଷ୍ଟି ହେବ।

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବିହାର ଭୋଟର ତାଲିକାରେ ନାମ ସଂଶୋଧନ ବାଧ୍ୟତାମୂଳକ କରାଯାଇଥିବା ବେଳେ ସେଥିପାଇଁ ୧୧ ପ୍ରକାର ଦଲିଲ୍ ବା ପ୍ରମାଣପତ୍ରର ଆବଶ୍ୟକତାକୁ ଦର୍ଶାଯାଇଛି। ୧୯୮୭ ପରେ ଜନ୍ମ ନେଇଥିବା ଏବଂ ୨୦୦୩ ଜାନୁଆରୀ ୧ ତାରିଖ ପରେ ଭୋଟର ତାଲିକାରେ ନାମ ଦାଖିଲ କରିଥିବା ପ୍ରତି ଭୋଟର ସାନି ତାଲିକାଭୁକ୍ତ ହେବା ପାଇଁ ଅତିରିକ୍ତ ଭାବେ ସେମାନଙ୍କ ଭାରତୀୟ ନାଗରିକତ୍ୱର ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ଜାତିଗତ ପ୍ରମାଣପତ୍ର କିମ୍ବା ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ନେବାକୁ ପଡ଼ିବ। ଗରିବ, ନିରକ୍ଷର ଓ ଭୂମିହୀନ ଭୋଟରଙ୍କ ପକ୍ଷେ ଏହା ଯୋଗାଡ଼ କରିବା ଏକ ଦୁରୂହ ବ୍ୟାପାର। ତା'ଛଡ଼ା ଜୁନ୍ ୨୫ରୁ ଆରମ୍ଭ ହୋଇସାରିଥିବା ଏହି ସଂଶୋଧନ ପ୍ରକ୍ରିୟା ଜୁଲାଇ ୨୫ ତାରିଖ ସୁଦ୍ଧ ସମାପ୍ତ ହେବ ବୋଲି ଧାର୍ଯ୍ୟ କରାଯାଇଥିବାରୁ ଏତେ ସ୍ୱଳ୍ପ ସମୟ ମଧ୍ୟରେ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ରହୁଥିବା ଭୋଟରମାନେ ମାଇଲ୍ ମାଇଲ୍ ଗସ୍ତ ଓ ଅର୍ଥ ଖର୍ଚ୍ଚ କରି ସଂଶୋଧିତ ତାଲିକାରେ ନିଜ ନାମ ପଞ୍ଜିକରଣ କରିବା ପାଇଁ ଯେ ଆଗ୍ରହ ପ୍ରକାଶ କରିବେ ତାହା ବିଶ୍ୱାସ ହେଉନାହିଁ। ଏଭଳି ଏକପ୍ରକାର ଅସମ୍ଭବ ପରିସ୍ଥିତିରେ ରାଜନୈତିକ ଦଳର ତୃଣମୂଳସ୍ତରର କର୍ମୀମାନେ ସକ୍ରିୟ ହେବା ସ୍ୱାଭାବିକ। ତେଣୁ କୃତଜ୍ଞତା ସ୍ୱରୂପ ଭୋଟରମାନେ ସେହି ଦଳକୁ ଭୋଟ ଦେବେ ଯେଉଁ ଦଳର ନେତାମାନେ ଭୋଟରଙ୍କ ନାମଗୁଡ଼ିକୁ ସାନି ତାଲିକାଭୁକ୍ତ କରାଇବାରେ ସହାୟତା କରିଛନ୍ତି।

ରାଜନୈତିକ ବିବାଦରୁ ଊର୍ଦ୍ଧ୍ୱରେ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟୀକରଣ ଅନୁଯାୟୀ ବିହାରରେ ଭୂତଭୋଟର ଓ ଅବୈଧ ବହିରାଗତ ଭୋଟର ସମସ୍ୟା ସର୍ବାଧିକ। ଏହି ସଂଶୋଧନ ତାଲିକା ବଳରେ ଅବୈଧ ଭୋଟରଙ୍କୁ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିବା ସମ୍ଭବ ହେବ। ନିର୍ବାଚନ ଆୟୋଗଙ୍କ ଏହି ଲକ୍ଷ୍ୟ ଯେତିକି ମହତ୍ ଓ ସ୍ୱାଗତଯୋଗ୍ୟ; ତା'ଠାରୁ ଅଧିକ ଜଟିଳ ଓ ଆହ୍ୱାନପୂର୍ଣ୍ଣ। ଆମ ଦେଶର ସାମାଜିକ ବ୍ୟବସ୍ଥାରେ ସୀମିତ ସମୟରେ ଏହି ତାଲିକା ଯେ ତ୍ରୁଟିପୂର୍ଣ୍ଣ ହେବ ସେ ନିଶ୍ଚିତତା ଆଦୌ କରିହେଉ ନାହିଁ। ଆହୁରି ମଧ୍ୟ ବିହାରର ଶିକ୍ଷା, ସାମାଜିକ ଓ ଅର୍ଥନୈତିକ ସ୍ଥିତି ଯାହା ସେଥିରେ ମାତ୍ର ୩୦ଦିନ ମଧ୍ୟରେ ପ୍ରାୟ ୧୩ କୋଟି ୭ ଲକ୍ଷର ବିଶାଳ ଜନସଂଖ୍ୟା ଏବଂ ୭ କୋଟି ୬୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ବିଶିଷ୍ଟ ତାଲିକାର ତ୍ରୁଟିବିହୀନ ସଂଶୋଧନ ଯେ ସମ୍ଭବ ହେବ ସେ ବିଶ୍ୱାସ ହେଉନାହିଁ। ଏ କାମଟି କେତେ ଜଟିଳ ତାହା ଏକ କ୍ଷୁଦ୍ର ପରିସଂଖ୍ୟାନଗତ ବିଶ୍ଳେଷଣରୁ ବୁଝି ହେବ। 'ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ'ର ତଥ୍ୟାନୁଯାୟୀ ବିହାରରେ ୨୦୦୦ ମସିହାରେ ମାତ୍ର ୧.୧୯ ଲକ୍ଷ ଜନ୍ମ ପ୍ରମାଣପତ୍ର ପଞ୍ଜିକରଣ ହୋଇଥିବା ବେଳେ ତାହା ସେହିବର୍ଷ ସେହି ରାଜ୍ୟରେ ଜନ୍ମ ନେଇଥିବା ମୋଟ ଶିଶୁଙ୍କର ମାତ୍ର ୩.୭%। ୨୦୦୦ ପୂର୍ବରୁ ବିହାରରେ ଜନ୍ମଗତ ପ୍ରମାଣର କୌଣସି ନଥିପତ୍ର 'ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ' ପାଖରେ ଉପଲବ୍ଧ ନୁହେଁ। ଆଉ ଏକ ତଥ୍ୟ ଅନୁଯାୟୀ ୨୦୦୧ ମାର୍ଚ୍ଚ ୧ ତାରିଖରୁ ୨୦୧୧ ଭିତରେ ବିହାର ଜନସଂଖ୍ୟା ୨.୧୧ କୋଟି ବୃଦ୍ଧି ପାଇଛି, ଅଥଚ ସେହି ସମୟ ଭିତରେ ଜନ୍ମ ପଞ୍ଜିକରଣ ସଂଖ୍ୟା ବଢ଼ିଛି ମାତ୍ର ୭୩.୯୧ ଲକ୍ଷ। ଏଭଳି ପରିସ୍ଥିତିରେ ଗରିବ ଓ ଅଶିକ୍ଷିତ ଭୋଟରଟିଏ ଜନ୍ମ ପ୍ରମାଣପତ୍ର ପାଇବେ କେମିତି, ଭୋଟର ତାଲିକାରେ ନାମ ସଂଶୋଧନ କରିବ କେମିତି ଏବଂ ଭୋଟ ଅଧିକାର ସାବ୍ୟସ୍ତ କରିବ କେମିତି?

ବିହାରରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ବୈଧ ଓ ତ୍ରୁଟିହୀନ କରିବା ପାଇଁ ନିର୍ବାଚନ ଆୟୋଗ ଯେଉଁ ଅଭିଯାନ ଆରମ୍ଭ କରିଛନ୍ତି ତାହାକୁ ଆସାମ ନାଗରିକ ପଞ୍ଜିକାର ଫଳାଫଳ ଆଧାରରେ ବିଶ୍ଳେଷଣ କଲେ ବଡ଼ ପ୍ରମାଦର ଗନ୍ଧ ବାରି ହେଉଛି। ଆସାମର ମୂଳବାସିନ୍ଦାମାନଙ୍କ ଅଧିକାର ସୁରକ୍ଷିତ କରି ସେମାନଙ୍କ ଭାରତୀୟ ନାଗରିକତାକୁ ବୈଧ କରିବା ଏବଂ ବହିରାଗତମାନଙ୍କୁ ଅବୈଧ ଭାବେ ହାତେଇ ନେଇଥିବା ସରକାରୀ ସୁବିଧାସୁଯୋଗରୁ ବାଦ୍ ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ହୋଇଥିଲା 'ଆସାମ୍ ନାଗରିକ ପଞ୍ଜିକା'। କିନ୍ତୁ ଏହା ପୂର୍ଣ୍ଣାଙ୍ଗ ରୂପ ନେବା ବେଳକୁ ଜଣାପଡ଼ିଲା ଯେ ବାଂଲାଦେଶୀ ଅନୁପ୍ରବେଶକାରୀ ବା ବହିରାଗତମାନେ ଅବୈଧ ଭାବରେ ହାତେଇ ନେଇଥିବା ଜମି ପଟ୍ଟା ବଳରେ ନାଗରିକ ପଞ୍ଜିକାରେ ସ୍ଥାନ ପାଇଛନ୍ତି, ଅଥଚ ଆସାମର ୧୯ ଲକ୍ଷ ମୂଳ ବାସିନ୍ଦା ପଞ୍ଜିକାରୁ ବାଦ୍ ପଡ଼ିଛନ୍ତି। ସେହି ହତଭାଗ୍ୟମାନେ ନିଜର ନ୍ୟାଯ୍ୟ ଭାରତୀୟତା ପ୍ରମାଣ କରିବା ଏବେ ବିଭିନ୍ନ ଆଇନ ଅଦାଲତକୁ ଦୌଡୁଛନ୍ତି। ତେଣୁ ଉପରୋକ୍ତ ପରିସଂଖ୍ୟାନ ଆଧାରରେ ବିହାରରେ ଯଦି ଅନୁରୂପ ବିଡ଼ମ୍ବନା ଘଟେ ତେବେ ତାହା ତ ନିର୍ବାଚନ ଆୟୋଗଙ୍କ ମୂଳ ଲକ୍ଷ୍ୟର ବ୍ୟତିକ୍ରମ ହେବ; ତା'ସହିତ ଭୋଟଦାନ ଅଧିକାରରୁ ବଞ୍ଚିତ ଭଳି ଗୁରୁତର ସାମ୍ବିଧାନିକ, ବୈଧାନିକ ଓ ଆଇନଗତ ଜଟିଳତାକୁ ଜନ୍ମ ଦେବ।

ଆହୁରି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି ଯେ ବିହାରରେ ପରୀକ୍ଷଣ ପରେ ଦେଶର ଅନ୍ୟାନ୍ୟ ଏନ୍‌ଡିଏ ଶାସିତ ଏବଂ ପରବର୍ତ୍ତୀ ସମୟରେ ଅଣଏନ୍‌ଡିଏ ଶାସିତ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇପାରେ। ଯଦି ଅବୈଧ ନାଗରିକ ଚିହ୍ନଟର ଏହା ତ୍ରୁଟିଶୂନ୍ୟ ଆଧାର ହୁଏ, ସେଥିରେ କେହି ବିରୋଧ କରିବାର ନାହିଁ। କିନ୍ତୁ ଏନ୍‌ଆରସି ଆଳରେ ଭାରତର ମୂଳ ବାସିନ୍ଦା ଯଦି ଭୋଟର ଅଧିକାରରୁ ବଞ୍ଚିତ ହେବେ ତାହା ଗ୍ରହଣୀୟ ନୁହେଁ। ଭୋଟର ତାଲିକାର ମୌଳିକ ସଂରଚନା, ବ୍ୟବସ୍ଥା ଓ ନିଷ୍ପତ୍ତିଗତ ଅଧିକାର ଆଦି ରାଜ୍ୟ ବ୍ୟାପାର ନୁହେଁ। ତେଣୁ ଗୋଟିଏ ରାଜ୍ୟରେ ଏତେ ବଡ଼ ଯୁଗାନ୍ତକାରୀ ପରୀକ୍ଷା ନିରୀକ୍ଷା କରିବା ପୂର୍ବରୁ ଏ ଦିଗରେ ଜାତୀୟସ୍ତରରେ ଅଧିକ ବିଚାର ବିମର୍ଶର ଆବଶ୍ୟକତା ଥିବା ଏବଂ ହାତରେ ଅଧିକ ସମୟ ରଖିବା ଉଚିତ ମନେ ହୁଏ।

## ଉତ୍ତର ଔପନିବେଶିକ ଧର୍ମଚିନ୍ତା

ହରପ୍ରସାଦ ଦାସ

ହିନ୍ଦୁଧର୍ମକୁ ନେଇ ସମଗ୍ର ୟୁରୋପରେ ନୂଆ ବୌଦ୍ଧିକ ଆଗ୍ରହ ସୃଷ୍ଟି ହେବା ସାମୟିକ, କ୍ଷଣସ୍ଥାୟୀ ନା ଆକସ୍ମିକ? ଏ ଆଗ୍ରହ ୧୯୬୪ ବେଳକୁ ଥିଲା କି? ବିଦେଶରେ ପ୍ରକାଶିତ ଧର୍ମ ସମ୍ବନ୍ଧୀୟ ବହିମାନଙ୍କ ଭିତରେ ହିନ୍ଦୁ ଧର୍ମର ଚର୍ଚ୍ଚା, ଦେବଦେବୀ ଓ ଲୋକସାହିତ୍ୟ ତଥା ଦନ୍ତକଥାକୁ ନେଇ ଅବଶ୍ୟ ଥିଲା, କିନ୍ତୁ ତାହା ସମକାଳୀନ ବିଶ୍ୱରେ ଶକ୍ତିତନ୍ତ୍ରର ରାଜନୀତିରେ ପ୍ରବେଶ କରି ନ ଥିଲା। କାରଣ ପାଶ୍ଚାତ୍ୟ ବୌଦ୍ଧିକ ଜଗତ ସେତେବେଳକୁ ପ୍ରାୟ ନିଶ୍ଚିତ ଥିଲା ଯେ ଯେତେସବୁ ଉପନିବେଶରୁ ୟୁରୋପୀୟମାନେ ଓହରିଯାଇଥିଲେ ସେଠି ଗୋଟେ ବୃହତ୍ତର ଉପନିବେଶ ରହିଯାଇଥିଲା। ସେ ଉପନିବେଶ ଥିଲା ବୌଦ୍ଧିକ ଉପନିବେଶ। ତାହା ରଚିତ ହୋଇଥିଲା ଚିନ୍ତାରେ, ଶିକ୍ଷାରେ ଓ ଇଂରେଜୀ ଭାଷା ଦ୍ୱାରା ଗୋଟେ ମହାଦେଶୋପମ ବିଶାଳ, ବିଚିତ୍ର ଓ ଧର୍ମପ୍ରଧାନ କ୍ଷେତ୍ରରେ। ଏ ବୌଦ୍ଧିକ ଉପନିବେଶ ଭାରତୀୟଙ୍କୁ ଏଭଳି ବଦଳେଇ ଦେଇଚି ଯେ ଇଂରେଜ ଗଲାପରେ ବି ଇଂରେଜୀ ରହିବ, ଇଂରେଜିୟତ ରହିବ ଓ ଭାରତ ଏକ କୃତାର୍ଥ ଦୃଷ୍ଟିରେ ଇଂରେଜ ଓ ଇଂରେଜୀକୁ ଅନାଇ ରହିବ। ଏ ଧାରଣା ଭୁଲ ଥିଲା।

ଏଡ଼ିକି କ୍ଷୁଦ୍ର ଗୋଟିଏ ଦେଶରୁ ଆସି ଏଭଳି ବିଶାଳ କ୍ଷେତ୍ରକୁ ସ୍ଥାନୀୟ ଲୋକଶକ୍ତି ବ୍ୟବହାର କରି ପ୍ରଭାବିତ କରିବା ସହିତ ଆଧୁନିକୀକରଣର ପ୍ରତିମାନ ସ୍ଥାପିତ କରି ସଫଳ ହେବା କିଛି କ୍ଷୁଦ୍ର ବ୍ୟାପାର ନଥିଲା। ଇଂରେଜଙ୍କ ସମ୍ରାଜ୍ୟବାଦୀ ଇତିହାସରେ ଭାରତ ଥିଲା ଏକ ଅତୁଳନୀୟ ଓ ଅନନ୍ୟ ଅନୁଭୂତି। ଏତେ ସମସ୍ୟା ସେମାନେ କୋଉଠି ସାମ୍ନା କରିନଥିଲେ, ଏତେ ହନ୍ତସନ୍ତ ସେମାନେ କୋଉଠି ହେଇନଥିଲେ କି ଏତେବଡ଼ ପ୍ରଶାସକୀୟ ଅଭିଜ୍ଞତା ସେମାନେ କୋଉଠି ପାଇନଥିଲେ। ୧୭୫୭ରୁ ୧୮୫୭ କମ୍ପାନୀ ଶାସନ ଓ ତା'ପରେ ୧୯୪୭ ଯାଏଁ ରାଜଗଣତନ୍ତ୍ର (ଉତ୍ତରାଧିକାର ସୂତ୍ରରେ ରାଜତନ୍ତ୍ରୀୟ ରାଷ୍ଟ୍ରମୁଖ୍ୟ, କିନ୍ତୁ ଲୋକନିର୍ବାଚିତ ପ୍ରତିନିଧିଙ୍କ ସରକାର) ଅଧୀନରେ ଔପନିବେଶିକ ଶାସନ ଏକ ବିଚିତ୍ର ମଡେଲ। ଶେଷ ନବେ ବର୍ଷ କଷ୍ଟକର। ସିପାହୀବିଦ୍ରୋହ (୧୮୫୭) ପରେ ବ୍ରିଟିଶ ପାର୍ଲିଆମେଣ୍ଟ ଓ ନିର୍ବାଚିତ ସରକାର ଭାରତର ଶାସନ ନିଜ ହାତକୁ ନେଇଗଲେ ସିନା ସମ୍ଭାଳିବା ସହଜ ନଥିଲା। ଇଂରେଜମାନଙ୍କ କୂଟର ପ୍ରୟୋଗ ବିଫଳ ହୋଇଚାଲିଲା। ଏଡ଼େ ବିରାଟ ଭୂଖଣ୍ଡର ଭାଷା, ସଂସ୍କୃତି ଓ ଧର୍ମକୁ ଗୋଟିଏ କ୍ଷୁଦ୍ର ବେଷ୍ଟନୀ ଭିତରେ ଆବଦ୍ଧ କରିବାର ଅନୁଭୂତିହୀନ ଉନ୍ମାସିକତା ତାଙ୍କୁ ବିପଦରେ ପକେଇଦେଲା। ଭାବିଦେଖନ୍ତୁ ସେତେବେଳର ଏ ସାଇବଗୁଡ଼ିକ କେଡ଼େ କ୍ଷୁଦ୍ର ଜୀବ ଥିଲେ, ଅଥଚ କେବଳ ଆଟୋପ ଦେଖାଇ କେଡ଼େବଡ଼ ମହାତ୍ୱାକାଂକ୍ଷା ନେଇ ନିଜକୁ ଉପସ୍ଥାପିତ କରୁଥିଲେ ଏବଂ ନିଜ ଅଧସ୍ତନ ଦ୍ୱାରା ନିଜ ବଡ଼ପଣର କାହାଣୀ ଲେଖାଇ ତା'କୁ ଇତିହାସର ମାନ୍ୟତା ବି ଦେଇଥିଲେ।

ନିଜ କ୍ଷୁଦ୍ର ଦେଶର କମ୍ପାନୀ କିରାଣୀ, ଆର୍ମିଅଫିସର, ସାମନ୍ତ ବଂଶଜମାନଙ୍କୁ ଗଭର୍ଣ୍ଣର ବନେଇ ସାଧାରଣଙ୍କୁ ମହିମାମଣ୍ଡିତ କରି ଥୋଇଲେ। ହେଷ୍ଟିଂସ, କ୍ଲାଇବ, କାନିଙ୍ଗ ଓ ପରେ କର୍ଜନ, ରିପ୍ପନ, ମାଉଣ୍ଟବାଟେନ ଓ ଅନ୍ୟସମସ୍ତେ ଗୋଟିଏ ଷ୍ଟେରିଓଟାଇପ। ଶିଳ୍ପବିପ୍ଳବ ପରର ଲୋକଜୀବନରେ ବ୍ୟାଚ ଉତ୍ପାଦନର ଯେଉଁ ଧାଡ଼ି, ଟାଇପ, ଶ୍ରେଣୀ ପ୍ରବେଶ କଲା ତା'ର ପ୍ରଭାବ ଥିଲା ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସବୁଠି ସାଧାରଣୀକରଣ। ମାଉଣ୍ଟବ୍ୟାଟେନ ଓ ରିପ୍ପନ, ଡେଲହାଉସି ଓ କର୍ଜନ ଏମାନେ ଅଲଗା ସମ୍ଭ୍ରାନ୍ତ୍ୟରେ କିନ୍ତୁ ଏକ ଉନ୍ମାସିକ ପତିଆରାରେ। ଏମାନଙ୍କ ବ୍ୟକ୍ତିପ୍ରତିମାର ଛାୟାଲୋକରେ ଯେଉଁ ଅମଲାତନ୍ତ୍ର କମ୍ପାନୀ ଓ ବ୍ରିଟିଶ ସରକାର ଉପନିବେଶ ପାଇଁ ନିର୍ମାଣ କଲେ ସେଥିରେ ଉନ୍ମାସିକ ପତିଆରା ଗୋଟେ ଅପଠିତ, କିନ୍ତୁ ଅନୁଭୂତ ଛାୟାପାଠ ହୋଇ ରହିଗଲା।

ମାନିବାକୁ ପଡ଼ିବ ଯେ ଅମଲାତନ୍ତ୍ରର ପ୍ରତିଷ୍ଠା ଥିଲା ଇଂରେଜଙ୍କ ବଡ଼ ସଫଳତା। ଇଏ ଥିଲା ଏକ ପ୍ରତିମାନ ବା ପ୍ରଚଳିତ ମାନର ବିପରୀତରେ ସ୍ଥାପିତ ଏକ ମାନ। ମୋଗଲ ଅମଲାବ୍ୟବସ୍ଥା ତନ୍ତ୍ରରେ ନିର୍ମିତ ହୋଇନଥିଲା। ଭାରତୀୟ ରାଜତନ୍ତ୍ରରେ ଅମଲାବ୍ୟବସ୍ଥା, ବସ୍ତୁତଃ ସବୁ ବ୍ୟବସ୍ଥାର ଭିତରେ ଥିଲା ଧର୍ମ, ତା'ର ବ୍ୟବହାରିକ ନୈତିକତା ଥିଲା ଆଧାମ୍। କୁହାଯାଇପାରେ ଯେ ସନାତନୀ ଶାସନତନ୍ତ୍ର ଥିଲା ଧର୍ମ ଓ ତା'ର ଅନୁଭୂତି ଥିଲା ଆଧାମ୍। ଏପରିକି ପରବର୍ତ୍ତୀ କାଳର ବୌଦ୍ଧ ଓ ଜୈନ ରାଜତନ୍ତ୍ରରେ ବି ଆଧାରଭୂତ ରଚନା ଥିଲା ସେଇଆ। କେବଳ ଅମଲାତନ୍ତ୍ର ଦ୍ୱାରା ଶାସନ କରିବା ସମ୍ଭବ ନଥିଲା, ତେଣେ ସନାତନୀ ହିନ୍ଦୁଙ୍କ ପ୍ରକୃତ ଆନୁଗତ୍ୟ ବା ସମ୍ମାନବୋଧର ଧର୍ମସୂତ୍ର ସେମାନଙ୍କ କଳ୍ପନାରେ ନଥିଲା। କ୍ୟାଥଲିକ ଖ୍ରୀଷ୍ଟୀୟ ଧର୍ମଧାରା ଓ ଭାରତୀୟ ସନାତନୀ ଧର୍ମଧାରା ଭିତରେ ଗୋଟିଏ ବଡ଼ ପାର୍ଥକ୍ୟ ଥିଲା। ସନାତନୀ ଧର୍ମ ମାର୍ଗ ଜ୍ଞାନମାର୍ଗ। ଅର୍ଥାତ ଏ ମାର୍ଗରେ ଔପଚାରିକତା ଗୌଣ, ଦର୍ଶନ ମୁଖ୍ୟ। ଏଭଳି ଧର୍ମ ବିଶ୍ୱରେ ଆଉ କାହିଁ? ମୁଁ ଜଣେ ହିନ୍ଦୁ ଭାବରେ ଏକଥା କହୁନାହିଁ। ସବୁ ଧର୍ମର କ୍ୟାନନିକାଲ ପାଠଗୁଡ଼ିକୁ ପଢ଼ିଲା ପରେ ମୁଁ ଏ ନିଷ୍କର୍ଷରେ ଉପନୀତ ହୋଇଚି ଯେ ସନାତନୀ ହିନ୍ଦୁଙ୍କ ଧର୍ମପାଠଗୁଡ଼ିକ ଧର୍ମ ଆଚରଣ ପାଇଁ ବିକଶିତ ହୋଇନାହାନ୍ତି, ଏଗୁଡ଼ିକ ବ୍ରହ୍ମାଣ୍ଡ ସହିତ ଈଶ୍ୱରଙ୍କୁ ନେଇ ବିସ୍ମୟ, ସୃଜନଶୀଳତା, କଳା ଓ କଳ୍ପନାର ବୌଦ୍ଧିକ ଆକଳନ ଓ ବିଚାର। ଯାକୁ ଲୋକାୟତରେ ପରିଚାଳିତ କରିବା ପାଇଁ ପୁରାଣମାନଙ୍କ ରଚନା। ପୁରାଣର ମର୍ମ ସାଧାରଣ ବୋଧଗମ୍ୟତା ପାଇଁ କଥାବାଚନ ଓ ପାରାୟଣ ଦ୍ୱାରା ପ୍ରସାରିତ। ସଂକ୍ଷେପରେ ହିନ୍ଦୁ ଜ୍ଞାନମାର୍ଗ ଏକ ତ୍ରିସ୍ତରୀୟ ମହାପଥ ବା ହାଇୱେ। ଲକ୍ଷ୍ୟସ୍ଥଳ ଗୋଟିଏ। ଜୀବରେ ପରମ ଓ ପରମରେ ଜୀବର ସ୍ଥାପନା। ଏତିକି ହୋଇଗଲେ ବସୁଧା ଏକ କୁଟୁମ୍ବ, ବିଶ୍ୱ ମଧୁମୟ ଓ ନିସର୍ଗ ସହିତ ସମଗ୍ର ବ୍ରହ୍ମାଣ୍ଡ ରାହସ୍ୟାବୃତ। ରହସ୍ୟ ଉଦଘାଟନ ଭାରତୀୟଙ୍କ ବିଜ୍ଞାନ ନୁହେଁ। ରହସ୍ୟ ଉତ୍ପାଦନ ବି ନୁହେଁ। ରହସ୍ୟକୁ ରହସ୍ୟ କରି ରଖିବାରେ ଭାରତୀୟ ସ୍ୱତନ୍ତ୍ରତା। ଯା ସହିତ ବିଶ୍ୱର ଚଳନ୍ତି ଆଧୁନିକତାର ଯୋଡ଼ ବସିବକି ନାହିଁ, ତାର ବିଚାର ପରେ। ଏବେ ସଂକ୍ଷେପରେ କେବଳ ସୂଚାଇ ଦେଉଚି ଯେ ବର୍ତ୍ତମାନର ସଂକ୍ରାମକ ଆଧୁନିକତାରୁ ଅତିବୁଦ୍ଧି, ଅତିବିଜ୍ଞାନ ଓ ଅତିଆସ୍ପର୍ଦ୍ଧା - ଏହି ତିନୋଟି 'ଅତି' ବାହାରିଗଲେ ମଣିଷ ତା'ର ମଣିଷ ହେବାର ତାତ୍ପର୍ଯ୍ୟ ଫେରିପା'ନ୍ତା। ଭାରତୀୟ ଧର୍ମଚିନ୍ତନରେ ସନାତନ ଅର୍ଥାତ ଅବିନାଶୀ ଚିରନ୍ତନତା ମଣିଷକୁ ମଣିଷ କରି ରଖିବାରେ।

ଶଙ୍କରାଚାର୍ଯ୍ୟଙ୍କ କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଯେଉଁ ଜୟଯାତ୍ରା ତାକୁ ଧର୍ମପ୍ରତିଷ୍ଠାର ଅଭିଯାନ ବୋଲି କହିବାର ତାତ୍ପର୍ଯ୍ୟ ଉପରଠାଉରିଆ। ପ୍ରକୃତରେ ଏହା ଥିଲା ଏକ ଜୀବନମୂଲ୍ୟ ବା ସିଦ୍ଧାନ୍ତର ତର୍କଯାତ୍ରା। ଯାର ପଟାନ୍ତର ନାହିଁ। ସପ୍ତମ-ଅଷ୍ଟମ ଶତାବ୍ଦୀରେ ସନାତନ ସହିତ ଏକେଶ୍ୱର ଗୋଟିଏ ବଡ଼ ତର୍କରେ ପରିଣତ ହୋଇଥିଲା ଜୈନ ଓ ବୌଦ୍ଧ ଉପଧାରା ପାଇଁ ଭୂମି ସନ୍ଧାନରେ ଥିବା ତର୍କବାଗୀଶଙ୍କ ଯୋଗୁଁ। ସନାତନୀ ପୃଷ୍ଠଭୂମି ପରିତ୍ୟାଗ କରି ଗୋଟିଏ ଆର୍ଷନୂଆ ଭୂମିରେ ଧର୍ମପ୍ରତିଷ୍ଠା ମହାବୀର ବା ବୁଦ୍ଧ ଚାହୁଁନଥିଲେ। ସେମାନେ ସନାତନର ମାର୍ଗୀ ଦାର୍ଶନିକ ଥିଲେ, ଅହିଂସ ମଧ୍ୟମ ମାର୍ଗ ଥିଲା ସନାତନର ବୈଦିକ-ବ୍ରାହ୍ମଣ୍ୟ ଉପଚାରସର୍ବସ୍ୱତାରୁ ସହଜ ସମାଧାନ ପାଇବାର ଲୋକମାର୍ଗ। ଲୋକଭାଷାରେ ଲୋକଙ୍କ ପାଖରେ ସନାତନୀ ପ୍ରଜ୍ଞାର ଆଲୋକ ପହଞ୍ଚାଇବା ଥିଲା ଜ୍ଞାନୋଦୟର ଧର୍ମାନୁଭବ। ପରେ ଯେତେବେଳେ ଏହା ଅନୁଷ୍ଠାନରେ ପରିଣତ ହୋଇଗଲା, ଏପରିକି ରାଜଧର୍ମ ଭାବରେ ଗୃହୀତ ହୋଇଗଲା, ସେତେବେଳେ ଯା'ର ସନାତନୀ ମୂଳ ଉତ୍ପାଟିତ ହେବାର ଭୟ ଆସିଗଲା। ସନାତନୀ ପ୍ରାଜ୍ଞ, ବୈଦିକ ବ୍ରାହ୍ମଣ ପଣ୍ଡିତ ଓ ବୌଦ୍ଧ-ଜୈନ ଧର୍ମପ୍ରଚାରକ - ଏ ତ୍ରିଶକ୍ତି ଏକାସାଙ୍ଗରେ ସକ୍ରିୟ ହେଲେ ଓ ପରସ୍ପର ସହିତ ତର୍କ କଲେ। ଶଙ୍କରାଚାର୍ଯ୍ୟ ଥିଲେ ସନାତନର ଅନ୍ତିମ ତାର୍କିକ। ସେ ଯେଉଁ ଚତୁର୍ଧାମର ପ୍ରତିଷ୍ଠା କଲେ ଓ ତା'ସହିତ ଯେଭଳି ଭାବରେ ଯୁଗକଳ୍ପନାକୁ ଆଣି ଯୋଡ଼ିଲେ, ତହିଁରେ ଏକ ରୋମାଞ୍ଚକ ବିସ୍ମୟ ଥିଲା ପୁରୀର ଜଗନ୍ନାଥ ଧାମ। ଜଗନ୍ନାଥ କଳ୍ପିତ ହେଇଥିଲେ ଜନଜାତୀୟ ଉପାସ୍ୟ ଶଙ୍କୁ ପ୍ରତୀକ ଭାବରେ, ତାହା ବ୍ରାହ୍ମଣ୍ୟ ଔପଚାରିକତାରୁ ମୁକ୍ତଥିଲା। ଶଙ୍କରାଚାର୍ଯ୍ୟ ଦୂରଦର୍ଶୀ ପ୍ରାଜ୍ଞପୁରୁଷ ଠିକ ଦେଖିଥିଲେ ଯେ ଜଗନ୍ନାଥରେ ହିଁ ସ୍ଥାନ-କାଳ, ତାଙ୍କରି ନିର୍ମିୟମାଣ ଭଙ୍ଗୁରତାରେ ଚଳମାନ ବର୍ତ୍ତମାନ, ସେହିଁ ନିରାକାରଙ୍କର ମଣିଷ ହାତରେ ଗଢ଼ା ଅମୂର୍ତ୍ତ ମୂର୍ତ୍ତି ଶ୍ରୀଜଗନ୍ନାଥ। ସେହି ଅମୂର୍ତ୍ତର ଆକାରପ୍ରାପ୍ତି ଦନ୍ତକଥା ଭଳି ଲାଗୁଚି, କିନ୍ତୁ ଏହା ଏକ ପ୍ରତୀକ ନିର୍ମାଣ।

ସରଳ ଭାବରେ କହିଲେ ସନାତନୀ ହିନ୍ଦୁଙ୍କ ଧର୍ମଚିନ୍ତା ଜୀବନଠାରୁ ଅଲଗା ନୁହେଁ, ଯେତେବେଳେ କି ହିନ୍ଦୁଙ୍କ ଧର୍ମଚିନ୍ତାକୁ ଜୀବନଠାରୁ ଅଲଗା କରି ଏକ ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାର ପ୍ରୟାସ ଜାରି ରହିଚି ପଶ୍ଚିମରେ। ଏବେ ପୁରୀରେ ରଥଯାତ୍ରା ଦିନ ଘଟିଥିବା ଅଘଟନ ଯେଉଁ କାରଣରୁ ବି ଘଟିଥାଉ ସାଧାରଣ ଲୋକେ ଆତଙ୍କିତ ଯେ ଜଗନ୍ନାଥ ରୁଷ୍ଟ। ଶ୍ରୀମନ୍ଦିର ପ୍ରଶାସକ ଏବଂ ସରକାର ପ୍ରଭୁଙ୍କୁ କ୍ଷମାମାଗିବା ଗୋଟେ ଧର୍ମୀୟ ବ୍ୟାପାର ନା ସମାଜ, ରାଜନୀତି ଓ ପ୍ରଶାସନକୁ ଏକାଠି କରି ଆସ୍ଥାରେ ନ୍ୟସ୍ତ କରିବାର ସ୍ୱାଭାବିକ ପ୍ରତିକ୍ରିୟା? ଏଠି ସ୍ମରଣରେ ରହୁ ଯେ ପ୍ରଥମ ଓଡ଼ିଆ ଗଜପତି କପିଳେନ୍ଦ୍ରଦେବ ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ମାନିଥିଲେ। ବସ୍ତୁତଃ ସେ ବର୍ତ୍ତମାନ ସମୟର ଏ ଦେଶ ଓ ରାଷ୍ଟ୍ର ଥିଲା ଯାଏଁ ଭାରତର ରାଷ୍ଟ୍ରଦେବତା। କୁହାଯାଉ କି ନ କୁହାଯାଉ ଶଙ୍କରାଚାର୍ଯ୍ୟ ଯେ ଜଗନ୍ନାଥଙ୍କ ସର୍ବସମନ୍ୱୟୀ, ସର୍ବମାନ୍ୟ ଐଶୀସତ୍ତା ଓ ତା'ର ରୂପ ପରିଗ୍ରହ ପର୍ଯ୍ୟନ୍ତ ସମଗ୍ର ବିଚାରଧାରାକୁ ସନାତନୀ ଜୀବନଧାରା ଭାବରେ ଗ୍ରହଣ କରିନେଇଥିଲେ ଏଥିରେ ସନ୍ଦେହ ନାହିଁ। ନଚେତ ସେ ଜଗନ୍ନାଥଙ୍କ ଆରାଧନା ଓ କର୍ମକାଣ୍ଡରେ ବାହ୍ୟ ପରିବର୍ତ୍ତନ କରି ଛାଡ଼ିଦେଇ ନ ଥା'ନ୍ତେ। ଶଙ୍କରଙ୍କ ଅବଦାନ ସନାତନୀ ଦେବତାଙ୍କର ଜନଜାତୀୟ ପ୍ରତିଷ୍ଠାରେ। ଏବେ ମଧ୍ୟ ତାହା ଅପ୍ରତିହତ।

ବିଶ୍ୱରେ ଅବଦମନର ରାଜନୀତିରେ ପଶ୍ଚିମାଙ୍କ ଦୃଷ୍ଟି ଭାରତକୁ ସଂହତ ଓ ସମନ୍ୱିତ କରି ରଖିଥିବା ସେଇ ରହସ୍ୟମୟ ଶକ୍ତି ଉପରେ ଯାହା ବାହାରକୁ ଦିଶୁନାହିଁ, କିନ୍ତୁ କାର୍ଯ୍ୟ କରିଚାଲିଚି। ତାହା ଧର୍ମ। ସେମାନେ ଏ ସତ୍ୟକୁ ଶାସକ ଭାବରେ ଧରିପାରିନଥିଲେ କି ଏବେବି ଧରିପାରୁନାହାନ୍ତି। ତାଙ୍କ ବହି ଗୋଟେ ଆଡ଼େ ଆମ ଆସ୍ଥାର ଗତି ଆଉ ଗୋଟେଆଡ଼େ। ଗୁହ୍ୟ ଓ ଅପ୍ରକଟ୍ୟ ହୋଇଥିବା ହେତୁ ଆମ ଧର୍ମର କାଇନେଟିକ ବା ଚଳତଶକ୍ତି ଏକ ମର୍ମ, ଭାଷ୍ୟ ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

## କବିତା ପାଠର ନୂଆ ଧାରା

ଧ୍ରୁବ ଚରଣ ଘିବେଲା

ସାହିତ୍ୟ ସଭାଟିଏ କରାଯାଉଛି ମାନେ ସେଠି ଗହଳ ଚହଳ ପରିବେଶଟିଏ ତିଆରିବା ପାଇଁ ସଂଯୋଜିତ ଥାଏ କବିତାପାଠର ଭବ୍ୟ ଆୟୋଜନ। ସେଠାକୁ ପୁଣି ନିମନ୍ତ୍ରିତ ଥା'ନ୍ତି କେତେ କବି, କବୟିତ୍ରୀ। ସାଧାରଣତଃ ଅନେକ ସ୍ଥାନରେ ଆଗ ହୁଏ ସାହିତ୍ୟ ସଭା ଏବଂ ତା'ପରେ କରାଯାଏ କବିତା ପାଠ। ସାହିତ୍ୟ ସଭା ଓ କବିତା ପାଠ ମଧ୍ୟରେ କେଉଁଠି କେଉଁଠି ସୁବ୍ୟବସ୍ଥିତ ଥାଏ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା। ସଭା ପରେ ଯାଇ ହୁଏ ଭୋଜନ। ତା'ପରେ କବିତା ପାଠର ସୁନ୍ଦର ଆୟୋଜନ। ସାହିତ୍ୟ ସଭା ପରି କବିତାପାଠ କାର୍ଯ୍ୟକ୍ରମରେ ମଞ୍ଚାସୀନ ରହନ୍ତି ସଭାପତି, ଅତିଥିଙ୍କ ସହିତ କବିମାନଙ୍କ କବିତାଗୁଡ଼ିକର ସୁସଂଯୋଜନା ପାଇଁ ସଂଯୋଜକ ସଂଯୋଜିକା। ସେମାନଙ୍କ ସରସ ସୁନ୍ଦର ସଂଯୋଜନାରେ ରସାଳ କବିତା ପାଠ ଗତିଶୀଳ ରହିଥାଏ କବିମାନଙ୍କ ଭିନ୍ନ ଭିନ୍ନ ଶୈଳୀରେ କବିତାପାଠ କରିବା ଭିତରେ। ଆଜିକାଲି କବିତାପାଠ କାର୍ଯ୍ୟକ୍ରମକୁ ଅଧିକ ମନୋଜ୍ଞ ଓ ମନୋହର କରିବା ପାଇଁ ମଝିରେ ମଝିରେ ସଙ୍ଗୀତ, ନାଚ ଓ ଗୀତ ପରିବେଷଣ ବ୍ୟବସ୍ଥା କରାଗଲାଣି। ତଥାପି ଦେଖାଯାଏ ନାନା ବାହାନା ଦେଖାଇ କେହି କେହି କବି ନିଜ କବିତାଟି ପଢ଼ି ସାରି ସେଠୁ ଖସିଯିବାର ଧାରାବାହିକ ଉପକ୍ରମ କରନ୍ତି। ଏଥିରେ ହୁଏ କ'ଣ ନା କବିତାପାଠର ଶେଷଆଡ଼କୁ ଆଉ ବିଶେଷ କବି କେହି ନ ଥା'ନ୍ତି। ଯାହାର କବିତା ଥିବ, ସେଇ ଦୁଇ/ତିନି ଜଣ ଯାହା ରହିଥା'ନ୍ତି।

ଥରେ ଗୋଟେ ସଂସ୍ଥାର ବାର୍ଷିକ ଉତ୍ସବ ଆୟୋଜନ ପାଇଁ ଆହୂତ ପ୍ରାକ ବୈଠକ ସଭାରେ କବିତାପାଠର ଶେଷଭାଗରେ କବି ଓ କବିତା ମରୁଡ଼ି ବା କବିଙ୍କ ଅନୁପସ୍ଥିତିକୁ (ନିଜ କବିତା ପଢ଼ି ସାରି କବିଙ୍କ ପଳାଇବା ଦୁଃସ୍ଥିତିକୁ) କେମିତି ଏଡ଼ାଇ ଦିଆଯାଇପାରିବ ସେ ନେଇ ବିଚାରବିମର୍ଶ ଚାଲିଲା। ଜଣେ ସଦସ୍ୟ କହିଲେ ସଭାଶେଷରେ ସବୁ କବିଙ୍କୁ ପ୍ରଶସ୍ତିପତ୍ର ଦେବାର ବ୍ୟବସ୍ଥା ରଖାଯାଉ। ଆଉ ଜଣେ ସଦସ୍ୟ ତାଙ୍କ ଅନୁଭୂତିରୁ ଏକ ପ୍ରସ୍ତାବ ରଖିଲେ ଯେ ଉତ୍ସବର ମାସକ ଆଗରୁ କବିମାନଙ୍କୁ ଆହ୍ୱାନ କରାଯିବ ସ୍ୱରଚିତ କବିତା ଦାଖଲ କରିବା ପାଇଁ। ତା'ପରେ ଆସିଥିବା କବିତା ସଂଖ୍ୟା ଦେଖି କବିମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ କବିତା ପଢ଼ିବା ପାଇଁ ତାଲିକା ପ୍ରସ୍ତୁତ କରାଯିବ। ଯଦି ଷାଠିଏ କବିଙ୍କ କବିତା ଚୂଡ଼ାନ୍ତ ହେଲା ତେବେ ଚାରୋଟି ପର୍ଯ୍ୟାୟରେ ପନ୍ଦର ଜଣ ଲେଖାଏଁ କବି କବିତାପାଠ କରିବେ। ଏ ପ୍ରସ୍ତାବରେ ସମସ୍ତେ ସମ୍ମତି ଜଣାଇଲେ।

ପରବର୍ତ୍ତୀ ଉତ୍ସବ ସଭାକାର୍ଯ୍ୟ ସମୟ ରଖାଯାଇଥିଲା ଦିନ ଘ.୧୧.୪୫ମି. ରୁ ଘ.୧.୪୫ମି. ପର୍ଯ୍ୟନ୍ତ। ବାର୍ଷିକ ସଭା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପନ୍ଦର ଜଣ ଲେଖାଏଁ କବି କବିତା ପଢ଼ିଲେ। ଆଗରୁ ବି ସୂଚନା ଦିଆଯାଇଥିଲା ସଂଯୋଜକ ଅତି ସଂକ୍ଷିପ୍ତ ବକ୍ତବ୍ୟ ରଖିବେ। କବି ସେମିତି ଅନାବଶ୍ୟକ ଭାବେ କବିତା ବ୍ୟତୀତ ଅନ୍ୟକଥା ରଖିବେ ନାହିଁ। ସମସ୍ତେ ସୂଚନା ମାନିଥିବାରୁ ନିର୍ଦ୍ଧାରିତ ସମୟରେ କବିତା ପାଠ ସରିଥିଲା ସଭା ଆଗରୁ। କବିତା ପାଠ ପରେ ସଭିଏଁ ମଞ୍ଚରୁ ଓହ୍ଲେଇ ଥିଲେ ଏକାଥରକେ। ତା'ପରେ ପରବର୍ତ୍ତୀ ପନ୍ଦର ଜଣ କବି ସସମ୍ମାନେ ମଞ୍ଚାସୀନ ହୋଇ କବିତା ପାଠ କରିଥିଲେ। ବାର୍ଷିକ ସଭା ପରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥିତ ଥିଲା। ତା'ପରେ ତୃତୀୟ ପର୍ଯ୍ୟାୟ କବିତାପାଠ ସେଇ ସମାନ ଢାଞ୍ଚାରେ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ବାହାର କବିଙ୍କୁ ଆଗ କବିତା ପଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା ଏବଂ ତୃତୀୟ ପର୍ଯ୍ୟାୟରେ ସ୍ଥାନୀୟ କବି କବିତା ପାଠ କରିଥିଲେ। ଏଥିରେ ଦେଖାଗଲା କବିମାନେ କବିତା ପଢ଼ିଲା ପରେ ପାଠୋତ୍ସବ ସ୍ଥଳି ଛାଡ଼ି ଯାଇନଥିଲେ।

ବାର୍ଷିକ ଉତ୍ସବ ପାଇଁ ନାଁ ପଞ୍ଜିକରଣ ବେଳେ ଫୁଲ ଚନ୍ଦନ ଦେଇ କବିଙ୍କୁ ବି ସୁସ୍ୱାଗତମ କରାସରିଥାଏ। ସେଠି କିଛି ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ପ୍ରଶସ୍ତିପତ୍ର, ସାଲ ଓ ସ୍ମାରକ ଫଳକ ଦିଆଯାଇ। ସବୁ କବିଙ୍କୁ ବି ମିଳିଥିଲା ପ୍ରଶଂସାପତ୍ର। ନୂଆ ତରିକାରେ କବିତା ପାଠ ଧାରା ଭଲ ଥିଲା। ଜଣକ ପରେ ଜଣେ ମଞ୍ଚକୁ ଯାଇ କବିତା ପଢ଼ି ପୁଣି ଫେରିଆସି ମଞ୍ଚ ସାମ୍ନାରେ ବସିବା ଧାରାଠୁ ପର୍ଯ୍ୟାୟଭିତ୍ତିକ କବିତାପାଠରେ ଜଣେ କବି ନିଜ କବିତା ପଢ଼ି ସାରିଲା ପରେ ଘଣ୍ଟାଏ କାଳ ମଞ୍ଚରେ ବସିବାର ଅନୁଭବ ନିଶ୍ଚୟ ନିଆରା ଥିଲା। ସବୁ କାର୍ଯ୍ୟକ୍ରମ ସରିଲା ପରେ ନୂଆ କବିତା ପାଠ ଧାରାକୁ ସ୍ଥାନୀୟ କବି ପ୍ରଶଂସା କରିବାରେ କାର୍ପଣ୍ୟତା ପ୍ରକାଶ କରିନଥିଲେ।

ବଉଦରାଜ (ବୌଦ୍ଧ), ମୋ: ୯୪୩୭୪୭୮୪୬୬

## ବାସି ଖାଦ୍ୟ, ଝାଡ଼ୁ ଅର୍ପଣରେ ଦୂର ହୁଏ ଚର୍ମରୋଗ

ଓଜସ୍ୱିନୀ

ବିଶ୍ୱାସ ଓ ବିଜ୍ଞାନ

ଆଜିକାଲିର ପ୍ରଦୂଷିତ ପରିବେଶ ପାଇଁ ବିଭିନ୍ନ ପ୍ରକାର ଚର୍ମରୋଗର ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଛି। ଚର୍ମରୋଗ ବିଶେଷଜ୍ଞମାନଙ୍କ ପାଖରେ ଚିକିତ୍ସିତ ହେବା ପରେ ରୋଗୀ କିଛିମାତ୍ରାରେ ସୁସ୍ଥ ହେଉଛନ୍ତି। ଅନେକେ କସ୍‌ମେଟିକ୍ ସର୍ଜରୀର ସାହାରା ମଧ୍ୟ ନେଉଛନ୍ତି, ଯାହାକି ବ୍ୟୟବହୁଳ। ଡାକ୍ତରୀ ସୁବିଧା ନଥିବା କିମ୍ବା ଅର୍ଥବଳ ନଥିବା ରୋଗୀମାନେ କିନ୍ତୁ ଆରୋଗ୍ୟ ଲାଭ ପାଇଁ ଈଶ୍ୱରଙ୍କ ଉପରେ ହିଁ ଭରସା କରିଥା'ନ୍ତି। ଭାରତରେ ଏଭଳି ଦୁଇଟି ଚମତ୍କାରୀ ମନ୍ଦିର ଅଛି, ଯେଉଁଠି ସମସ୍ତପ୍ରକାର ଚର୍ମରୋଗରୁ ମୁକ୍ତି ମିଳିଥାଏ। ଗୋଟିଏ ହେଉଛି ରାଜସ୍ଥାନର ଭରତପୁର ଜିଲ୍ଲାସ୍ଥିତ ବ୍ରହ୍ମବାଦଠାରେ ଥିବା ମା' ଶୀତଳାଙ୍କ ମନ୍ଦିର ଏବଂ ମୁର୍ଶୀଦାବାଦ୍-ଆଗ୍ରା ରାଜପଥ ନିକଟରେ ସଦ୍‌ଥିଠାରେ ଥିବା ମହାଦେବ ପୂଜା ପାଉଥିବା ପାତାଳେଶ୍ୱର ମନ୍ଦିର।

ସ୍କନ୍ଦପୁରାଣ ଅନୁସାରେ ମା' ଶୀତଳା ହେଉଛନ୍ତି ସ୍ୱଚ୍ଛତାର ଦେବୀ। ଗଧ ବାହିନୀ ମା' ନିମ୍ବ ପତ୍ର, ଝାଡ଼ୁ, କଳସ ଓ ସୂପ ଧାରଣ କରିଛନ୍ତି। ପାରମ୍ପରିକ ଚିକିତ୍ସା ବିଜ୍ଞାନରେ ହାଡ଼ଫୁଟି ଉପଶମ ପାଇଁ ଏଗୁଡ଼ିକ ଉପଯୋଗ ହେଉଥିବାରୁ ମା' ଶୀତଳାଙ୍କୁ ସଂକ୍ରାମକ ରୋଗନାଶିନୀ ଭାବେ ବର୍ଣ୍ଣନା କରାଯାଇଛି। ବହୁପୂର୍ବରୁ ଯେତେବେଳେ ହାଡ଼ଫୁଟିର ପ୍ରାଦୁର୍ଭାବ ଅଧିକ ଥିଲା, ସେତେବେଳେ ମା' ଶୀତଳାଙ୍କୁ ପୂଜା କରିବା ଦ୍ୱାରା ବ୍ୟକ୍ତି ସୁସ୍ଥ ହେବା ସହିତ ଶରୀର ଦାଗମୁକ୍ତ ହେଉଥିଲା ବୋଲି ଜନଶ୍ରୁତି ଅଛି। ବର୍ତ୍ତମାନ ସମୟରେ ମଧ୍ୟ ମା' ଶୀତଳାଙ୍କୁ ସମସ୍ତ ପ୍ରକାର ଚର୍ମରୋଗରୁ ମୁକ୍ତି ପାଇଁ ସେଠାରେ ପୂଜାର୍ଚ୍ଚନା କରାଯାଉଛି। ମନ୍ଦିରରେ ଥିବା ଏକ କୂଅରୁ ମା' ଶୀତଳାଙ୍କ ଆବିର୍ଭାବ ହୋଇଥିଲା ବୋଲି କଥିତ ଅଛି। ସେହି କୂଅର ପାଣି ପିଇବା ଓ ସ୍ନାନ କରିବା ଦ୍ୱାରା ସବୁ ଚର୍ମରୋଗ ଦୂର ହୋଇଥାଏ। ଏହାସହିତ ମା'ଙ୍କ ପାଖରେ ବାସି ଓ ଥଣ୍ଡା ଖାଦ୍ୟ ଭୋଗ କରିବାର ବିଧି ମଧ୍ୟ ରହିଛି। ମହିଳାମାନେ ମା'ଙ୍କୁ ଦର୍ଶନ କରିବାର ଗୋଟିଏ ଦିନ ପୂର୍ବରୁ ଭୋଗ ପ୍ରସ୍ତୁତ କରି ରଖିଥା'ନ୍ତି। ଶିତଳାଷ୍ଟମୀ ଦିନ ଏଠାରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ ଏବଂ ଗୋଟିଏ ବଡ଼ ମେଳାର ଆୟୋଜନ ହୋଇଥାଏ, ଯାହାକୁ ବସୌଡ଼ା ପର୍ବ କୁହାଯାଏ। ଏହିଦିନ ଭକ୍ତମାନେ ସେମାନଙ୍କର ପରିବାରର ମଙ୍ଗଳକାମନା କରି ମା'ଙ୍କ ଦର୍ଶନ ପାଇଁ ଆସିଥା'ନ୍ତି। ମା' ଶୀତଳାଙ୍କ ମନ୍ଦିର ବ୍ରହ୍ମବାଦଠାରେ କିଭଳି ପ୍ରତିଷ୍ଠା ହେଲା ଏବଂ ମା'ଙ୍କ ପାଖରେ ବାସି ଖାଦ୍ୟ କାହିଁକି ଭୋଗ ହୁଏ, ସେ ସମ୍ପର୍କରେ ଅନେକ ଲୋକକଥା ଏବଂ ପୌରାଣିକ କଥା ରହିଛି।

ମୁର୍ଶୀଦାବାଦ୍-ଆଗ୍ରା ରାଜପଥ ନିକଟସ୍ଥ ସଦ୍‌ଥିଠାରେ ଥିବା ପ୍ରାୟ ୧୫୦ ବର୍ଷ ପୁରୁଣା ପାତାଳେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଚର୍ମରୋଗରୁ ମୁକ୍ତି ପାଇଁ ଏଠାରେ ଭକ୍ତମାନେ ଶିବଲିଙ୍ଗ ନିକଟରେ ଝାଡ଼ୁ ଅର୍ପଣ କରିଥା'ନ୍ତି। କିମ୍ବଦନ୍ତୀ ଅନୁଯାୟୀ ବହୁବର୍ଷ ପୂର୍ବେ ସଦ୍‌ଥିଠାରେ ଭିକାରୀ ଦାସ ନାମକ ଜଣେ ଅତ୍ୟନ୍ତ ଧନୀ ବ୍ୟବସାୟୀ ରହୁଥିଲେ। ସେ ଗମ୍ଭୀର ଚର୍ମରୋଗରେ ପୀଡ଼ିତ ଥିଲେ। ଏକଦା ସେ ଔଷଧ ଆଣିବା ପାଇଁ ସହର ଯିବା ସମୟରେ ଏହି ଗାଁ ନିକଟରେ ଅଟକିଥିଲେ। ଶୋଷ ମେଣ୍ଟାଇବା ପାଇଁ ନିକଟରେ ଥିବା ଆଶ୍ରମକୁ ଗଲେ। ସେଠାରେ ଜଣେ ସନ୍ନ୍ୟାସୀ ଦାଣ୍ଡ ଓଳାଉଥିଲେ। ସନ୍ନ୍ୟାସୀଙ୍କର ଝାଡ଼ୁ ବ୍ୟବସାୟୀଙ୍କ ଗୋଡ଼ରେ ବାଜିବାରୁ ଚମତ୍କାର ଭାବେ ସେ ଚର୍ମରୋଗରୁ ତତ୍‌କ୍ଷଣାତ୍ ମୁକ୍ତ ହୋଇଯାଇଥିଲେ। ପ୍ରତିଦାନ ସ୍ୱରୂପ ବ୍ୟବସାୟୀଜଣକ ସନ୍ନ୍ୟାସୀଙ୍କୁ ଅନେକ ସୁନା ମୋହର ଦେଲେ। କିନ୍ତୁ ସନ୍ନ୍ୟାସୀ ତାହାକୁ ଗ୍ରହଣ ନକରି ଆଶ୍ରମରେ ଗୋଟିଏ ମହାଦେବଙ୍କ ମନ୍ଦିର ନିର୍ମାଣ କରାଇବା ପାଇଁ ଇଚ୍ଛା ପ୍ରକାଶ କଲେ। ସେବେଠାରୁ ସେଠାରେ ମହାଦେବ ଶିବଲିଙ୍ଗ ସ୍ୱରୂପରେ ପାତାଳେଶ୍ୱର ଭାବେ ପୂଜା ପାଇ ଆସୁଛନ୍ତି। ଏଠାରେ ଭକ୍ତମାନେ ଝାଡ଼ୁ ଅର୍ପଣ କରିବା ଦ୍ୱାରା ଅନେକ ପ୍ରକାର ଚର୍ମରୋଗରୁ ମୁକ୍ତି ପାଇଥା'ନ୍ତି। ଭାରତ ବାହାରୁ ମଧ୍ୟ ଏଠାକୁ ଅନେକ ଭକ୍ତ ଆସି ସୁସ୍ଥ ହୋଇ ଫେରିଛନ୍ତି ବୋଲି ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣିବାକୁ ମିଳେ। ଓଡ଼ିଶାର ଉଷ୍ମ ପ୍ରସ୍ରବଣ ତପ୍ତପାଣି କୁଣ୍ଡରେ ସ୍ନାନ କରିବା ଦ୍ୱାରା ମଧ୍ୟ ଚର୍ମରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ଅଛି। ଭଗବାନଙ୍କ ଉପରେ ଅତୁଟ ଭରସା ଓ ବିଶ୍ୱାସ ହିଁ ରୋଗମୁକ୍ତିରେ ମହୌଷଧି ପାଲଟିଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପି ବିଧାୟକଙ୍କ ଗାଡ଼ିରେ ଚୋରା ଗଞ୍ଜେଇ ଓ ମଦ ଚାଲାଣ

# ବିଧାୟକଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି

ଭୁବନେଶ୍ୱର,୩।୭(ସମିସ): ଭୁବନେଶ୍ୱରର ନାଲକୋ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିଜେପି ବିଧାୟକ ପ୍ରକାଶ ସୋରେନଙ୍କ ଗାଡ଼ିରୁ ଗଞ୍ଜେଇ ଓ ମଦ ଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ଆଧାର କରି ବିଜେଡି ପକ୍ଷରୁ ବିଜେପିର ବିଧାୟକ ମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି କହିଛନ୍ତି ଯେ ରାଜଧାନୀର ଜନଗହଳି ପୂର୍ଣ୍ଣ ନାଲକୋ ଛକରେ ସ୍ପଷ୍ଟ ଦିବାଲୋକରେ ହୋଇଥିବା ଏହି ଦୁର୍ଘଟଣା ବେଳେ ବିଧାୟକ ପ୍ରକାଶ ସୋରେନଙ୍କ ପୁଅ ଓ ତାଙ୍କର ପାଞ୍ଚ ଜଣ ସହଯୋଗୀ ଏହି ଗାଡ଼ିରେ ଥିଲେ। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇ ଯାଇଥିଲେ। ବିଧାୟକଙ୍କ ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ ମଦ ବୋତଲ ଓ ଗଂଜେଇ ଥିବାର ସ୍ଥାନୀୟ ଜନସାଧାରଣ ଦେଖିବା ପରେ ଏହାର ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡିଥିଲେ, ଯାହା ଭାଇରାଲ ହେବାରେ ଲାଗିଛି। ବିଧାୟକଙ୍କ ଗାଡ଼ିରେ ମଦ ଗଞ୍ଜେଇ ଚାଲାଣ ହେବା ଏନଡିପିଏସ ଆଇନର ଉଲ୍ଲଂଘନ ଏବଂ ଏକ ସଂଗୀନ ଅପରାଧ। ବିଧାୟକ ପ୍ରକାଶ ସୋରେନ ଏହି ଘଟଣାକୁ ଚାପିଦେବା ଉଦ୍ଦେଶ୍ୟରେ ଘଟଣାକୁ ଅସ୍ୱୀକାର କରି ତାଙ୍କ ପୁଅ ଓ ସହଚରମାନଙ୍କୁ କ୍ଲିନଚିଟ ଦେବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ମାର୍ଣ୍ଡି ଅଭିଯୋଗ କହିଛନ୍ତି।



ଅନ୍ୟପଟେ ଏହି ସଂଗୀନ ଅପରାଧରେ ଜଡ଼ିତ ବିଧାୟକଙ୍କ ପୁଅ ଓ ତାଙ୍କ ସହଚରମାନଙ୍କୁ ତୁରନ୍ତ ଗିରଫ ସହ ବିଧାୟକ ପ୍ରକାଶ ସୋରେନଙ୍କୁ ତଦନ୍ତ ପରିସର ଭିତରେ ରଖାଯାଉ ବୋଲି ବିଜେଡ଼ି ଦାବି କରିଛି। ପ୍ରକାଶ ସୋରେନ ମର୍ଯ୍ୟାଦାଜନକ ବାରିପଦା ଆସନରୁ ନିର୍ବାଚିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ବେଆଇନ ଗଞ୍ଜେଇ ଓ ମଦ ବେପାର ଅହେତୁକ ଭାବେ ବୃଦ୍ଧି ପାଇଛି। ରାସ୍ତାରେ ଚେକିଂକୁ ଚକମା ଦେବା ପାଇଁ ବିଧାୟକଙ୍କ ବୋର୍ଡ ଲାଗିଥିବା ଗାଡିକୁ ବେଆଇନ ଗଞ୍ଜେଇ ଓ ମଦ ଚାଲାଣ କାମରେ ଲଗା ଯାଉଛି। ତାଙ୍କ ନାମରେ ଥିବା ଗାଡ଼ିଟି ଅବୈଧ କାର୍ଯ୍ୟରେ ବ୍ୟବହାର ହେବା ଏକ ଗୁରୁତର ବିଷୟ। କେବଳ ବାରିପଦା ବିଧାୟକ ନୁହେଁ ରାଜ୍ୟର ଅନେକ ବିଜେପି ବିଧାୟକ ଓ ବିଜେପି କର୍ମକର୍ତ୍ତା ଏବେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ହୋଇଛନ୍ତି। ରାଜ୍ୟର ପୁଲିସ ଓ ଅବକାରୀ ଅଧିକାରୀଙ୍କୁ ଭୟଭୀତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବାରଣ କରାଯାଇଛି। ଯାହା ଫଳରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ମାର୍ଣ୍ଡି ଦାବି କରିଛନ୍ତି।

## ବିପୁଳ ମାଓ ସାମଗ୍ରୀ ଜବତ

ବାଲିଗୁଡ଼ା,୩।୭(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସଲାଗୁଡା ପଞ୍ଚାୟତର କୁମ୍ଭେମିଲା ଜଙ୍ଗଲରୁ ବିପୁଳ ମାଓ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁସାରେ, ଗୁରୁବାର ଦିନ ଗୁଇନ୍ଦା ସୂଚନା ଅନୁଯାୟୀ ବିଏସ୍‌ଏଫ୍ ୧୩୬ ବାଟାଲିୟନ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅପରେସନ୍ କରାଯାଇଥିଲା। ଅପରେସନ୍ ବେଳେ ଯବାନମାନେ ଏକ ମାଓ କ୍ୟାମ୍ପକୁ ଠାବ କରିଥିଲେ। କ୍ୟାମ୍ପରୁ ଦୁଇଟି ରାଇଫଲ, ଗୋଟିଏ ପ୍ୟାକେଟ୍ ଜିଲୋଟିନ୍, ଗୋଟିଏ ଡେଟନେଟର, ଦୁଇଟି ମାଓ ପୁସ୍ତିକା ସହ ଅନ୍ୟାନ୍ୟ ମାଓ ସାମଗ୍ରୀ ଓ ଔଷଧ ଜବତ ହୋଇଥିଲା। ତେବେ ଏଥିରେ କେହି ମାଓବାଦୀ ଗିରଫ ହୋଇନାହାନ୍ତି। ଆଗାମୀ ଦିନରେ ଏଠାରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି।


**AFFIDAVIT**

By virtue of an affidavit sworn before Notary public, Bhubaneswar, Dated : 05.06.2025, I, **Narayan Sahoo,** S/o: Prasanna Sahoo, permanent resident of At/PO: Baigunia, PS: Fategarh, Dist: Nayagarh, Odisha - 752077 declare that I have changed the name of my minor son From Satyabrat Sahoo to **Omm Sahoo**. Henceforth, he shall Known as **Omm Sahoo** for all purposes.

Narayan sahoo

**AFFIDAVIT**

By virtue of an affidavit sworn before Notary public, Bhubaneswar, Dated: 29.05.2025, I, **Kabiraj Nayak**, S/o.: Lokanath Nayak, permanent resident of At: Balisahi, PO: Madhyakhanda, PS: Daspalla, Dist: Nayagarh, Odisha- 752093 currently residing at Damana Hata Basti, Damana, PO./P.S.: Chandrasekharpur, Bhubaneswar, Dist: Khordha, Odisha-751016 declare that I have changed the name of my minor son from Situn Nayak to **Situnu Nayak**. Henceforth, he shall be Known as **Situnu Nayak** for all purposes.

Kabiraj Nayak

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4218 / 25, dated 18.06.2025, I Keshpar Mali, S/o. – Astu Mali, resident of Village –Bajargad, PO – Bajargad, PS. Kosagumuda, Dist – Nabarangpur, declared that I have changed my name son's name from Mheghnath Mali to Mahan Mali. Henceforth, my son shall be known as Mahan Mali for all purposes.

Sd/- Keshpar Mali

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-11

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ବୋବରନ (BOBRN) ୱାଗନର ମରାମତି ତଥା ପୁନର୍ବାସ।

ବିଜ୍ଞାପିତ ମୂଲ୍ୟ (₹): 30,50,22,156.00, EMD (₹): 16,75,100.00, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.07.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II), ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-316/Q/25-26



**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4260 / 25, dated 19.06.2025, I Manasai Bhatra, S/o. – Jhitru Bhatra, resident of Village – Santoshpur, PO- Ghodadhanua, PS. Kosagumuda, Dist – Nabarangpur, declared that I have changed my name son's name from Gipikrishna Bhatra to Gipkrish Bhatra. Henceforth, my son shall be known as Gipkrish Bhatra for all purposes.

Sd/- Manasai Bhatra

**AFFIDAVIT**

I, Minakhi Mishra, W/o- Uma Sankar Mohapatra, resident of At- Plot No. 1763, Mohotab Road, VTC: Lingaraj, Bhubaneswar-2, Po- Old Town, Ps- Airfield, Dist- Khurdha, Pin- 751002, Odisha declare by this affidavit No. 18703, dtd- 23/05/2025 that now onwards I shall be known as **MEENAKHI MISHRA** for all future purposes.

**AFFIDAVIT**

I Sri Ram Chandra Bhatra, S/o. Sri Laxman Bhatra, permanent resident of Village – Merai, PO – Kantagaon, PS – Tentulikhunti, Dist – Nabarangpur, Odisha, declare by the Affidavit No. 536, dated 01/07/2025, that myself RAM CHANDRA BHATRA and RAMA CHANDRA BHATRA is one same person, for all future purpose.

**NOTICE**

By virtue of an affidavit sworn before Notary public , Baripada, Sl. No.-10, date-01/05/2025 .I Kaushalya Sethi (New name ) , Adress-Palasbani, Po-Baiganbadia, Ps-Kuliana,Dist-Mayurbhanj, Odisha,pin-757105 declare that I have change my name from Kaushal Ya Sethi ( Old name) to Kaushalya Sethi (New name) . Henceforth,I shall be known as Kaushalya Sethi (New name) for all purposes.

Kaushalya Sethi

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4050 / 25, dated 10.06.2025, I Temaru Bhatra, S/o.– Dhanar Bhatra, resident of Village – K. Semla, PO – K. Semla, PS. Kodinga, Dist – Nabarangpur, declared that I have changed my name son's name from Ganeswar Bhatra to Gyaneswar Bhatra. Henceforth, my son shall be known as Gyaneswar Bhatra for all purposes.

Sd/- Temaru Bhatra

**ସତ୍ୟପାଠ**

ସତ୍ୟପାଠ ନଂ.୧୩୯୧୨/୨୦୨୫, ମୁଁ ଜୟନ୍ତୀ ନାୟକ, ସ୍ୱାମୀ- ପ୍ରଭାସ ରଞ୍ଜନ ନାୟକ, ଗ୍ରାମ- ଭିତର ସୋବଲା ପୋଷ୍ଟ - ବାରଡାଙ୍ଗ, ଥାନା -ମହାକାଳପଡ଼ା ଜିଲ୍ଲା- କେନ୍ଦ୍ରାପଡ଼ା ଘୋଷଣା କରୁଛି କି ବିବାହ ପୂର୍ବରୁ ମୋ ନାମ ଜୟନ୍ତୀ ସାହୁ ଥିଲା। ବିବାହ ପରେ ଜୟନ୍ତୀ ନାୟକ ହୋଇଛି। ଏଣୁ ଜୟନ୍ତୀ ନାୟକ ଓ ଜୟନ୍ତୀ ସାହୁ ସମାନ ଲୋକ ଅଟେ।

**AFFIDAVIT**

By Virtue Of an Affidavit no. 665 dtd. 23.6.2025 the Executive Magistrate Gania, I Bhabani Sankar Panda S/o- Ananda Chandra Panda At- Nuapada, Po- karadapada, Ps - Gania, Dist- Nayagarh have changed my son's name Subhranshu Sankar Panda to Subhransu Sankar Panda. Henceforth He will be known as Subhransu Sankar Panda for all purposes.

S/d- Bhabani Sankar Panda

**AFFIDAVIT**

By virtue of an affidavit no. 664 dtd. 23.6.35 The Executive Magistrate, Gania. I, Sibashankar panda At- Nuapada, Po- Karadapada, Ps- Gania, Dist- Nayagarh have changed my name from Sib Sankar panda to Sibashankar panda . Henceforth I shall be known as **Sibashankar panda** for all purposes .

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dated- 30/06/2025. I **Anjali Panda,** W/o- Manoj Kumar Panda, resident of Village- Goptira, Po- Chandannagar, P.S.- Pattamundai Rural, Dist. Kendrapada, Odisha, My former name is **Anjali Rout** and after marriage my assumed name is **Anjali Panda**. I declare that my self **Anjali Panda** and **Anjali Rout** is one and same person for all purposes.

Anjali Panda


**ବିଜେଡି ନେତ୍ରୀ ଲେଖାଶ୍ରୀଙ୍କୁ ନୀଳଗିରି ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ**

# ବିଜୁ ମହିଳା ଜନତା ଦଳର ବିକ୍ଷୋଭ



ବାଲେଶ୍ୱର/ନୀଳଗିରି,୩।୭(ସମିସ): ବିଜେଡିର ବାଲେଶ୍ୱର ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅତି ଆପତ୍ତିଜନକ ମନ୍ତବ୍ୟ ଦେବା ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ଆଜି ବିକ୍ଷୋଭ ପ୍ରଦର୍ଶନ କରିଛି। ବହୁସଂଖ୍ୟାରେ ଦଳୀୟ ମହିଳା କର୍ମୀ ଆଜି ସନ୍ଧ୍ୟାରେ ଫାଣ୍ଡିଛକଠାରେ ଏକଜୁଟ୍ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହ ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କାଉନସିଲର୍ ସନ୍ଧ୍ୟାରାଣୀ ଜେନା ସହଦେବଖୁଣ୍ଟା ଥାନାରେ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି।

ଅଭିଯୋଗ ଅନୁସାରେ, ନୀଳଗିରିର ବିଜେପି ବିଧାୟକ ଶ୍ରୀ ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାରଙ୍କ ପ୍ରତି ଆପତ୍ତିଜନକ ଓ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ଜଣେ ବିଧାୟକ ଗଣମାଧ୍ୟମରେ ଜଣେ ମହିଳାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେବା ନିହାତି ଲଜ୍ଜାଜନକ। ଏହା ଖାଲି ଡ. ସାମନ୍ତସିଂହାରଙ୍କୁ ଅପମାନ ନୁହେଁ, ବରଂ ସମଗ୍ର ନାରୀଜାତିକୁ ଅପମାନ ବୋଲି ବିଜେଡି ମହିଳା କର୍ମୀମାନେ ଅଭିଯୋଗ କରିଥିଲେ। ନାରୀସମାଜ ପ୍ରତି ଡବଲ ଇଞ୍ଜିନ ସରକାରର ଏହା କି' ପ୍ରକାର ସମ୍ମାନ ବୋଲି ସେମାନେ ପ୍ରଶ୍ନ କରିଥିଲେ। ତେଣୁ ସଂପୃକ୍ତ ବିଧାୟକଙ୍କ ବିରୋଧରେ ଆଇନଗତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଏହି ସମୟରେ ୨୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳଙ୍କ ସମେତ ଅନ୍ୟ କାଉନସିଲର ମୀନା ମହାନ୍ତି, ଶଶିରେଖା ମହାନ୍ତି, ସବିତାରାଣୀ ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶୋଭା ମହାପାତ୍ର, ମୀରାଜ ବାନୋ, ରାଜଲକ୍ଷ୍ମୀ ଚାଟାର୍ଜୀ, ମିତା ପଟ୍ଟନାୟକ, କବିତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

**ଥାନାରେ ଏତଲା ଦେଲେ କାଉନସିଲର୍**

ସେହିପରି ଗୁରୁବାର ସନ୍ଧ୍ୟାରେ ବିଜେଡିର ପ୍ରାୟ୧୦୦ରୁ ଅଧିକ ମହିଳା କର୍ମୀ ନୀଳଗିରି ଥାନା ଆଇଆଇସିଙ୍କୁ ଭେଟି ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବିଧାୟକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରା ନାରୀସମାଜ ପାଖରେ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ନାରୀନେତ୍ରୀ ଆଶୋକାସିନୀ ନାୟକ, ଶାନ୍ତିଲତା ବିଶ୍ୱାଳ ଏବଂ ସୋମବାରୀ ସିଂ ଚେତାବନୀ ଦେଇଛନ୍ତି।

# ୩ ମାସ ହେବ ଦରମା ପାଇନାହାନ୍ତି ୨୬ ଜିଲ୍ଲାରେ ବିଷୟବସ୍ତୁ ବିଶେଷଜ୍ଞ

ଭୁବନେଶ୍ୱର,୩।୭(ସମିସ): ଓଡ଼ିଶାର ୨୬ ଟି ଜିଲ୍ଲାରେ କାର୍ଯ୍ୟରତ ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞ (ସବ୍‌ଜେକ୍ଟ ମ୍ୟାଟର ଏକ୍ସପର୍ଟ୍)। ଏହି ଅଧିକାରୀମାନେ ଜିଲ୍ଲା ଯୋଜନା ଓ ନିରୀକ୍ଷଣ କେନ୍ଦ୍ର (ଡିପିଏମ୍‌ୟୁ)ରେ କାର୍ଯ୍ୟରତ ଅଛନ୍ତି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅଧିନରେ କାର୍ଯ୍ୟରତ ଏହି ଅଧିକାରୀମାନେ ୨୦୧୪ ମସିହାରୁ କାର୍ଯ୍ୟ କରି ଆସୁଥିଲେ ମଧ ୩୧ ମାର୍ଚ୍ଚ ୨୦୨୫ ପରେ ସେମାନଙ୍କୁ ଆଉ ଦରମା ଦିଆଯାଇ ନ ଥିବା ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗର ମୁଖିଆ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଖୋଦ୍ ରାଜ୍ୟର ମୁଖିଆଙ୍କ ବିଭାଗରେ କାର୍ଯ୍ୟରତ ଅଧିକାରୀମାନେ ୩ ମାସ ହେବ ବେତନ ବିହୀନ ଅବସ୍ଥାରେ ଥିବାରୁ ସେମାନେ ଅନ୍ୟ କାହାକୁ ଗୁହାରୀ କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବିଭାଗରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଗତ ୨୦୧୪ ଓ ୨୦୧୭ ମସିହରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟ ସରକାର ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇଥିଲେ। ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ଏହି ନିଯୁକ୍ତିପତ୍ର ବଣ୍ଟନ ହୋଇଥିଲା। ତେବେ ଏହି ନିଯୁକ୍ତିର ନିୟମ ଅଧାରରେ ପ୍ରତି ବର୍ଷ କର୍ମଚାରୀମାନଙ୍କ ସହ ଚୁକ୍ତି କରାଯାଉଥିଲା। ଓ ପରବର୍ତ୍ତୀ ସମୟରେ ସେମାନଙ୍କୁ ସ୍ଥାୟୀ କରାଯିବ ବୋଲି ବ୍ୟବସ୍ଥା ରହିଥିଲା। ମାତ୍ର ୨୦୨୫ ମାର୍ଚ୍ଚ ଶେଷରେ ବାର୍ଷିକ ଚୁକ୍ତି ଅବଧି ଶେଷ ହେବା ପରେ ଆଉ ଏହି ଅଧିକାରୀମାନଙ୍କ ସହ ଚୁକ୍ତି କରାଯାଇ ନାହିଁ ଓ ୩ ମାସ ହେବ ସେମାନଙ୍କୁ ଦରମା ଦିଆଯାଉ ନାହିଁ। ଏହି କ୍ଷେତ୍ରରେ ୨୮ ଜଣ ବରିଷ୍ଠ ବିଶେଷଜ୍ଞଙ୍କର ୧୧ ବର୍ଷ ଓ ୨୯ ଜଣଙ୍କର ୮ ବର୍ଷରୁ ଅଧିକ ଅଭିଜ୍ଞତା ରହିଥିବା ବେଳେ ସେମାନେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯଥା ଏମ୍‌ପି ଲ୍ୟାଡ୍, ଏମ୍‌ଏଲ୍‌ଏ ଲ୍ୟାଡ୍, ସିଏମ୍ ସ୍ୱତନ୍ତ୍ର ସହାୟତା, ସିଜିଏଫ୍, ବଜିଜେୱାଇ, କେବିକେ ସ୍କିମ, ବିଜୁ ସେତୁ, ଡିଏମ୍‌ଏଫ୍ ଓ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ୍ ଆଦି ଯୋଜନାରେ କାର୍ଯ୍ୟ କରୁଛନ୍ତି। ମାତ୍ର ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଦରମା ନ ମିଳୁଥିବାରୁ ଆଗକୁ ଏହି କାର୍ଯ୍ୟରେ ଗୁରୁତର ପ୍ରଭାବ ପଡ଼ିବାର ମଧ ଆଶଙ୍କା ସୃଷ୍ଟି ହୋଇଛି। ଏହି ସମସ୍ୟା ସମ୍ପର୍କରେ ଉନ୍ନୟନ କମିଶନରଙ୍କୁ ଅବଗତ କରାଇବା ସତ୍ତ୍ୱେ ଏହା କୌଣସି ସମାଧାନ ହୋଇ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଧିକାରୀମାନେ ଲିଖିତ ଭାବେ ଜଣାଇଛନ୍ତି। ଯଦି ତୁରନ୍ତ ଏହି ସମସ୍ୟାର ସମାଧାନ କରା ନଯାଏ ତେବେ ଏହି ଅଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ତାଳଚେର ଥାନା ଏଏସ୍‌ଆଇ



ତାଳଚେରସହର/ତାଳଚେରସଦର,୩।୭(ସମିସ): ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଥାନାରୁ ସିଆରପିସି ୪୧ରେ ଜାମିନ କରାଇଦେବା ପାଇଁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ତାଳଚେର ଥାନା ଏଏସ୍‌ଆଇ ଧରଣୀଧର ନାଥ। ତାଙ୍କଠାରୁ ରାସାୟନିକ ପ୍ରଲେପ ବୋଳା ଲାଞ୍ଚ ଟଙ୍କା ଜବତ କରାଯାଇଛି। ତାଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଛି। ଏଥିସହ ଧରଣୀଧରଙ୍କ ପୈତୃକ ଘର ଚେଣ୍ଡିପଦା ବ୍ଲକ୍ ଖାମର ଗ୍ରାମ ଓ ତାଳଚେର ହାଣ୍ଡିଧୁଆଁସ୍ଥିତ ଭଡ଼ାଘରେ ଖାନତଲାସି ଆରମ୍ଭ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଜନ୍ଦାବାହାଳ ଗ୍ରାମର ପ୍ରୀତିରଞ୍ଜନ ଭୁକ୍ତା ଚୋରା ମଦ କାରବାର କରୁଥିବା ବେଳେ ଗତ ଏପ୍ରିଲ ମାସରେ ପୁଲିସ ଚଢ଼ଉ କରି ତାଙ୍କ ପାଖରୁ ୪୦୦୦ ଲିଟର ବିଦେଶୀ ମଦ ଜବତ କରିଥିଲା। ଏହି ମାମଲାରେ ଥାନାରୁ ୪୧ ସିଆରପିସିରେ ଜାମିନ କରାଇଦେବା ପାଇଁ ଧରଣୀଧର ପ୍ରୀତିରଞ୍ଜନଙ୍କୁ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ପ୍ରୀତିରଞ୍ଜନ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେଣୁ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ଗୁରୁବାର ଭିଜିଲାନ୍ସର ରାସାୟନିକ ପ୍ରଲେପବୋଳା ଟଙ୍କା ପ୍ରୀତିରଞ୍ଜନଙ୍କ ମାଧ୍ୟମରେ ଧରଣୀଧରଙ୍କୁ ଦିଆଯାଇଥିଲା। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ଉ କରି ଧରଣୀଧରଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲେ। ଜଣେ ଡିଏସ୍‌ପି ଓ ତିନିଜଣ ଇନ୍ସପେକ୍ଟର୍‌ଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା।

## ଅବଶିଷ୍ଟାଂଶ

### ଦେଶରେ ଓଡ଼ିଶା...

ପ୍ରକାଶିତ 'ପରଖ' ରିପୋର୍ଟରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଥିବାବେଳେ ପିଜିଆଇ ର୍ୟାଙ୍କିଂ ଆଗକୁ ଉତ୍ତମ ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

ସେହିପରି ରାଜ୍ୟର ସଫଳତାକୁ ନେଇ ନବୀନ ପଟ୍ଟନାୟକ କହିଛନ୍ତି ଯେ ପିଜିଆଇ ର୍ୟାଙ୍କିଂରେ ୨୦୧୪ ମସିହାରେ ୧୪ତମ ସ୍ଥାନରେ ଥିଲା ଓଡ଼ିଶା। ମାତ୍ର ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଶୈକ୍ଷିକ ବାତାବରଣ ସୃଷ୍ଟି କ୍ଷେତ୍ରରେ ପ୍ରଗାଢ଼ ଉଦ୍ୟମ ଯୋଗୁଁ ୨୦୨୩-୨୪ ଶିକ୍ଷାବର୍ଷରେ ପଞ୍ଚମ ସ୍ଥାନ ହାସଲ କରିଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚାକାଂକ୍ଷା ଏବଂ ନୂତନତ୍ୱ ଆଣିବାକୁ ୫-ଟି ଅଧୀନରେ ବିଦ୍ୟାଳୟର ରୂପାନ୍ତରଣ ସଫଳତା ପାଇଛି। ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବଢ଼ାଇ ନୂତନ ଓଡ଼ିଶା ଗଠନ କରିବାରେ ସେ ବିଶ୍ୱାସ କରନ୍ତି। ଏଣୁ ତାଙ୍କ ସରକାର ସମୟରେ ରାଜ୍ୟରେ ପ୍ରାୟ ୭ହଜାର ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି। ସରକାରୀ ବିଦ୍ୟାଳୟ ଶିକ୍ଷାର ଭିତ୍ତିଭୂମି ଦୃଢ଼ ହୋଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଛି। ଏହି ବିଶାଳ ପରିବର୍ତ୍ତନ ପାଇଁ ସମସ୍ତ ଶିକ୍ଷକ, ଅଭିଭାବକ, ପ୍ରଶାସକ ଏବଂ ସହଯୋଗ କରିଥିବା ସମସ୍ତ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

### ଓଏଏସ୍ ଆନ୍ଦୋଳନ...

ଜଗନ୍ନାଥଙ୍କ ଗିରଫଦାରୀ ସମ୍ପର୍କରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୩୦ ତାରିଖରେ ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ପୂର୍ବରୁ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଆଜି ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏଫ୍‌ଆଇଆର୍ ଓ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବୟାନ, ଅଭିଯୋଗକାରୀ ରତ୍ନାକରଙ୍କ ବୟାନ ଆଧାରରେ ପ୍ରାଥମିକ ତଦନ୍ତରୁ ଜଗନ୍ନାଥ ପ୍ରଧାନଙ୍କ ସଂପୃକ୍ତି ସାମ୍ନାକୁ ଆସିଥିଲା। ଜଗନ୍ନାଥ ଆତ୍ମସମର୍ପଣ ପରେ ତାଙ୍କ ବିରୋଧରେ ଲାଗିଥିବା ଦଫା ଓ ପ୍ରାଥମିକ ପ୍ରମାଣ ବିଷୟରେ ଅବଗତ କରାଯାଇ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଅତିରିକ୍ତ କମିଶନରଙ୍କ ମାଡ଼ ଘଟଣା ପରେ ମୋଟ ଗିରଫଦାରୀ ସଂଖ୍ୟା ୬ରେ ପହଞ୍ଚିଛି।

ଜଗନ୍ନାଥଙ୍କ ଗିରଫଦାରୀ ପରେ ୩ ଦିନ ହେବ ସମୂହ ଛୁଟିରେ ଥିବା ରାଜ୍ୟ ଓଏଏସ୍ ସଂଘ ଆନ୍ଦୋଳନକୁ ପ୍ରତ୍ୟାହାର କରିଛି। ଫଳରେ ରାଜ୍ୟରେ ୩ ଦିନ ହେବ ଜାରି ରହିଥିବା ପ୍ରଶାସନିକ ଅଚଳାବସ୍ଥା ସ୍ୱାଭାବିକ ହୋଇଛି। ଗୁରୁବାର ସକାଳେ ଓଏଏସ୍ ସଂଘ ଜଗନ୍ନାଥଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ଚେତାବନୀ ଦେଇଥିଲା। ଓଏଏସ୍ ସଂଘର ସମୂହ ଛୁଟି ଯୋଗୁଁ ରାଜଧାନୀ ସହ ରାଜ୍ୟର ବିଭିନ୍ନ ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ ଓ ବ୍ଲକ୍ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଥିଲା। ରାଜ୍ୟ ସରକାର ଓଏଏସ୍ ସଂଘକୁ ବୁଝାଶୁଝା କରି କାମ ମେଣ୍ଟାଇବାକୁ ଉଦ୍ୟମ କରିଥିଲେ ହେଁ ତାହା ସଫଳ ହୋଇ ନ ଥିଲା। ଗୁରୁବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ବିଜେପି ପାର୍ଟି ଅଫିସରେ ପହଞ୍ଚି ଦଳର ସଭାପତି ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଜଗନ୍ନାଥ ପ୍ରଧାନଙ୍କ ମାମଲାର ଆଇନଗତ ଦିଗକୁ ନେଇ ସେଠାରେ ଦୀର୍ଘ ଆଲୋଚନା ହୋଇଥିଲା।

ଅନ୍ୟପଟେ ଏହି ଘଟଣାରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇନଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି ବୋଲି କହିଥିଲେ ଓ ରାଜ୍ୟ ସରକାର ସଠିକ୍ ପଦକ୍ଷେପ ନେବେ ବୋଲି ମୋର ବିଶ୍ୱାସ ରହିଛି ବୋଲି ମନ୍ତବ୍ୟ ଦେଇଥିଲେ। ସମ୍ଭବତଃ ଏହାପରେ ଜଗନ୍ନାଥଙ୍କ ଗିରଫଦାରୀ ପଥ ପରିଷ୍କାର ହୋଇ ଯାଇଥିଲା। ଗୁରୁବାର ରାତି ପ୍ରାୟ ୯ ଟା ୪୫ ରେ ଜଗନ୍ନାଥ ଡିସିପି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଓଏଏସ୍ ସଂଘର ଆନ୍ଦୋଳନ ଫଳରେ ବନ୍ୟାଞ୍ଚଳର ଦୁର୍ଗତିରେ ଥିବା ଲୋକମାନଙ୍କ ସେବା ଓ କ୍ଷୟକ୍ଷତିର ଆକଳନ ଓ କ୍ଷତିପୂରଣ ଆବଣ୍ଟନ ପ୍ରଭାବିତ ହେବା ସହ ବାହୁଡ଼ା ଯାତ୍ରା ଓ ମହାପ୍ରଭୁଙ୍କ ସୁନାବେଶ ମଧ ପ୍ରଭାବିତ ହୋଇପାରେ। ତେଣୁ ଦଳ ଓ ସରକାରଙ୍କ ସମ୍ମାନ ଦୃଷ୍ଟିରୁ ତଦନ୍ତରେ ସହଯୋଗ କରିବାକୁ ଘୋଷଣା କରି ଆତ୍ମ ସମର୍ପଣ କରିଥିଲେ।

# ଅଶୌଚ ଲାଗିଥିଲା; ଶ୍ରୀମନ୍ଦିରରେ ପଶିଲେ ବିଧାୟକ

ପୁରୀ, ୩।୭ (ସମିସ): ଅଶୌଚ ଲାଗିଥିଲା; ହେଲେ ଏହାକୁ ଭୁଲିଗଲେ ବିଧାୟକ। ଦଳୀୟ ନେତା-ମନ୍ତ୍ରୀଙ୍କ ସହ ଶ୍ରୀମନ୍ଦିରକୁ ପ୍ରବେଶ କଲେ। କେବଳ ମନ୍ଦିର ଯେ ଯାଇଛନ୍ତି, ତାହା ନୁହେଁ, ରଥଯାତ୍ରାରେ ଭିଆଇପିଙ୍କ ପାଇଁ ହୋଇଥିବା ସବୁ ବ୍ୟବସ୍ଥାରେ ସାମିଲ ମଧ ହୋଇଛନ୍ତି। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କର ଏହି ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଅନେକ ତାଙ୍କୁ କଟାକ୍ଷ କରିଛନ୍ତି। ହିନ୍ଦୁତ୍ୱର କଥା କହୁଥିବା ଏବଂ ଧର୍ମକୁ ନେଇ ସବୁବେଳେ ରାଜନୀତି କରି ଆସୁଥିବା ବିଜେପିର ଜଣେ ବିଧାୟକ କିପରି ପ୍ରଥା-ପରମ୍ପରା ଭୁଲିଗଲେ; ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଆପ୍‌ର ସମୀର ସାମନ୍ତରାୟଙ୍କଠାରୁ ଆରମ୍ଭ କରି ଅନେକ ବ୍ୟକ୍ତି।

**ସୋସିଆଲ ମିଡିଆରେ ବିଧାୟକଙ୍କୁ କଟାକ୍ଷ**

ଘଟଣା ଥିଲା ଏମିତି; ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ଜୁନ୍ ୨୨ ତାରିଖରେ ତାଙ୍କ ଫେସ୍‌ବୁକ ପେଜ୍‌ରେ ଏକ ପୋଷ୍ଟ କରିଥିଲେ। ସେ ଲେଖିଥିଲେ, 'ବଡ଼ଭାଇନା ଗୌତମ ମିଶ୍ରଙ୍କର ପରମପୂଜ୍ୟ ପିତୃଦେବ ମୋର ଦଦେଇ ଦେବବ୍ରତ ମିଶ୍ରଙ୍କ ଆକସ୍ମିକ ବିୟୋଗ ଘଟିଥିବାରୁ ମୁଁ ଗଭୀର ଶୋକ ପ୍ରକାଶ କରିବା ସହ ବ୍ୟକ୍ତିଗତ ଭାବେ ଦୁଃଖିତ ଓ ମର୍ମାହତ'। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ମିଶ୍ର ଗତ ୨୭ତାରିଖରେ ପୁରୀ ରଥଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଜେପିର ଅନ୍ୟ ନେତା-ମନ୍ତ୍ରୀଙ୍କ ସହ ଉଦ୍ଦିଷ୍ଟ ମଞ୍ଚରେ ବସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଅତିଥିଙ୍କ ସହିତ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ମନ୍ଦିରକୁ ପ୍ରବେଶ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ପୁରୀ ଜିଲ୍ଲା ଆପ୍‌ର ସମୀର ସାମନ୍ତରାୟ ଏହି ଭିଡିଓକୁ ପୋଷ୍ଟ କରି କହିଛନ୍ତି, ଯଦି ବିଧାୟକ ଦଦେଇଙ୍କର ଜୁନ୍ ୨୨ରେ ପରଲୋକ ହେଲା, ତେବେ ତାଙ୍କର ଶୁଦ୍ଧିକର୍ମ ସରି ନଥିବା ବେଳେ ଅର୍ଥାତ୍ ଜୁନ୍ ୨୭ ତାରିଖରେ ସେ କିପରି ଶ୍ରୀମନ୍ଦିରକୁ ଭିତରକୁ ପ୍ରବେଶ କଲେ? ହିନ୍ଦୁ ପରମ୍ପରା ଅନୁସାରେ ଅଶୌଚ ପରେ ଶୁଦ୍ଧି ନ ହେବା ପର୍ଯ୍ୟନ୍ତ କୌଣସି ମନ୍ଦିରକୁ ଯିବାର ବିଧି ନାହିଁ। ସାଧାରଣତଃ ଆମ ପରମ୍ପରାରେ ୧୨ଦିନ ପର୍ଯ୍ୟନ୍ତ ଅଶୌଚ ଲାଗିଥାଏ। ହେଲେ ବିଧାୟକ କିପରି ଏହାକୁ ଭୁଲିଗଲେ ବୋଲି ସାଧାରଣରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ପୁଅ ପଚାରିଲାନି; ଋଣ ବୋଝ ଚିନ୍ତା ଘାରିଲା**

# ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା

ନୂଆପଡ଼ା, ୩।୭(ସମିସ): ୩ ଝିଅରେ ଗୋଟିଏ ବୋଲି ପୁଅ। ବଡ଼ ଗେଲବସରରେ ବଢ଼େଇଥିଲେ ବାପା-ମା'। ନିଜ ସାମର୍ଥ୍ୟ ଅନୁଯାୟୀ କୋଉଥିରେ କିଛି ଅଭାବ ରଖିନଥିଲେ। ଏପରିକି, ପାଠ ପଢ଼ାଠାରୁ ଆରମ୍ଭ କରି ପୁଅ-ଝିଅଙ୍କୁ ବାହାଦେବା ପାଇଁ ନିଜର ଅଢ଼େଇ ଏକରରୁ ଏକରେ ଜମି ବିକିବା ସହ ସାଉକାରଙ୍କଠାରୁ ଋଣ ବି କରିଥିଲେ। କିନ୍ତୁ ପରିଣତ ବୟସରେ ସେଇ ପୁଅ ପାଦରେ ଆଡ଼େଇଦେଲା। ବୁଢ଼ା ବୟସରେ ଦେହପା' କଥା ବୁଝିବା ତ ଦୂରର କଥା, ସାଉକାରଠାରୁ ବାପା କରିଥିବା ଋଣ ସେ ଶୁଝିପାରିବନି ବୋଲି ରୋକଠୋକ୍ ମନା କରିଦେଲା। ଫଳରେ, ଗୋଟିଏପଟେ ଋଣଭାର ବଢ଼ି ଚାଲିବା ଓ ଅନ୍ୟପଟେ ପୁଅ ହତାଦର କରିବା ବୃଦ୍ଧ ବାପା-ମା'ଙ୍କ ପାଇଁ ଅସହ୍ୟ ହେଲା। ତେଣୁ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଦେଲେ। ନୂଆପଡ଼ା ଜିଲ୍ଲା ସଦର ଥାନା ଅଞ୍ଚଳରେ ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ଗାଁର ଯଦୁରାମ ପାଣ୍ଡେ (୫୮) ଏବଂ ତାଙ୍କ ପତ୍ନୀ ଜାମବାଇ ପାଣ୍ଡେ (୫୫)। କଲ୍ୟାଣପୁର ଗାଁ ନିକଟରେ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସୂଚନାନୁଯାୟୀ, ଯଦୁରାମ ପୁଅ-ଝିଅଙ୍କ ବାହାସାଜି ପାଇଁ ଜମି ବିକ୍ରି କରି ସାଉକାରଙ୍କଠାରୁ ଋଣ ଆଣିଥିଲେ। ପରବର୍ତ୍ତୀ ସମୟରେ ପୁଅ ନରେଶଙ୍କ ସହ ମନୋମାଳିନ୍ୟ ହେବାରୁ ଅନ୍ୟ ଏକ କୋଠରିରେ ରହୁଥିଲେ। ବୁଧବାର ଦିନ ସକାଳେ ନରେଶ ନିଜ ସ୍ତ୍ରୀଙ୍କ ସହ ମିଶି କ୍ଷେତକୁ ଯାଇଥିଲେ। ତେବେ ମଧ୍ୟାହ୍ନରେ ଆସି ଦେଖିବା ବେଳକୁ ବାପା-ମା' ଘରେ ନଥିଲେ। ତେବେ ସଂଧ୍ୟାରେ କଲ୍ୟାଣପୁର ଗାଁ ଲେଭେଲ କ୍ରସିଂ ନିକଟରେ ଦୁହିଁଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା।


**KALYANPUR DEGREE COLLEGE**

KALYANPUR, DELANG, PURI-752015

Email: degreecollegekalyanpur@gmail.com, contact No. 8895300485

Invited sealed quotation from interested firms having OEM Authorization for upgrading IT infrastructure of the college by supplying Desktop Computers, UPS, MFM Printer, 65 inch LED TV, AC & Wireless Mice & Camera for Virtual Meeting. The tender must be received by the undersigned within 07 days from the date of publication. For details go through the website - www.kalyanpur.in

Sd/- Principal

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ବିସ୍ମୟ ଶିଶୁ ଆରିୟାନ୍ସ

## ମାତ୍ର ୨ ବର୍ଷ ୯ ମାସ ବୟସରେ ଅନର୍ଗଳ ଆବୃତ୍ତି କରୁଛି ଶ୍ଳୋକ ଓ ମନ୍ତ୍ର

**କେନ୍ଦ୍ରାପଡ଼ା,୩।୭ (ସମିସ):** ବୟସ ମାତ୍ର ୨ ବର୍ଷ ୯ ମାସ। କିନ୍ତୁ ଅନର୍ଗଳ ଆବୃତ୍ତି କରୁଛନ୍ତି ବିଭିନ୍ନ ମନ୍ତ୍ର ଓ ଶ୍ଳୋକ। କେନ୍ଦ୍ରାପଡ଼ା ଜିଲ୍ଲା ପାଣ୍ଡିରି ଗାଁର ଏହି ବିସ୍ମୟ ଶିଶୁ ହେଉଛନ୍ତି ଆରିୟାନ୍ସ ମହାନ୍ତି। ଏଥିପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି ଆରିୟାନ୍ସ। ନିଜର ଅଦ୍ଭୁତ ଧୀଶକ୍ତି ଯୋଗୁ ଏତେ କମ୍ ବୟସରେ ସେ ମନେରଖି ପାରିଛନ୍ତି ନାନା ପ୍ରକାର ସାଧାରଣ ଜ୍ଞାନର ଉତ୍ତର ସମେତ ବିଭିନ୍ନ ପ୍ରକାର ରାଇମ୍ସ, ଜାତୀୟ ସଙ୍ଗୀତ ଓ ଭକ୍ତିସଙ୍ଗୀତ। ନିଜ ପିଲାର ଏହି ଚମତ୍କାରିତା ପାଇଁ ଏବେ ଆରିୟାନ୍ସର ପିତାମାତା ବେଶ୍ ଖୁସୀ। ଆରିୟାନ୍ସ କେବଳ ଶ୍ଳୋକ କି ମନ୍ତ୍ର ଉଚ୍ଚାରଣ କରୁ ନାହାନ୍ତି ବରଂ ବିଭିନ୍ନ ପ୍ରକାର ସାଧରଣ ଜ୍ଞାନ ପ୍ରଶ୍ନଉତ୍ତର, ମାସ, ବାର, ରଙ୍ଗ ଓ ସମ୍ପୂର୍ଣ୍ଣ ଇଂରାଜୀ ବର୍ଣ୍ଣମାଳା ଶୁଣିଲେ ଯେ କେହିବି ଆଶ୍ଚର୍ଯ୍ୟ ହୋଇଯିବ। ତେବେ ଉଭୟ ଓଡିଆ




ଇଂରାଜୀ ଓ ହିନ୍ଦୀ ଭାଷାକୁ ଆୟତ୍ତ କରିପାରିଛନ୍ତି ଆରିୟାନ୍ସ। ଚିତ୍ର ଦେଖି ବିଭିନ୍ନ ପ୍ରକାର ଫୁଲ ଓ ଫଳର ନାମ ମଧ୍ୟ ସେ କହିପାରନ୍ତି। ଯଦି କେହି ତାଙ୍କୁ ଦେଶର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନାମ ପଚାରନ୍ତି ଚଟାପଟ ଉତ୍ତର ଦେବାରେ ସେ ହେଳା କରନ୍ତି ନାହିଁ। ଏହି ଚମତ୍କାରିତା ପାଇଁ ଆରିୟାନ୍ସ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ମାତ୍ର ଦେଢବର୍ଷ ବୟସରୁ ଆରିୟାନ୍ସ ଏସବୁ ଶିଖିବା ଆରମ୍ଭ କଲେ। ପୁଅ ଭିତରେ ଥିବା ଚମତ୍କାର ସ୍ମୃତିଶକ୍ତି ଓ ଶିଖିବାର ଆଗ୍ରହ ଦେଖି ବାପା ମା' ନାନା ପ୍ରକାର ବିଷୟରେ ଶିକ୍ଷା ଦେଇଥିଲେ। କାନ୍ଥରେ ଚିତ୍ର ଝୁଲାଇ ଫୁଲ ଫଳ, ପଶୁ, ପକ୍ଷୀ ଓ ମହାପୁରୁଷଙ୍କ ନାମ ସ୍ମରଣ କରାଇଥିଲେ। ଧୀରେ ଧୀରେ ଆରିୟାନ୍ସ ଏହି ସବୁକୁ ଆୟତ୍ତ କରି ପାରିଥିଲେ। ଏବେ ସୁଦ୍ଧା ଆରିୟାନ୍ସ ୧୪ ଜିକେ, ୫ ଟି ରାଇମ୍, ୬ଟି ଶ୍ଳୋକ ସମେତ ବିଭିନ୍ନ ଦେଶର ନାମ ଇତ୍ୟାଦି ମନେ ରଖି ଅକ୍ଳେଶରେ କହି ପାରୁଛନ୍ତି। ତେବେ ଗତ ମେ' ୨୬ ତାରିଖରେ ଆରିୟାନ୍ସଙ୍କ ବାପା ଚିତ୍ତରଞ୍ଜନ ମହାନ୍ତି ଓ ମା ତପସ୍ୱିନୀ ଏନେଇ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ଅନଲାଇନ୍ ଆବେଦନ କରିଥିଲେ। ପୁଅର ସମସ୍ତ କାର୍ଯ୍ୟକଳାପର ରେକର୍ଡ ମଧ୍ୟ ସମ୍ପୃକ୍ତ ସଂସ୍ଥାକୁ ଅନଲାଇନ୍ ପଠାଯାଇଥିଲା। ତାର କିଛିଦିନ ପରେ ଇଣ୍ଡିଆ ବୁକ୍ ଅଫ ରେକର୍ଡ ପକ୍ଷରୁ ଆରିୟାନ୍ସଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଏବଂ ଆରିୟାନ୍ସଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏହି ଖବର୍ ଜଣାପଡିବା ପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ଝାରସୁଗୁଡ଼ାର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଆରିୟାନ୍ସଙ୍କ ବାପା ଚିତ୍ତରଞ୍ଜନ ନିଜ ପୁଅର ଭବିଷ୍ୟତ ନେଇ ବେଶ୍ ଆଶାବାଦୀ। ଭବିଷ୍ୟତରେ ପୁଅକୁ ଡାକ୍ତର କରିବାକୁ ସେ ଲକ୍ଷ ରଖିଛନ୍ତି।

## ■ ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

# ପାରାଦୀପ ବିଜେଡିର ନିନ୍ଦା

**ପାରାଦୀପ,୩।୭ (ସମିସ):** ପାରାଦୀପ ବିଜୁ ଜନତା ଦଳ ପକ୍ଷରୁ ବରିଷ୍ଠ ବିଜେଡି ନେତା ସୁଶୀଲ ମହାପାତ୍ର ଓ ପାରାଦୀପ ପୌର ପରିଷଦର କାଉନସିଲର ମନୋଜ ନାୟକ ବିଏମସି ଅଫିସର ଅତିରିକ୍ତ କମିଶନରଙ୍କ ରତ୍ନାକର ସାହୁଙ୍କ ଉପରେ ବିଜେପି ନେତା ଓ କର୍ମୀମାନେ କରିଥିବା ଅମାନବୀୟ ଆକ୍ରମଣକୁ ଘୋର ନିନ୍ଦା କରାଯାଇଛି। ଘଟଣା ପଛରେ ଥିବା ମାଷ୍ଟରମାଇଣ୍ଡ ତଥା ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏନେଇ ଓଏଏସ୍ ସଙ୍ଘ ପକ୍ଷରୁ କରାଯାଉଥିବା ସାମୂହିକ କାର୍ଯ୍ୟ ବନ୍ଦ ଡାକରାକୁ ସମର୍ଥନ ଜଣାଇଛନ୍ତି। ସରକାର ୪/୫ଜଣଙ୍କୁ ଗିରଫ କରି ବସିପଡ଼ିଥିବାବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଚାପରେ ଗିରଫ କରିପାରୁନାହାନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ କୁହୁଳୁଛି। ତେଣୁ ମାଷ୍ଟରମାଇଣ୍ଡକୁ ଗିରଫ ପାଇଁ ଦାବି କରାଯାଇଛି ଏବଂ ଓଏଏସ୍ ସଙ୍ଘର କଲମ ଛାଡ଼ ଆନ୍ଦୋଳନକୁ ସ୍ୱାଗତ କରିଛନ୍ତି।

## ରାସ୍ତା ମଝିରେ ବ୍ୟକ୍ତିଗତ ଜାଗା

# ୨୫ ବର୍ଷ ଧରି ଅଦାଲତରେ ଚାଲିଛି ବିଚାର; ଲୋକେ ହନ୍ତସନ୍ତ

**ପଞ୍ଚୁପାଣ୍ଡବ,୩।୭ (ସମିସ):**

ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଅମ୍ବୁରା ଗ୍ରାମର ରାଉତ ସାହି ଦେଇ ଯାଇଥିବା ଗାଁ ରାସ୍ତା ସମସ୍ୟା ମାମଲା ପ୍ରାୟ ୨୫ ବର୍ଷ ଧରି ଅଦାଲତରେ ଚାଲିଛି। ଉକ୍ତ ରାସ୍ତାରେ ବ୍ୟକ୍ତିଗତ ଜାଗା ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଅବହେଳିତ ଅବସ୍ଥାରେ ରହିଛି। ଲୋକେ କାଦୁଅ ପଚପଚ ରାସ୍ତାରେ ଯାତାୟାତ କରିବାକୁ ବାଧ ହେଉଛି। ରାସ୍ତା ସମସ୍ୟାର ସମାଧାନ କରାଯିବାକୁ ସାଧାରଣରେ ଦାବି ହେଉଛି।

ଅମ୍ବୁରା ଗ୍ରାମକୁ ୧୯୭୭ରେ ନିର୍ମାଣ ହୋଇଥିବା ରାସ୍ତାରେ ଦୀର୍ଘଦିନ ଧରି ଲୋକେ ଯାତାୟାତ କରୁଛନ୍ତି। ଏହି ରାସ୍ତା ସରକାରଙ୍କ ପକ୍ଷରୁ ପିଚୁ ହୋଇଥିଲା। କିଛି ବର୍ଷ ପରେ ଏହି ରାସ୍ତାକୁ ଢଳେଇ କରିବା ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏହି ରାସ୍ତାରେ ରାଉତ ସାହିର ପାଞ୍ଚ ଜଣଙ୍କ ବ୍ୟକ୍ତିଗତ ଜାଗା ଥିବାରୁ ସେମାନେ



ରାସ୍ତା କାମକୁ ବିରୋଧ କରିଥିଲେ। ସେତେବେଳେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା ବରୀ-ଡେରାବିଶ ନିର୍ବାଚନମଣ୍ଡଳୀର ବିଧାୟକ ଥିଲେ। ସେ ସମୟରେ ଜାଗା ସମସ୍ୟାକୁ ନେଇ ଅଦାଲତରେ ବିଚାର ପାଇଁ ଦାବି ହୋଇଥିଲା। ଏହି ରାସ୍ତା ସମସ୍ୟାର ସମାଧାନ ପାଇଁ ପ୍ରାୟ ୨୫ ବର୍ଷ ଧରି ଅଦାଲତରେ ବିଚାର ଚାଲିଛି। ଫଳରେ ରାସ୍ତା ଦୀର୍ଘଦିନ ମରାମତି ହେଉ ନ ଥିବାରୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଛାତ୍ରଛାତ୍ରୀ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ବର୍ଷାଦିନେ ଏହି ରାସ୍ତାରେ ଆଣ୍ଠୁଏ ପାଣି, କାଦୁଅ ପଚପଚରେ ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି। କେନାଲ ରାସ୍ତାରୁ ଆରମ୍ଭ ହୋଇ ଅମ୍ବୁରା ଗ୍ରାମର ରାଉତ ସାହିର ଶେଷ ମୁଣ୍ଡ ସାହୁ ସାହି ପର୍ଯ୍ୟନ୍ତ ଶତାଧିକ ପରିବାର ବସବାସ କରୁଥିବାବେଳେ ଏହି ରାସ୍ତାଦେଇ ଯିବାଆସିବା କରିବାକୁ ପଡେ। କିନ୍ତୁ ଏହି ରାସ୍ତା ଦୀର୍ଘଦିନ ପର୍ଯ୍ୟନ୍ତ ମରାମତି ହୋଇ ନ ଥିବାରୁ ଲୋକେ ବିଭିନ୍ନ ସମସ୍ୟା ଭୋଗ କରୁଥିବା ଗ୍ରାମର ଲୋକେ କହିଛନ୍ତି। ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଜାଗାରସମସ୍ୟାକୁ ସମାଧାନ କରିବା ସହ ରାସ୍ତାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅବହେଳିତ ଅବସ୍ଥାରେ ଡିମିରିପାଳ ବସ୍‌ଷ୍ଟାଣ୍ଡ

**ଆଳି, ୩।୭ (ସମିସ):** ରାଜ୍ୟରେ ଲକ୍ଷ୍ମୀ ବସ୍ ଚଳାଚଳ କରିବା ପରେ ଏଥିପାଇଁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ଏହା ନିମ୍ନମାନର କାମ ହୋଇଥିବାବେଳେ ଏବେ ଅବହେଳିତ ଅବସ୍ଥାରେ ରହିଛି। ଫଳରେ ଯାତ୍ରୀ ସମସ୍ୟା ଭୋଗ କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଡିମିରିପାଳ ମଠ ଛକରେ ଥିବା ବସଷ୍ଟାଣ୍ଡ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ବସ୍ ସିନା ଗଡିଲା, କିନ୍ତୁ ବସ୍‌ଷ୍ଟାଣ୍ଡର ଅବସ୍ଥା କହିଲେ ନସରେ। ବିଶ୍ରାମାଗାରର ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ନାହିଁ। ଫଳରେ ଏହା ଭଗ୍ନ ଅବସ୍ଥାକୁ ଆସିଛି। ଯାତ୍ରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ଡିମିରିପାଳ ଛକ ନିକଟରେ ୫ ଲକ୍ଷ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ବର୍ଷେ ନ ପୂରୁଣୁ ବସ୍‌ଷ୍ଟାଣ୍ଡର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଆଜି ପର୍ଯ୍ୟନ୍ତ ବିଜୁଳି ଓ ପାନୀୟଜଳର ବ୍ୟବସ୍ଥା ହୋଇନାହିଁ। ଟାଇଲ ଭାଙ୍ଗିରୁଜି ଗଲାଣି। ବସ୍‌ଷ୍ଟାଣ୍ଡ ନାମରେ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ହୋଇଥିଲେ ମଧ୍ୟ ଠିକାଦାର ଓ ସମ୍ପୃକ୍ତ ଅଧିକାରୀ ନିମ୍ନମାନର କାମ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହାକୁ ସଂଲଗ୍ନ କରି ପରିସ୍ରାଗାର ଓ ପାନୀୟଜଳ ଭଳି ଆନୁସଙ୍ଗିକ ସୁବିଧା ହେବା କଥା। ତାହା ମଧ୍ୟ ଦେଖିବାକୁ ମିଳୁନାହିଁ। ଯାତ୍ରୀଙ୍କ ସୁରକ୍ଷା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିର୍ମାଣ ହୋଇଥିବା ଏହି ବସଷ୍ଟାଣ୍ଡରେ ଯଦି ବର୍ଷା ହୁଏ, ତେବେ ଏହା ମଧ୍ୟରେ ଆଶ୍ରୟ ନେଇଥିବା ପଥିକ ଓଦା ହୋଇଯାଏ। ଯଦି ଗ୍ରୀଷ୍ମ ପ୍ରବାହ ଅଧିକ ହୁଏ ତେବେ ବିଦ୍ୟୁତ ସଂଯୋଗ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ଦକ୍ଷତା ବିକାଶ କର୍ମଶାଳା




**ଡେରାବିଶ, ୩।୭ (ସମିସ):** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଲପୁରସ୍ଥ କଲ୍ୟାଣ ମଣ୍ଡପରେ ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉଦ୍ୟାନ ଅଧିଦର୍ଶକ ଆଶାଲତା ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଦକ୍ଷତା ବିକାଶ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସହକାରୀ ଉଦ୍ୟାନ ଉପନିର୍ଦ୍ଦେଶକ ଦେବଦାସ ଦତ୍ତ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ମଲିକ, ହେମନ୍ତ ସାମଲ ଯୋଗଦେଇଥିଲେ। ଏଥିରେ ଅତିଥିମାନେ ଉପସ୍ଥିତ ଚାଷୀଙ୍କୁ ସେମାନଙ୍କ ବାଡ଼ିବଗିଚାରେ ମହୁଚାଷ କରିବା ନିମନ୍ତେ କହିବା ସହିତ ଏହାର ପ୍ରଣାଳୀ, ଉପକାରିତା ଓ ଲାଭଦାୟକ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ସରକାରଙ୍କ ପକ୍ଷରୁ ବିଭିନ୍ନ ଉଦ୍ୟାନ କୃଷି ନିମନ୍ତେ ପ୍ରଦାନ କରାଯାଉଥିବା ସହାୟତା ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ୨୦୦ ଚାଷୀ ଯୋଗ ଦେଇଥିଲେ। ପରେ ଚାଷୀଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ଆମ୍ବ, କାଜୁ ଓ ପଣସା ଚାରା ବଣ୍ଟନ କରାଯାଇଥିଲା । ଉଦ୍ୟାନ ଅଧିଦର୍ଶକ କେଦାରନାଥ ବାରିକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ଗୋବିନ୍ଦପୁର ବିଦ୍ୟାଳୟ

**ରାଜକନିକା, ୩।୭ (ସମିସ):** ବର୍ଷା ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଗୋବିନ୍ଦପୁର ୟୁଜିୟୁପି ସ୍କୁଲ ଏବେ ଅସ୍ୱାସ୍ଥ୍ୟକର ପରିବେଶରେ ରହିଛି। ଉକ୍ତ ବିଦ୍ୟାଳୟର ୧୯୭ ଜଣ ଛାତ୍ରଛାତ୍ରୀ ଦୈନିକ ପାଣି କାଦୁଅରେ ପଶି ପାଠ ପଢିବାକୁ ଯିବା ଓ ସ୍କୁଲ ଚାରିପାଖରେ ପାଣି ଜମି ରହି ପାଣି ପଚପଚ ଅବସ୍ଥାରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ପଢିବା ଭଳି ଘଟଣା ଦୀର୍ଘ ବର୍ଷ ହେବ ଲାଗି ରହିଛି। ନା ସରପଞ୍ଚ, ନା ବିଇଓ କେହି କିଛି ଶୁଣୁନାହାନ୍ତି। ପିଲାଙ୍କ ଭବିଷ୍ୟତ ଗଠନକୁ ଅଧିକ ସୁଖଦ କରିବାକୁ ସରକାର ସବୁ ପ୍ରକାର ସୁବିଧା ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଥିବାବେଳେ ଗୋବିନ୍ଦପୁର ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ବାସ୍ତବତା କ'ଣ ତାହା ଜାଣନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନା ମୁତାବକ, ସାତଘରିଆ, ଇଚ୍ଛାପୁର ଓ ଗୋବିନ୍ଦପୁର ଗାଁର ବର୍ଷା ପାଣି ରାସ୍ତା ପାଖ ବୈଷ୍ଣବ ପଣ୍ଡା ଗୋହିରୀ ଦେଇ ଘନଶ୍ୟାମ ମହଲାଙ୍କ ଘର ନିକଟରେ ନିଷ୍କାସିତ ହୋଇଥାଏ। ବର୍ତ୍ତମାନ ଯେଉଁ ରାସ୍ତା ତିଆରି ହୋଇଛି,



ସେ ରାସ୍ତା ଗୋହିରୀଠାରୁ କମ ଉଚ୍ଚତାରେ ଥିବାରୁ ପାଣି ଗୋହିରୀ ଦେଇ ନ ଯାଇ ରାସ୍ତାରେ ଭାସୁଛି। ପଞ୍ଚାୟତ ସ୍ତରରେ ଯେତେବେଳେ କଂକ୍ରିଟ ରାସ୍ତା ତିଆରି ହେଉଛି, ସେତେବେଳେ ଏସବୁ ଦିଗକୁ ଠିକାଦାର ନିଜ ଲାଭ ପାଇଁ ଏସବୁକୁ ନଜର ନ ଦେଇ ନିମ୍ନମାନର କାମ କରି ବିଲ ନେଇ ଛୁ ହେଉଥିବାରୁ ଅବସ୍ଥା ଏମିତି ହୋଇଛି। ତେବେ ଉପରୋକ୍ତ ତିନି ଗ୍ରାମର ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ଯାଏ ୧୯୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ଏହି ବିଦ୍ୟାଳୟର ରାସ୍ତା ଓ ପରିବେଶ ଅତ୍ୟନ୍ତ କଦର୍ଯ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶ ଥିବାରୁ ଏଥିପାଇଁ ଶିକ୍ଷା ବିଭାଗ ଚିନ୍ତା ନ କରିବାରୁ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ହଇଜା ଓ ଡେଙ୍ଗୁ ସଂକ୍ରମଣ ଆଶଙ୍କା ଥିବାବେଳେ ବିଦ୍ୟାଳୟ ଚାରିପଟରେ ପାଣି ଜମା ହୋଇ ରହିବା ଓ ବିଦ୍ୟାଳୟକୁ ଆସିବାକୁ ଥିବା ରାସ୍ତା ପାଣିରେ ବୁଡି ରହିଥିବାରୁ ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ ବହୁବାର ବିଇଓ ଓ ବ୍ଲକ ପ୍ରଶାସନ ନିକଟରେ ଜଣାଇଥିଲେ ବି କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ବଳରାମପୁର ସରପଞ୍ଚ ଓ କାର୍ଯ୍ୟନିର୍ବାହୀଙ୍କୁ ଜଣାଇବାରୁ ସେ ବ୍ୟବସ୍ଥା କରିବା କହୁଥିଲେ ବି ବର୍ଷ ବର୍ଷ ଧରି ସମସ୍ୟାର ସମାଧାନ ହୋଇନାହିଁ। ଏ ନେଇ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟକର ପରିବେଶରେ ପାଠ ପଢିବାକୁ ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

# ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ



**ଜଗତସିଂହପୁର,୩।୭ (ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଗୋପାଳସାଗର ସାଇମନ୍ଦିର ଛକରୁ ଜିଲ୍ଲା ଅବକାରୀ ବିଭାଗ ୬୨ ଗ୍ରାମ ବ୍ରାଉନସୁଗର ଜବତ କରିବା ସହିତ ଜଣେ ନିଶା ବେପାରିକୁ ଗିରଫ କରିଛି। ଆଜି ଗୋପାଳସାଗର ଛକରେ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍‌ର ଇନ୍ସପେକ୍ଟର ପ୍ରଭାସ ଚୌଧୁରୀ ସଦଳବଳ ଚଢ଼ଉ କରି ମାର୍କଣ୍ଡପୁର ଗ୍ରାମର ଜିତେନ୍ଦ୍ର ସେଠୀଙ୍କ ଠାରୁ ୬୨ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଜିତେନ୍ଦ୍ରକୁ କୋର୍ଟଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ୬ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଅବକାରୀ ଏଏସ୍‌ଆଇ ପିନାକୀ ରଞ୍ଜନ ରାଉତରାୟ, ଶ୍ରୀଧର ସିଂ, କନେଷ୍ଟବଳ ସୁକାନ୍ତ ମାଝି ଏବଂ ସବିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ■ ପଟ୍ଟାମୁଣ୍ଡାଇ କଲେଜରେ ଆର୍ଥିକ ଅନିୟମିତତା ଅଭିଯୋଗ

# କାର୍ଯ୍ୟକାରୀ ହେଲାନି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ତଦନ୍ତ

**ପଟ୍ଟାମୁଣ୍ଡାଇ, ୩।୭ (ସମିସ):** ପଟ୍ଟାମୁଣ୍ଡାଇ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଇତିମଧ୍ୟରେ ୯ ମାସ ବିତିସାରିଥିଲେ ହେଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତଦନ୍ତ ରିପୋର୍ଟ ରାଜସ୍ୱ କମିଶନରଙ୍କୁ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ବୋଲି କୁହାଯାଉଥିବା ଅଧକ୍ଷ ଦିଲ୍ଲୀପ ଭୂୟାଁ ଅବସର ନେଇସାରିଲେଣି। ତେବେ ଅନିୟମିତତାର ତଦନ୍ତ କରାଯାଇନାହିଁ। କେବେ ଏହି ଅନିୟମିତତାର ତଦନ୍ତ ହେବ, ସେ ନେଇ ବିଭିନ୍ନ ମହଲରେ ଅଭିଯୋଗ କରାଯାଉଛି।

କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ ମହାବିଦ୍ୟାଳୟ ପଟ୍ଟାମୁଣ୍ଡାଇ କଲେଜରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେବା ନେଇ ଅଭିଯୋଗ ହୋଇଆସୁଛି। କଲେଜରେ ଆର୍ଥିକ ଅନିୟମିତତା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା ଏହାର ତଦନ୍ତ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ସୂଚନାକର୍ମୀ ପ୍ରତାପ ପାଢ଼ୀ ଆରଟିଆଇରେ ତଥ୍ୟ ମାଗିଥିଲେ। ଏହି ତଥ୍ୟରେ ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ପଟ୍ଟାମୁଣ୍ଡାଇ କଲେଜ ଆଲୁମିନି ଆସୋସିଏସନ ପକ୍ଷରୁ ମଧ୍ୟ ଆର୍ଥିକ ଅନିୟମିତତା ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିଲା। ତେବେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ପତ୍ର ସଂଖ୍ୟା ୧୧୩୮ ୨୭।୯।୨୦୨୪ ଅନୁଯାୟୀ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଆଡମିନଷ୍ଟ୍ରେଟିଭ ଅଫିସର ଦିଲ୍ଲୀପ ଦାସ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଆର୍ଥିକ ଅନିୟମିତତା ସମ୍ପର୍କରେ ତଦନ୍ତ କରି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ତାହାର ରିପୋର୍ଟ କମିଶନରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି। ପୂର୍ବତନ ଅଧକ୍ଷ ଦିଲ୍ଲୀପ ଭୂୟାଁ ଚାକିରିରୁ ଅବସର ନେଇସାରିଥିବାରୁ ନୂତନ ଅଧକ୍ଷ ଆର୍ଥିକ ଅନିୟମିତତା ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିଶ କରିବାକୁ ଆଲୁମିନି ଆସୋସିଏସନ ସମ୍ପାଦକ ଶ୍ରୀ ତ୍ରିପାଠୀ ଦାବି କରିଛନ୍ତି।

# ଗୋରୀ ପରେ ବସାବାନ୍ଧି ଅଣ୍ଡା ଦେଲା ମଲ୍ଲୀ



**ରାଜନଗର,୩।୭ (ସମିସ):** ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ଏବେ ବଉଳା କୁମ୍ଭୀରଙ୍କ ପ୍ରଜନନର ଋତୁ ଚାଲିଛି। ମେ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ କୁମ୍ଭୀରମାନେ ପ୍ରାକୃତିକ ପ୍ରକ୍ରିୟାରେ ସାମିଲ ରହିବେ। ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀନାଳରେ ବସବାସ କରି ଆସୁଥିବା ମା' ବଉଳା କୁମ୍ଭୀରମାନେ ପୁରୁଷ କୁମ୍ଭୀରଙ୍କ ଦ୍ୱାରା ଅନ୍ତସତ୍ତ୍ୱା ହୋଇ ନଦୀନାଳରେ ଆସୁଥିବା ଜୁଆରଠାରୁ ୫ ଫୁଟ ଦୂରତ୍ୱ ପଠା ଖରଖରୀ ଓ ହେନ୍ତାଳ ପତ୍ରରେ ବସାବାନ୍ଧି ଅଣ୍ଡା ଦାନ କରିଛନ୍ତି। ଗୋଟିଏ ମା' କୁମ୍ଭୀର ୫୦ ରୁ ୮୦ଟି ଯାଏ ଅଣ୍ଡା ଦେଇଥାନ୍ତି। ବଡ଼କଥା ହେଲା ଭିତରକନିକାରେ ୫୦ ବର୍ଷରେ ପାଦ ଥାପିଥିବା ଶଙ୍ଖୁଆ ମା' କୁମ୍ଭୀର ଗୋରୀ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆବଦ୍ଧ ପୋଖରୀ ହୁଡ଼ାରେ ବସା ବାନ୍ଧି ଅଣ୍ଡା ଦେଇଥିବା ବେଳେ ଦ୍ୱିତୀୟ ଥର ପାଇଁ ଅନ୍ୟତମ ଦେଶ ବିଦେଶର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଧଳା କୁମ୍ଭୀର ମଲ୍ଲୀ ବି ତା ଆବଦ୍ଧ ପୋଖରୀ ହୁଡ଼ାରେ ନିଜେ ବସାବାନ୍ଧି ଅଣ୍ଡା ଦେଇଛି। ଯାହାକୁ ନେଇ ବନବିଭାଗ ଅଧିକାରୀ ଓ ବଉଳା କୁମ୍ଭୀର ବିଶାରଦ ଆମୋଦିତ। ଯୌବନରେ ପାଦ ଥାପିଥିବା ମଲ୍ଲୀ ସତରେ କଣ ମାତୃତ୍ୱର ଅଧିକାରିଣୀ ହୋଇପାରିବ। କାରଣ ମଲ୍ଲୀ ସହ ଏଯାଏ ପୁରୁଷ ବନ୍ଧୁ ମିଳୁ ନଥିବାରୁ ସେ ଦେଇଥିବା ବାଁ ଅଣ୍ଡାରୁ ଛୁଆ ଫୁଟିବା ନେଇ ସନ୍ଦେହ କରିଛି ବନବିଭାଗ। ଏ ସମ୍ପର୍କରେ ବିଶିଷ୍ଟ ପ୍ରାଣୀ ବୈଜ୍ଞାନିକ ଡ଼ଃ ଅନୁପ କୁମାର ନାୟକଙ୍କ କହିବା କଥା ପୁରୁଷ କୁମ୍ଭୀର ସହ ମଲ୍ଲୀକୁ ମିଳନର ସୁଯୋଗ ଦିଆଯିବା ପରେ ହୁଏତ ସେ ମାତୃତ୍ୱ ଲାଭ କରିବାର ସମ୍ଭାବନା ଅଧିକ ହେବ।

## କେବେ ପଡ଼ିବ ପ୍ରଶାସନର ଦୃଷ୍ଟି

# ଗାଁ ରାସ୍ତାରେ ଆଣ୍ଠୁଏ ପାଣି, ଲୋକେ ହୀନସ୍ତା

**ଆଳି, ୩।୭ (ସମିସ):**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମହୁ ପଞ୍ଚାୟତର ୧ନଂ ଓ ୧୧ନଂ ୱାର୍ଡର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଥିବା ଦେଖାଯାଇଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ଜମି ରହିବା ଫଳରେ ସ୍ଥାନୀୟ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ରାସ୍ତା ପାଖରେ ଥିବା ଘର ମୁହଁରେ ପାଣି ଜମି ରହିବା ଫଳରେ ସରୀସୃପ ଘର ଭିତରକୁ ପଶିଯିବା ଭୟରେ ଲୋକେ ରହୁଛନ୍ତି। ରାସ୍ତା ରେ ପାଣି ଜମି ରହିବା ଫଳରେ ସେହି ବାଟ ଦେଇ ଯାଉଥିବା ଯାତ୍ରୀ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଆଗରୁ ରସ୍ତା ପାଶ୍ୱର୍ ଖାଲି ଥିଲା। ତେଣୁ ଜଳ ନିଷ୍କାସନ ହେବାରେ ଅସୁବିଧା ହେଉ ନ ଥିଲା। ଧୀରେ ଧୀରେ ବାସଗୃହ ଗଢି ଉଠିବା ଫଳରେ ଜଳ ନିଷ୍କାସନ ବାଟ ବନ୍ଦ ହୋଇଯାଇଛି। ବର୍ଷା ୪ ମାସ ରାସ୍ତାରେ ପାଣି ଜମି ରହୁଛି। ଫଳରେ ଲୋକେ ଯାତାୟାତର ହୀନସ୍ତା ଭୋଗୁଛନ୍ତି। ଅସରାୟ ବର୍ଷା ହେଲେ ରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଛି। ଏହି ରାସ୍ତା ଅନ୍ୟଏକ ପଞ୍ଚାୟତର ମୁଖ୍ୟରାସ୍ତା। ଦୈନିକ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଯାତାୟାତ କରନ୍ତି। ଏପରିକି ଏହି ରାସ୍ତା ଦେଇ ରାଜନଗରକୁ ଯିବାକୁ ବାଟ କମ୍ ହେଉଥିବାରୁ ଏହି ବାଟ ଦେଇ ଦୂରଦୂରାନ୍ତର ଲୋକେ ଯାତାୟାତ କରନ୍ତି। ହେଲେ ରାସ୍ତା କଦର୍ଯ୍ୟ ହୋଇଥିବାରୁ ଯାତାୟାତ ମଧ୍ୟ କଷ୍ଟକର ହୋଇପଡ଼ିଛି। ଜନସାଧାରଣ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଦାବି କରିବା ପରେ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ରାସ୍ତାରୁ ଜଳ ନିଷ୍କାସନ ହେଉ ନ ଥିବାରୁ ପରିସ୍ଥିତି ଏପରି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ରାସ୍ତାରୁ ଜଳ ନିଷ୍କାସନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଲକ୍ଷ୍ମୀକାନ୍ତ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଅଞ୍ଚଳ ଖାଲୁଆ ହୋଇଥିବାବେଳେ ରାସ୍ତା ପାଶ୍ୱର୍ ଉଚ୍ଚା ହୋଇଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ସେ ଯଥାଶୀଘ୍ର ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ଏହି ସମସ୍ୟାର ଦୂରୀକରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।



# ଅଗ୍ନି ବିପନ୍ନ ପରିବାରକୁ ବିଧାୟକଙ୍କ ସହାୟତା

**ଜଗତସିଂହପୁର,୩।୭ (ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସମଙ୍ଗ ପଞ୍ଚାୟତ ଗୁଡ଼ିଆସାହିର ବାବାଜୀ ଦାସଙ୍କ ଘରେ ଗତ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳ ସମେତ ୧ ବଖରା ଘର ପୋଡି ଭସ୍ମୀଭୂତ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ୨ ଗୃହ ପାଳିତ ପଶୁ ଗାଈ ଓ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଖବର ପାଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଗୁଡ଼ିଆସାହିରେ ପହଞ୍ଚି ଉକ୍ତ ପରିବାରକୁ ଆର୍ଥିକ ସହାୟତା ଏବଂ ଜରିପାଲ ପ୍ରଦାନ କରିଛନ୍ତି। ଏହାସହ ତୁରନ୍ତ କ୍ଷୟକ୍ଷତି ଅନୁଧ୍ୟାନ କରି ସରକାରୀ ସହାୟତା ପ୍ରଦାନ ନିମନ୍ତେ ପ୍ରଶାସନଙ୍କୁ ଅବଗତ କରାଇଛନ୍ତି। ଏହି ସମୟରେ ସମିତିସଭ୍ୟ ଦୀପକ ସ୍ୱାଇଁ, ସମୀର ପଟ୍ଟନାୟକ, ନିହାର ରଞ୍ଜନ ନାୟକ, କିଶୋର ସ୍ୱାଇଁ ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ବିପଦରେ କପିଳାସ ପୀଠ ମା’ ପାର୍ବତୀଙ୍କ ମନ୍ଦିର

ଢେଙ୍କାନାଳ/ଗଁଦିଆ, ୩।୭(ସମିସ)

ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ପୀଠ କପିଳାସ ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରିଥାଏ। ତେବେ ପୀଠର ଅନ୍ୟତମ ଆକର୍ଷଣ ମା’ ପାର୍ବତୀଙ୍କ ମନ୍ଦିର ଏବେ ବିପଦରେ ରହିଛି। ଗତ ୫ବର୍ଷ ଧରି ମନ୍ଦିରରୁ ପାଣି ଗଳୁଥିବା ବେଳେ ପ୍ରତ୍ନତତ୍ତ୍ୱ ବିଭାଗ ଦଶହରା ପରେ ମରାମତି ହେବ

**● ୫ ବର୍ଷ ହେବ ଗଳୁଛି ପାଣି, ଛାଡ଼ିଲାଣି ସିମେଣ୍ଟ**

**● ଦଶହରା ପରେ ମରାମତି କହି ଠକୁଛି ପ୍ରତ୍ନତତ୍ତ୍ୱ ବିଭାଗ**

କହି କହି ୫ବର୍ଷ ହେଲା ଠକିଚାଲିଛି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି।

ପ୍ରଭୁଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ମନ୍ଦିର ୧୨୪୬ ଖ୍ରୀଷ୍ଟାବ୍ଦରେ ଗଙ୍ଗ ସମ୍ରାଜ୍ୟର ନରପତି ପ୍ରଥମ ନରସିଂହଦେବ ନିର୍ମାଣ କରିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା କପିଳାସ ପୀଠରେ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ବୁଢ଼ାଲିଙ୍ଗ ଭାବେ ପରିଚିତ। ପାର୍ଶ୍ୱ ଦେବଦେବୀ ଭାବେ ମା’ ପାର୍ବତୀଙ୍କ ମନ୍ଦିର ସହ ଗଣେଶ, କାର୍ତ୍ତିକ, ଗଙ୍ଗାଦେବୀ ରହିଥିବା ବେଳେ ମନ୍ଦିରର ଗୋଟିଏ ପାର୍ଶ୍ୱରେ ପତିତପାବନ ଶ୍ରୀ ଜଗନ୍ନାଥ ମଧ୍ୟ ରହିଛନ୍ତି। ସେହିପରି କପିଳାସ ପୀଠରେ ବିଶ୍ୱନାଥଙ୍କ ମନ୍ଦିର ବେଶ ଆକର୍ଷଣୀୟ ହୋଇଥାଏ। କପିଳାସ ପୀଠରୁ ଝରଣା ବହି ଆସିଥିବାବେଳେ ମନ୍ଦିରକୁ ଯିବାକୁ ୧୩୫୨ ପାହାଚ କିମ୍ବା ୧୨ବାଙ୍କ ଦେଇ ଉପରକୁ ଯିବାକୁ ହୋଇଥାଏ। କପିଳାସ ପୀଠ ଉପରେ ମା’ ସୀତାଙ୍କ ଅନ୍ତୁଡ଼ି ଶାଳ ରହିଛି। ଏଠାରେ ମାତା ସୀତା ଅବସ୍ଥାନ କରିଥିଲେ ବୋଲି ବିଶ୍ୱାସ ରହିଛି। ଓଡ଼ିଶା ସରକାରଙ୍କ ତରଫରୁ ୨୦୧୬ରେ ଏହାକୁ ଟ୍ୟୁରିଷ୍ଟ ହବ୍ ଘୋଷଣା କରାଯାଇଛି। ମାତ୍ର କପିଳାସର ମାଆ ପାର୍ବତୀଙ୍କ ମନ୍ଦିର ଏବେ ବିପଦରେ ରହିଛି। ସାମାନ୍ୟ ବର୍ଷାରେ ଛାତରୁ ପାଣି ଗଳି ମାଆଙ୍କ ଉପରେ ପଡୁଛି। ଛାତରୁ କେଉଁଠି ସିମେଣ୍ଟ ଛାଡ଼ି ଗଲାଣି ତ କେଉଁଠି ଛାତ ଫାଟି ଆଁ କଲାଣି। ବାରମ୍ବାର ପ୍ରଶାସନ, ଦେବୋତ୍ତର ଅଧିକାରୀଙ୍କୁ ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁନି। ଏଠାରେ ଯିଏ ପ୍ରଭୁ ଚନ୍ଦ୍ରଶେଖରଙ୍କୁ ଦର୍ଶନ କରେ ମାଆ ପାର୍ବତୀଙ୍କୁ ମଧ୍ୟ ଦର୍ଶନ କରିଥାଏ। କିନ୍ତୁ ପାର୍ବତୀଙ୍କ ମନ୍ଦିରରେ ଦର୍ଶନ ତ ଦୂର କଥା, ଠିଆ ହେବାକୁ ଲୋକେ ଭୟ କରୁଛନ୍ତି। ପ୍ରଶାସନିକ ସ୍ତରରେ ସମନ୍ୱୟ ଅଭାବ ଯୋଗୁଁ ରାଜ୍ୟ ଏବଂ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଅବ୍ୟବସ୍ଥା ଘେରରେ ରହିଛି। ଅନ୍ୟ ପକ୍ଷରେ ଏହି ମନ୍ଦିର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଥିବାରୁ ତା’ର ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା କଥା। କିନ୍ତୁ ପ୍ରତିବର୍ଷ ଦଶହରା ପରେ ମରାମତି କରାଯିବ କହି ବିଭାଗ ୫ବର୍ଷ ଧରି ଠକି ଚାଲିଛି। କପିଳାସ ପୀଠର ମୁଖ୍ୟ ମନ୍ଦିର ତଥା ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉ ମନ୍ଦିର ଓ ଭୋଗ ମଣ୍ଡପ ମରାମତି କରାଯାଉଥିବା ବେଳେ ମାଆ ପାର୍ବତୀଙ୍କ ମନ୍ଦିର କାହିଁକି ମରାମତି ହେଉନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।





## ଅଧପନ୍ତରିଆ ନାଳ ପୋଲ; ପଥଚାରୀ ହନ୍ତସନ୍ତ



ପରଜଙ୍ଗ, ୩।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଡିହଡୋଳ ଛକରୁ ମହାବିରୋଡ ଗାନ୍ଧୀ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ରହିଛି। ଏହି ଛକରୁ ପୂର୍ତ୍ତ ବିଭାଗ ରାସ୍ତା ୨ ଭାଗରେ ବିଭକ୍ତ ହୋଇଛି। ଗୋଟିଏ ରାସ୍ତା ପଙ୍ଗାତିରା ଦିଗକୁ ଯାଇଥିବା ବେଳେ ଅନ୍ୟଟି ପଳାଶୁଣି ଦେଇ କେନ୍ଦୁଝର ତେଲକୋଇ ଆଡ଼କୁ ଯାଇଛି। ବର୍ତ୍ତମାନ ମହାବିରୋଡଠାରୁ ପଳାଶୁଣି ଦିଗକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ତୋରଡ଼ାନାଳି ଗ୍ରାମ ନିକଟରେ ଥିବା ନାଳ ଉପରେ ନୂତନ ପୋଲ ନିର୍ମାଣ ଜାରି ରହିଛି। ତେବେ କାର୍ଯ୍ୟ ଦୀର୍ଘଦିନ ଧରି ଅଧପନ୍ତରିଆ ହୋଇ ପଡ଼ିରହିଛି। ଆପ୍ରୋଚ ରୋଡ୍ ନିର୍ମାଣ ହୋଇ ନ ଥିବା ବେଳେ ୫ ମାସରୁ ଊର୍ଦ୍ଧ୍ୱ ସମୟ ହେବ ହେବ ଠିକାଦାର ବନ୍ଦ କରିଦେଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆପ୍ରୋଚ ରୋଡ୍ ନିର୍ମାଣ ପାଇଁ ମୋରମ ଓ କ୍ରସର ଗୁଣ୍ଡ ବିଛାଯାଇଛି। ତେବେ ବର୍ଷାରେ ଏହା ଧୀରେ ଧୀରେ ଧୋଇଯାଉଥିବା ବେଳେ ପୋଲ କଡ଼ରେ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ପଥଚାରୀ ତଥା ଗାଡ଼ି ଚାଳକଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ପୂର୍ତ୍ତ ବିଭାଗ ଅଧିକାରୀ ଓ ଠିକାଦାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କେନାଲ ପୋଲ ଉପରେ ବର୍ଷା ପାଣି



ପରଜଙ୍ଗ, ୩।୭(ସମିସ): ଢେଙ୍କାନାଳ ଜିଲ୍ଲା ବାରିହାପୁର ଦେଇ କାମାକ୍ଷାନଗର ଦିଗକୁ ଯାଇଥିବା ୫୩ନଂ ଜାତୀୟ ରାଜପଥର ବଡ଼ଝରାଠାରେ ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲ ଉପରେ ପୋଲ ରହିଛି। ଏହି ପୋଲଠାରୁ କନ୍ତୋର, କୁଆଲୁ ପୁରୁଣା ଗାଁ ନିକଟ ଦେଇ ତାଳଚେର ସମଲ ପର୍ଯ୍ୟନ୍ତ କେନାଲ କଡ଼ରେ ପିଚୁ ରାସ୍ତା ରହିଛି। ମୁଖ୍ୟ କେନାଲରୁ ତଳ ଆଡ଼କୁ ପାଣି ଯିବା ପାଇଁ କେନାଲ ରାସ୍ତାରେ କେତେକ ସ୍ଥାନରେ ଛୋଟ ବଡ଼ ନାଳ ପୋଲ ରହିଛି। କେନାଲ କଡ଼କୁ ଥିବା ନାଳ ପୋଲ ମଧ୍ୟରୁ କନ୍ତୋର କୋଷ୍ଟିବେଡ଼ିଆ ଗ୍ରାମ ନିକଟରେ କେନାଲକୁ ଲାଗି ରହିଛି ଘୋଡ଼ାଡିଆଁ ନାଳ ପୋଲ। ବର୍ଷା ହେଲେ ଏହି ପୋଲ ଉପରୁ ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଫଳରେ ପଥଚାରୀ ଓ ଗାଡ଼ି ଚାଳକମାନେ ହନ୍ତସନ୍ତ ହେଉଛନ୍ତି। ଏହାସହ ଏହି ପୋଲ ନିକଟରେ ଏକ ଘରୋଇ ସ୍କୁଲ ରହିଥିବାରୁ କୋମଳମତି ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା, ଅଭିଭାବକମାନେ ମଧ୍ୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୋଲ ଉପରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣର ପ୍ରତିବାଦ

# ସମୂହ ଛୁଟିରେ ହିନ୍ଦୋଳର ଓଏଏସ ଅଧିକାରୀ

ଖଜୁରିଆକଟା, ୩।୭(ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ବରିଷ୍ଠ ଓଏଏସ୍ ଅଧିକାରୀ ରତ୍ନାକର ସାହୁଙ୍କୁ ଶାସକଦଳର କିଛି ନେତା କର୍ମୀ ଅଫିସ ପରିସରରେ ବର୍ବୋରଚିତ୍ତ ଆକ୍ରମଣ ଓ ହତ୍ୟା ଉଦ୍ୟମ କରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଆକ୍ରମଣକାରୀଙ୍କ

**● ସରକାରୀ କାର୍ଯ୍ୟ ଠପ୍**

ସମେତ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ସହ ହତ୍ୟା ଉଦ୍ୟମ ଦଫା ଲଗାଇ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ଏବଂ ଅଧିକାରୀଙ୍କ ସୁରକ୍ଷା ଦାବିକରି ସାରା ରାଜ୍ୟରେ ଓଏଏସ ଅଧିକାରୀମାନେ ଦୁଇଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ସାମୂହିକ ଛୁଟିରେ ଅଛନ୍ତି। ଏହି ଆନ୍ଦୋଳନକୁ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ସଂଘ ମଧ୍ୟ ସମର୍ଥନ କରିଛି। ରାଜ୍ୟ ତଥା ଜିଲ୍ଲା ଓଏଏସ ଅଧିକାରୀ ସଂଘ ନିଷ୍ପତ୍ତିକ୍ରମେ ହିନ୍ଦୋଳ ଉପଖଣ୍ଡରେ କାର୍ଯ୍ୟରତ ଓଏଏସ ଅଧିକାରୀ ଉପଜିଲ୍ଲାପାଳ, ତହସିଲଦାର, ବିଡିଓ, ସହକାରୀ ଉପଜିଲ୍ଲାପାଳଙ୍କ ସମେତ ସମସ୍ତ ଅଧିକାରୀ ସମୂହ ଛୁଟିରେ ଯାଇଛନ୍ତି। ଫଳରେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ଠପ୍ ହୋଇଯାଇଛି। ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅଧିକାରୀଙ୍କ ଅନୁପସ୍ଥିତିରେ ଅନେକ କର୍ମଚାରୀ ମଧ୍ୟ କାର୍ଯ୍ୟାଳୟ ଆସୁ ନ ଥିବା ଦେଖିବାକୁ ମିଳିଛି। ବିଏମସି ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅପରାଧୀ ଓ ସେମାନଙ୍କୁ ସମର୍ଥନ କରୁଥିବା ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସାଧାରଣରେ ଦୃଢ଼ ନିନ୍ଦା କରାଯିବାସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅଚାନକ କ୍ଷମତା ପାଇ ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କୁ ଦବଙ୍ଗଗିରି ଦେଖାଇ ଅତ୍ୟାଚାର କରୁଥିବା ନେତା ଓ ସେମାନଙ୍କ ସମର୍ଥକଙ୍କ ପାଇଁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ଓଡ଼ିଶାରେ ଜଙ୍ଗଲରାଜ ଆରମ୍ଭ ହୋଇଯାଇଥିବା ଚର୍ଚ୍ଚା ହେଉଛି।




## ମା’ ତାରିଣୀଙ୍କ ଆଷାଢ଼ୀ ଇ ପର୍ବ

ଢେଙ୍କାନାଳ, ୩।୭(ସମିସ): ସ୍ଥାନୀୟ ଗାନ୍ଧି ମନ୍ଦିର ରୋଡ୍‌ସ୍ଥିତ ମା’ ତାରୀଣୀଙ୍କ ପୀଠରେ ଆଷାଢ଼ୀ ଇ ପର୍ବ ପାଳନ କରାଯାଉଛି। ଦିନସାରା ମନ୍ଦିର ପହଡ଼ ପଡ଼ିଥାଏ। ସନ୍ଧ୍ୟାରେ ପହଡ଼ ଫିଟାଯାଇ ମା’ଙ୍କ ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ଫୁଲହାରରେ ସୁସଜ୍ଜିତ କରାଯାଇ ବିଭିନ୍ନ ପ୍ରକାର ମିଠା ପିଠା ଫଳ ଭୋଗ ଲାଗି କରାଯାଇଥିଲା। ପରେ ପହଡ଼ ପଡ଼ିଥିଲା। ଏହି ପର୍ବ ଆଷାଢ଼ ମାସର ଶେଷ ଗୁରୁବାର ପାଳନ କରାଯାଏ। ପୂଜକ ଲିଙ୍ଗରାଜ ପତିଶର୍ମା ଓ ମନ୍ଦିର ପୂଜକ ଅପୁଲ୍ ରଣାଙ୍କ ସମେତ ମନ୍ଦିରର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ପର୍ବ ପାଳନ କରାଯାଇଥିଲା।

## ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ କର୍ମଶାଳା




ଢେଙ୍କାନାଳ, ୩।୭(ସମିସ): ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ସମବାୟ ସମିତି ସମୂହ ଉପନିବନ୍ଧକ ଉମାଶଙ୍କର ଦାସ କର୍ମଶାଳାରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ, ହିନ୍ଦୋଳ, କାମାକ୍ଷାନଗର ଏଆରସିଏସ, ଜିଲ୍ଲା ଯୋଗାଣ ଅଧିକାରୀ, ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ଚାଷୀ ଓ ସମବାୟ ସମିତି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଓମଫେଡ ଜେନେରାଲ ମ୍ୟାନେଜର କର୍ମଶାଳାରେ ଯୋଗଦେଇ ଭାରତୀୟ ବୀଜ ସମବାୟ ସମିତି ଲିମିଟେଡ୍, ଜାତୀୟ ସମବାୟ ରପ୍ତାନି ଲିମିଟେଡ୍, ଜାତୀୟ ସମବାୟ ଜୈବିକ ଲିମିଟେଡ୍‌ର ଉଦ୍ଦେଶ୍ୟ ଓ ସଭ୍ୟ ହେବାର ଉପାଦେୟତା ବିଷୟରେ ଆଲୋଚନା ହୋଇଥିଲା। ସୋସାଇଟିକୁ ବହୁମୁଖୀ କରିବା ନିମନ୍ତେ ସେଥିରେ ଚାଷୀ ଅନୁକୂଳିତ ବ୍ୟବସାୟ ସଂଯୋଗ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଓ କୃଷିଭିତ୍ତିକ ପର୍ଯ୍ୟଟନ ଉପରେ କୃଷି ଅଧିକାରୀ ଉତ୍ଥାପନ କରିଥିଲେ। ଆଗକୁ ଆସୁଥିବା ଖରିଫ ପଞ୍ଜୀକରଣ ଉପରେ ଜିଲ୍ଲା ଯୋଗାଣ ଅଧିକାରୀ ବକ୍ତବ୍ୟ ରଖିଥିଲେ। ସନ୍ତୋଷ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୯ ଜଣ କେସିସିଧାରୀ ଚାଷୀଙ୍କୁ ୨.୪୫ଲକ୍ଷ ଓ ୨ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା।

## ହାତୀ ଆକ୍ରମଣରେ ମୃତଙ୍କ ପରିବାରକୁ ଭେଟିଲେ ସାଂସଦ



ହିନ୍ଦୋଳ, ୩।୭(ସମିସ): ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମରେ ହାତୀ ଆକ୍ରମଣରେ ବିପିନ ଗଡ଼ନାୟକଙ୍କ ମୃତ୍ୟୁ ହୋଇଥିଲା। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଗୁରୁବାର ବିପିନଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସମସ୍ତ ସରକାରୀ ସୁବିଧା ଶୀଘ୍ର ଯୋଗାଇଦେବା ନିମନ୍ତେ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ସାଂସଦ ପାଣି ପାଳଚକଡ଼ା ସରସାହିରେ ନୂତନ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ସେଠାରେ ଉପସ୍ଥିତ ଜନସାଧାରଣ ଏବଂ ଆମେରିକାର ସର ଦମ୍ପତିଙ୍କ ସହ ସ୍ଥାନୀୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସାଂସଦଙ୍କ ଏହି ଗସ୍ତ ସମୟରେ ତାଙ୍କ ପ୍ରତିନିଧି ସୁଶାନ୍ତ ପତି, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ବିଜେପି ନେତା ଭାସ୍କର ନାୟକ, ତପନ ମହାପାତ୍ର, ମନୋଜ ପଟ୍ଟନାୟକ, ପ୍ରେମାନନ୍ଦ ପଟ୍ଟନାୟକ, ପ୍ରବୋଧ ପ୍ରଧାନ, ଲିଙ୍ଗରାଜ ସାହୁ, ବିଷ୍ଣୁ ସାହୁ, ବିଭୂତି ମାଝୀ, ଗିରୀଶ ସେଠୀ, ଆଲୋକ ଚିନାରା, ଧରଣୀଧର ପାଳ, ଦୁଷ୍ମନ୍ତ ନାଏକ ସମେତ ବହୁକର୍ମ କର୍ମୀ ଉପସ୍ଥିତ ଥିଲେ।

## ଆଇନ ସାକ୍ଷରତା କ୍ଲବ ପକ୍ଷରୁ ବନ ମହୋତ୍ସବ




ଗଁଦିଆ, ୩।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଇନ ସାକ୍ଷରତା କ୍ଲବ ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର କ୍ୟାଡର ଏପିପି ଶାଶ୍ୱତ ଜେନା ଓ ମୁଖ୍ୟବକ୍ତା ଭାବେ ଯୋରନ୍ଦା ବନପାଳ ଗଙ୍ଗାଧର ସାହୁ ଯୋଗଦେଇଥିଲେ। ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁନିତା ବେହେରା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଗଣିତ ଶିକ୍ଷକ ମନୋଜ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପୁଲସ୍ତ୍ୟ ଶବର, ଅଭିମନ୍ୟୁ ମଲ୍ଲିକ, ସଞ୍ଜୟ କୁମାର ଜେନା, ଶିକ୍ଷୟିତ୍ରୀ ବର୍ଷା ସେଠୀ, କନିଷ୍ଠ ସହାୟିକା ରାଜଲକ୍ଷ୍ମୀ ଭୋଇ, ହେମନ୍ତ କୁମାର ନାୟକ, ଡମ୍ବରୁଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ସହ ଚାରା ରୋପଣ କରିଥିଲେ। ବିଜ୍ଞାନ ଶିକ୍ଷକ ଆକାଶ ଅଭିଷେକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସମନ୍ୱିତ ଶିଶୁବିକାଶ ବିଭାଗରେ ଅନିୟମିତତା

# ୧୫ ବର୍ଷ ହେବ ୨ ଗୋଷ୍ଠୀ ହାତରେ ଛତୁଆ ବଣ୍ଟନ ଦାୟିତ୍ୱ

ହିନ୍ଦୋଳ, ୩।୭(ସମିସ)

ହିନ୍ଦୋଳ ଉପଖଣ୍ଡରେ ସମନ୍ୱିତ ଶିଶୁବିକାଶ ବିଭାଗ ପକ୍ଷରୁ ଛତୁଆ ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଦୀର୍ଘ ୧୫ ବର୍ଷ ହେଲା ୨ଟି ଗୋଷ୍ଠୀ ହାତରେ ଛତୁଆ ବଣ୍ଟନ ଦାୟିତ୍ୱ ରହିଆସିଥିବା ବେଳେ ଚଳିତବର୍ଷ ମଧ୍ୟ ପୁନର୍ବାର ଉକ୍ତ ଦୁଇ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ୩ ମାସ ପୂର୍ବରୁ ଢେଙ୍କାନାଳ ଜିଲ୍ଲାପରିଷଦ ବୈଠକରେ ହିନ୍ଦୋଳ ଉପଖଣ୍ଡରେ ନିମ୍ନ ମାନର ଛତୁଆ ବଣ୍ଟନ କରାଯାଉଥିବା ତଥା ଛତୁଆ ଖାଦ୍ୟ ଉପଯୋଗୀ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଦୃଷ୍ଟିରେ ରଖି ୩ ମାସ ଭିତରେ ବିଜ୍ଞପ୍ତି କରାଯାଇ ନୂତନ ଗୋଷ୍ଠୀ ଦ୍ୱାରା ଛତୁଆ ବଣ୍ଟନ କରାଯିବ ବୋଲି ରିଜୋଲ୍ୟୁସନ ମଧ୍ୟ ହୋଇଥିଲା। ସେହିପରି ମାସକ ପୂର୍ବରୁ ହିନ୍ଦୋଳ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଛତୁଆ ଅତ୍ୟନ୍ତ ନିମ୍ନ ମାନର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ନୂତନ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯିବ ବୋଲି ରିଜୋଲ୍ୟୁସନ ହୋଇଥିଲା। ହେଲେ କିଛିଦିନ ପୂର୍ବରୁ ପୁନର୍ବାର ସେହି ପୁରୁଣା ଗୋଷ୍ଠୀକୁ ଦାୟିତ୍ୱ ଦିଆଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୩୫ ପଞ୍ଚାୟତ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ହିନ୍ଦୋଳ ଉପଖଣ୍ଡ ଗଠିତ। ଉପଖଣ୍ଡରେ ୪୨୩ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଶିକ୍ଷାଦାନ କରାଯାଉଛି। ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଶିଶୁ, କିଶୋରୀ ଓ ଗର୍ଭବତୀ ମହିଳାଙ୍କୁ ଅଣ୍ଡା, ଛତୁଆ, ପୋଷାକ, ଜୋତା ଆଦି ଯୋଗାଇ ଦିଆଯାଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଲୋଭଖୋର ମନୋବୃତ୍ତି ପାଇଁ ଏହାର ସୁବିଧା ସ୍ଥାନୀୟ ଜନସାଧାରଣ ପାଇପାରୁ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କୁ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଲୋକେ ଏହାକୁ ନ ଖାଇ ଗୋରୁ କୁଣ୍ଡରେ ଢାଳୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ନିୟମ ଅନୁଯାୟୀ ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଯେତିକି ପରିମାଣର ଅଣ୍ଡା ଯୋଗାଇବା କଥା ତା’ଠାରୁ ଯଥେଷ୍ଟ କମ ଅଣ୍ଡା ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି। ଅନ୍ୟପଟେ ବ୍ଲକରେ ବହୁ ସ୍ୱୟଂସହାୟକ ଗୋଷ୍ଠୀ ଥିବା ବେଳେ ଆଜକୁ ୧୫ ବର୍ଷ ହେବ ନିର୍ଦ୍ଦିଷ୍ଟ ଦୁଇ ଗୋଷ୍ଠୀକୁ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯିବା ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପୁରସ୍କାର ସ୍ୱରୂପ ପୁନର୍ବାର ସମ୍ପୃକ୍ତ ଦୁଇ ଗୋଷ୍ଠୀ ପାଖରେ ବିଭାଗ ବନ୍ଧା ପଡ଼ିଥିବା ଆଲୋଚନା ଜୋର୍ ଧରିଛି।

ଗତବର୍ଷ ଛତୁଆ ଅତ୍ୟନ୍ତ ନିମ୍ନମାନର ଓ ପୋଷାକ ଜୋତା ବଣ୍ଟନରେ ବ୍ୟାପକ ଦୁର୍ନୀତି ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ରାତିଅଧିଆ ବିଭାଗୀୟ ଅଧିକାରିଣୀଙ୍କୁ ବଦଳି କରାଯାଇଥିଲା। ହେଲେ ଦାୟିତ୍ୱରେ ଥିବା ଦୁଇ ଗୋଷ୍ଠୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଇ ପୁରସ୍କାର ସ୍ୱରୂପ ପୁନର୍ବାର ଛତୁଆ, ପୋଷାକ ବଣ୍ଟନ ଦାୟିତ୍ୱ ସେହି ଦୁଇ ଗୋଷ୍ଠୀକୁ ଦିଆଯାଇଛି। କିଛିମାସ ପୂର୍ବରୁ ହିନ୍ଦୋଳ ପଞ୍ଚାୟତ ସମିତି ବୈଠକରେ ନିମ୍ନମାନର ଛତୁଆ ପ୍ରଦାନ ଓ ପୋଷାକ ବଣ୍ଟନରେ ଅନିୟମିତତା ବିଷୟରେ କିଛି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟ ଅଭିଯୋଗ କରିଥିଲେ। ବ୍ଲକ ତରଫରୁ ଏକ ସ୍ୱତନ୍ତ୍ର କମିଟି କରାଯାଇ ଏହାର ତଦନ୍ତ କରାଯିବ ବୋଲି ସଭ୍ୟମାନଙ୍କୁ କୁହାଯାଇଥିଲା। ହେଲେ ୮ମାସ ବିତିଥିଲେ ମଧ୍ୟ କମିଟି ତଦନ୍ତ ଦୂରକଥା ଆଜିପର୍ଯ୍ୟନ୍ତ କମିଟି ଗଠନ ହୋଇପାରିଲା ନାହିଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୁର୍ନୀତିରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



## ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚାରା ରୋପଣ



ଢେଙ୍କାନାଳ, ୩।୭(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଏବଂ ବନ ବିଭାଗ ମିଳିତ ଉଦ୍ୟମରେ ସ୍ଥାନୀୟ ମହିଷାପାଟଠାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟ କାର୍ଯ୍ୟାକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିପଚାରପତି ଦୀପକ କୁମାର, ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା, ଅତିରିକ୍ତ ଜିଲ୍ଲାଜଜ୍ ସୁଶୀଲ କୁମାର ସାହୁ, ଅତିରିକ୍ତ ଜିଲ୍ଲାଜଜ୍ ଅଞ୍ଜଳି କୁମାରୀ ପାଢ଼ୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ର ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ବିଜୟ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସସ୍ମିତା ନାୟକ, ବରିଷ୍ଠ ଦେୱାନୀ ବିଚାରପତି ସୁନିତା ରାଉତ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅରିଜିତ ଦାସ, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ରେସ୍ମା ଧଳ ବିଶୋଇ, ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ହୃଷୀକେଶ ଖେମୁଣ୍ଡୁ, ଦ୍ୱୀତିୟ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଦୀକ୍ଷା ସେଠ ଓ ଜଙ୍ଗମ ଈଶ୍ୱର ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, ଏସିଏଫ ଶ୍ୟାମା ଭାରତୀ, ସତ୍ୟନାୟଣ ସାହୁ, ରେଞ୍ଜ ଅଫିସର ଉତ୍ସବ ଚନ୍ଦ୍ର ପ୍ରଧାନ ଚାରା ଯୋଗାଣ ସହ ରୋପଣ ନିମନ୍ତେ ସମସ୍ତ ସହାୟତା ପ୍ରଦାନ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।






# ଜାପାନ: ୧୪ ଦିନରେ ଏକ ହଜାର ଭୂକମ୍ପ



ଟୋକିଓ, ୩।୭ (ଏଜେନ୍ସି): ଜାପାନର ଟୋକାରା ଦ୍ୱୀପ ଓ ତାର ଆଖପାଖ ଅଞ୍ଚଳରେ ଗତ ଦୁଇ ସପ୍ତାହରେ ୧୦୦୦ରୁ ଉର୍ଦ୍ଧ୍ୱ ଭୂକମ୍ପ ହୋଇଛି। ଜୁନ୍ ୨୧ରୁ ଆରମ୍ଭ ହୋଇଥିବା ଏହି ଭୂକମ୍ପର ପ୍ରକ୍ରିୟା ଏପର୍ଯ୍ୟନ୍ତ ଜାରି ରହିଛି। ବୁଧବାର ରାତି ୩ଟାରେ ୫.୫ ତୀବ୍ରତାରେ ଭୂକମ୍ପ ଆସିଥିଲା। ଆଗକୁ ଆହୁରି ଭୂକମ୍ପର ଝଟ୍‌କା ଆସିବ ବୋଲି ଚେତାବନୀ ଦିଆଯାଇଛି। ଲୋକଙ୍କୁ ସୁରକ୍ଷିତ ଜାଗାକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ଦ୍ୱୀପରେ ଏତେ ସଂଖ୍ୟାରେ ଭୂକମ୍ପ କାହିଁକି ଆସିଛି ତାହା ଜଣାପଡ଼ିନାହିଁ। ଭୂକମ୍ପରେ କେହି ମୃତାହତ ହୋଇ ନାହାନ୍ତି ବୋଲି କୁହାଯାଇଛି। ଜାପାନ ବିଶ୍ୱର ସବୁଠାରୁ ଭୂକମ୍ପ ପ୍ରବଣ ଦେଶ ଭାବେ ପରିଚିତ। ଏହି ଦ୍ୱୀପ ୪ଟି ଟେକ୍ଟୋନିକ୍ ପ୍ଲେଟ୍ ଉପରେ ଅବସ୍ଥିତ ଓ ଏହା ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ୍ ଫାୟାର'ର ଅଂଶବିଶେଷ। ପ୍ରତିବର୍ଷ ଏଠାରେ ୧୫୦୦ ଭୂକମ୍ପ ଆସିଥାଏ। ଅବଶ୍ୟ ଏଥିମଧ୍ୟରୁ ଅଧିକାଂଶ ହାଲକା ଭାବେ ଅନୁଭୂତ ହୋଇଥାଏ। ଟୋକାରାରେ ଜୁନ୍ ୨୧ରୁ ୩୦ ପର୍ଯ୍ୟନ୍ତ ୭୪୦ଟି ଭୂକମ୍ପ ଦେଖିବାକୁ ମିଳିଥିଲା। ଏଥିରୁ ଅଧିକାଂଶ ୫ କିମ୍ବା ତା'ଠାରୁ ଅଧିକ ତୀବ୍ର ଥିଲା। ଟୋକାରା ୧୨ଟି ଦୀପରୁ ୭ଟିରେ ମୋଟ୍ ଉପରେ ୭୦୦ ଲୋକ ରହିଥାନ୍ତି। କେବଳ ଜୁନ୍ ୨୩ରେ ୧୮୩ଟି ଭୂକମ୍ପ ଆସିଥିଲା। ଗୋଟିଏ ଦିନରେ ଏହା ସର୍ବାଧିକ ଭୂକମ୍ପର ରେକର୍ଡ କରିଛି। ଆଗାମୀ ୩୦ ବର୍ଷ ଅର୍ଥାତ ୩ ଦଶନ୍ଧି ମଧ୍ୟରେ ୨ ଲକ୍ଷ ୯୮ ହଜାର ଲୋକ ଭୂକମ୍ପରେ ପ୍ରାଣ ହରାଇବେ ବୋଲି ଆଶଙ୍କା କରାଯାଉଛି। ଉଲ୍ଲେଖଥାଉ କି, ୨୦୧୧ରେ ୯.୦ ତୀବ୍ରତାର ଭୂକମ୍ପ ଆସିବା ପରେ ସୁନାମୀରେ ୧୮ ହଜାର ଲୋକ ପ୍ରାଣ ହରାଇଥିଲେ। ଆଗାମୀ ୩୦ ବର୍ଷରେ ୭୫ରୁ ୮୨ ପ୍ରତିଶତ ଭୂକମ୍ପ ତୀବ୍ର ହେବ ବୋଲି ଜାପାନ ସରକାର ଚେତାବନୀ ଦେଇଛନ୍ତି।

# ବ୍ରହ୍ମୋସକୁ ଦେଖି ଡରିଯାଇଥିଲୁ: ପାକ୍ ନେତା




ଇସଲାମାବାଦ, ୩।୭ (ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ପାକିସ୍ତାନରେ କେମିତି ଆତଙ୍କ ସୃଷ୍ଟି କରିଥିଲା ଭାରତୀୟ କ୍ଷେପଣାସ୍ତ୍ର ବ୍ରହ୍ମୋସ ସେସଂପର୍କରେ ବର୍ଣ୍ଣନା କରିଛନ୍ତି ପାକିସ୍ତାନର ଆଉ ଜଣେ ସରକାରୀ ନେତା। ସେ କହିଛନ୍ତି ଯେ ଏହି କ୍ଷେପଣାସ୍ତ୍ରରେ ପରମାଣୁ ବୋମା ଥାଇପାରେ ବୋଲି ଆମେ ଡରିଯାଇଥିଲୁ। ଏଭଳି ହୋଇଥିଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ନିଶ୍ଚିତ ହୋଇଥାଆନ୍ତା ଏବଂ ଏହା ବିଶ୍ୱ ପାଇଁ ବିନାଶକାରୀ ସାବ୍ୟସ୍ତ ହୋଇଥାଆନ୍ତା।

ରାଜଧାନୀ ଇସଲାମାବାଦ୍ ନିକଟସ୍ଥ ନୂର ଖାନ୍ ପାକିସ୍ତାନର ବାୟୁସେନା ଘାଟୀ ଉପରେ ବ୍ରହ୍ମୋସ କ୍ଷେପଣାସ୍ତ୍ର ମାଡ଼ ନେଇ ପାକିସ୍ତାନର ଆଉ ଜଣେ ନେତା ମୁହଁ ଖୋଲିଛନ୍ତି। ଏହି କ୍ଷେପଣାସ୍ତ୍ର ଭୟଙ୍କର ଥିଲା ବୋଲି ସ୍ୱୀକାର କରିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହାବାଜ ସରିଫ୍‌ଙ୍କ ସ୍ୱତନ୍ତ୍ର ଉପଦେଷ୍ଟା ରାଣା ସନାଉଲ୍ଲା। ସେ କହିଛନ୍ତି ଯେତେବେଳେ କ୍ଷେପଣାସ୍ତ୍ର ଆସିଥିଲା ସମସ୍ତେ ଡରିଯାଇଥିଲେ। ଏଥିରେ ପରମାଣୁ ଅସ୍ତ୍ର ଥିଲା କି ନାହିଁ ସେ ନେଇ କେହି ଅବଗତ ନଥିଲେ। ଏଥିରେ ପରମାଣୁ ଅସ୍ତ୍ର ଅଛି କି ନାହିଁ ସେସଂପର୍କରେ ନିଶ୍ଚିତ ହେବାକୁ ପାକିସ୍ତାନ ପାଖରେ ମାତ୍ର ୩୦ରୁ ୪୫ ସେକେଣ୍ଡ ସମୟ ଥିଲା। ଏତେ କମ ସମୟରେ ନିଷ୍ପତ୍ତି ନେବା ନିଶ୍ଚିତ ଭାବେ କଷ୍ଟକର ଥିଲା।

ଯଦି ପାକିସ୍ତାନ ଭୁଲ୍‌ରେ ଭାରତ ପରମାଣୁ ଅସ୍ତ୍ର ମାଡ କରିଛି ବୋଲି ଭାବି ନେଇଥାନ୍ତା, ତାହେଲେ ଏହା ଏକ ଭୟଙ୍କର ପରମାଣୁ ଯୁଦ୍ଧରେ ପରିଣତ ହୋଇଥାନ୍ତା। ଏଥିରେ ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥାନ୍ତା ବୋଲି ସେ କହିଛନ୍ତି। ତେବେ ଏହି ଛୋଟିଆ ଯୁଦ୍ଧକୁ ରୋକିବା ପାଇଁ ଘୋଷିତ ଅସ୍ତ୍ରବିରତିର ଶ୍ରେୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସେ ଦେଇଛନ୍ତି। ସେ କହିଛନ୍ତି ଯେ ତାଙ୍କ ଯୋଗୁଁ ବିନାଶରୁ ବର୍ତ୍ତିଗଲା ବିଶ୍ୱ। ଏଥିପାଇଁ ତାଙ୍କ ଦେଶ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ଦାବି କରୁଛି।

## ୟୁକ୍ରେନ୍ ଆକ୍ରମଣରେ ରୁଷ୍‌ର ନୌସେନା କମାଣ୍ଡର ମୃତ

ମସ୍କୋ, ୩।୭ (ଏଜେନ୍ସି): ରୁଷିଆର ଜଣେ ଆଗଧାଡିର ମେଜର ଜେନେରାଲ ମିଖାଇଲ୍ ଗୁଦ୍‌କୋଭ ୟୁକ୍ରେନ ସୀମାରେ ମୃତ୍ୟୁବରଣ କରିଛନ୍ତି। ରୁଷୀୟ ନୈସେନାରେ ସେ ଉପ-ମୁଖ୍ୟ ଭାବେ ଦାୟିତ୍ୱରେ ଥିଲେ। ୟୁକ୍ରେନ ତରଫରୁ ହୋଇଥିବା ଆକ୍ରମଣରେ ଗୁଦ୍‌କୋଭଙ୍କ ସମେତ ୧୦ଜଣ ରୁଷ୍ ସୈନିକ ପ୍ରାଣ ହରାଇଛନ୍ତି। ୟୁକ୍ରେନ ସୀମବର୍ତ୍ତୀ କୁର୍ସ୍କ ଅଞ୍ଚଳର କୋରେନେବୋଠାରେ ଏକ କମାଣ୍ଡ ପୋଷ୍ଟରେ ସେ ନିୟୋଜିତ ଥିଲେ ଓ ସେ ନିଜ ଟ୍ରୁପ୍‌ର ନୀରିକ୍ଷଣ କରିବାକୁ ଯାଇଥିଲେ। ସେ ୟୁକ୍ରେନର ଏକ ମିସାଇଲ ମାଡରେ ପ୍ରାଣ ହରାଇଛନ୍ତି ବୋଲି କୁହାଯାଉଛି। ରାଷ୍ଟ୍ରପତି ପୁତିନ ତାଙ୍କୁ ନୈସେନାର ଡେପୁଟି ଇନ୍ ଚିଫ୍ ବନାଇଥିଲେ। ସେ ପୁତିନଙ୍କର ସେ ପ୍ରିୟଥିଲେ ଓ ତାଙ୍କୁ ହିରୋ ଅଫ୍ ଦି ରୁଷିଆନ ଫେଡେରେସନ ଉପାଧିରେ ଭୂଷିତ କରାଯାଇଥିଲା। ସାଢେ ୩ ବର୍ଷରେ ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ରୁଷିଆର ୧୦ ଜଣ ଜେନେରାଲ ପ୍ରାଣ ହରାଇଛନ୍ତି।

## ଅମରନାଥ ଯାତ୍ରାରେ ପ୍ରଥମ ଆଳତି

ପହଲଗାମ୍, ୩।୭ (ଏଜେନ୍ସି): ଗୁରୁବାରଠାରୁ ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ସକାଳେ ଅମରନାଥଙ୍କ ପ୍ରଥମ ଆଳତି ହୋଇଛି। ଯାତ୍ରୀମାନଙ୍କୁ ନେଇ ପ୍ରଥମ ବସ୍ ଅମରନାଥ ଯାଇଛି। ଶ୍ରଦ୍ଧାଳୁ ତଥା ଭକ୍ତମାନେ 'ହର ହର ମହାଦେବ' ଓ 'ବମ୍ ବମ୍ ଭୋଲେ' ବୋଲି ଜୟକାର କରୁଥିବାର ଦେଖାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଯାତ୍ରୀଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ସାମିଲ ଅଛନ୍ତି। କଡ଼ା ସୁରକ୍ଷା ବଳୟ ଭିତରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୫,୮୯୨ ଯାତ୍ରୀ ସାମିଲ ରହିଛନ୍ତି। ସେହିପରି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୫,୨୦୦ ଯାତ୍ରୀ ଜମ୍ମୁର ବେସ୍ କ୍ୟାମ୍ପରୁ ଯାତ୍ରା ଆରମ୍ଭ କରିଛନ୍ତି। ଉପ- ରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁର ଭଗବତୀ ନଗର ଶିବିରରୁ ଯାତ୍ରା ଆରମ୍ଭ କରିଛନ୍ତି। ୩୮ ଦିନଧରି ଚାଲିବାକୁ ଥିବା ଅମରନାଥ ଯାତ୍ରା ପହଲଗାମ୍ ଓ ବାଲଟାଲ ଦୁଇଟି ପଥ ଦେଇ ଚାଲୁ ରହିବ। ଅଗଷ୍ଟ ୯ରେ ରକ୍ଷାବନ୍ଧନ ଦିନ ଯାତ୍ରା ଶେଷ ହେବ। ଗତବର୍ଷ ୫୨ ଦିନ ଧରି ଯାତ୍ରା ଚାଲୁ ରହିଥିଲା ଓ ମୋଟ୍ ୫ ଲକ୍ଷ ଶ୍ରଦ୍ଧାଳୁ ଏହି ପବିତ୍ର ଗୁମ୍ଫାର ଦର୍ଶନ କରିଥିଲେ।

## ବାଲି ଦୀପରେ ଜାହାଜ ବୁଡ଼ିଲା: ୫ ମୃତ, ୩୧ ନିଖୋଜ

ଜାକର୍ତ୍ତା, ୩।୭ (ଏଜେନ୍ସି): ଇଣ୍ଡୋନେସିଆର ବାଲି ରିସୋର୍ଟ ଦୀପ ନିକଟରେ ଏକ ବଡ଼ ଅଘଟଣା ଘଟିଛି। ୬୫ ଜଣ ଲୋକଙ୍କୁ ନେଇ ଯାଉଥିବା ଏକ ଜାହାଜ ସମୁଦ୍ରରେ ବୁଡିଯାଇଛି। ଫଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୧ ଜଣ ଲୋକ ନିଖୋଜ ହୋଇଛନ୍ତି ବୋଲି କୁହାଯାଇଛି। କେଏମ୍‌ପି ଟୁନୁ ପ୍ରତାମା ନାମକ ଏହି ଜାହାଜ ପୂର୍ବ ଜାଭାର କୋତାପାଙ୍ଗ ବନ୍ଦରରୁ ୫୦ କିମି ଦୂରରେ ଥିବା ବାଲିର ଗିଲିମାନୁକ ବନ୍ଦରକୁ ଯାଉଥିଲା। ଯାତ୍ରା ଆରମ୍ଭ କରିବାର ମାତ୍ର ୩୦ ମିନିଟ୍ ପରେ ହିଁ ଜାହାଜ ବୁଡି ଯାଇଥିଲା। ଏଥିରେ ୫୩ ଜଣ ଯାତ୍ରୀ ଓ ୧୨ ଚାଳକ ରହିଥିଲେ। ଜାହାଜରେ ୨୨ଟି ବାହନ ଥିଲା ଓ ଏଗୁଡିକ ମଧ୍ୟରୁ କେତୋଟି ଟ୍ରକ୍ ମଧ୍ୟ ଥିଲା।

## ଥାଇଲାଣ୍ଡରେ ଦୁଇ ଦିନରେ ଦୁଇ ପ୍ରଧାନମନ୍ତ୍ରୀ

ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ଥାଇଲାଣ୍ଡରେ ଦୁଇଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାକୁ ମିଳିଛି। ଗୃହମନ୍ତ୍ରୀ ଫୁମ୍‌ଥମ ବେଚାୟାଚାଇ ଗୁରୁବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି। ଏହାପୂର୍ବରୁ ସୂର୍ଯ୍ୟା ଜୁଙ୍ଗରୁଙ୍ଗରେଙ୍ଗକିଟ୍ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ। ସୂର୍ଯ୍ୟାଙ୍କୁ ବୁଧବାର କାର୍ଯ୍ୟବାହକ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ୭୦ ବର୍ଷୀୟ ସୂର୍ଯ୍ୟା ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଇତୋଙ୍ଗତାର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନରେ ଦାୟିତ୍ୱ ସମ୍ଭାଳିଥିଲେ। ଶିନାୱାତ୍ରାଙ୍କୁ ଜୁନ୍ ୧ରେ ପଦରୁ ବହିଷ୍କାର କରାଯାଇଥିଲା। ପଡୋଶୀ କାମ୍ବୋଡିଆର ଜଣେ ବଡ଼ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ହୁନ ସେନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଶିନାୱାତ୍ରା। ଏହି ଫୋନ୍ କଲ୍ ଲିକ୍ ହୋଇଥିଲା। ଏଥିରେ ଶନାୱାତ୍ରା ତାଙ୍କୁ ଅଙ୍କଲ ବୋଲି କହି ସମ୍ବୋଧନ କରିଥିଲେ ଓ ନିଜ ଦେଶର ସେନାଧକ୍ଷଙ୍କୁ ସମାଲୋଚନା କରିଥିଲେ।

# ବ୍ରିଟେନ ବିମାନକୁ ନେଇ ସସ୍‌ପେନ୍ସ



ନୂଆଦିଲ୍ଲୀ, ୩।୭ (ଏଜେନ୍ସି): କେରଳର ଥିରୁବନନ୍ତପୁରମ ଆନ୍ତର୍ଜାତିକ ବିମାନବନ୍ଦରରେ ଗତ ୨୦ ଦିନ ଧରି ଅଟକି ରହିଥିବା ବ୍ରିଟିଶ ରୟାଲ ନେଭିର ଏଫ୍-୩୫ ଲଢ଼ୁଆ ବିମାନକୁ ନେଇ ସସପେନ୍ସ ବଢ଼ି ଚାଲିଛି। ଏହି ବିମାନକୁ ହାଙ୍ଗର ଭିତରକୁ ନନେବା ଏବଂ ଏହାକୁ ସ୍ପର୍ଶ କରିବା ଲାଗି କୌଣସି ଭାରତୀୟଙ୍କୁ ଅନୁମତି ନଦେବା ଭଳି ଘଟଣା ଯୋଗୁଁ ସନ୍ଦେହ ହେବା ସ୍ୱାଭାବିକ। ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଲଢ଼ୁଆ ବିମାନ କୁହାଯାଉଥିବା ଏଫ୍-୩୫ରେ ଏଭଳି ଜ୍ଞାନକୌଶଳ ଖଞ୍ଜି ହୋଇରହିଛି, ଯାହାକି ଏବେ ବି ଚୀନ ଓ ରୁଷର ପହଞ୍ଚ ବାହାରେ। ଭାରତୀୟ ଇଞ୍ଜିନିୟର ଏଥିରେ ପ୍ରବେଶ କଲେ କାଳେ ଏହି ଟେକନୋଲୋଜି ଲିକ୍ ହୋଇଯିବ, ସେହି ଭୟରେ ଏଥିରେ ବାହାର ଲୋକଙ୍କୁ ହାତ ମାରିବାକୁ ଦିଆଯାଉ ନାହିଁ।

ଗତମାସ ୧୪ ତାରିଖରେ ଆରବ ସାଗରରେ ଭାରତ ଓ ବ୍ରିଟେନର ମିଳିତ ସମରାଭ୍ୟାସ ସମୟରେ ଭାରତୀୟ ଉପକୂଳରୁ ୧୦୦ ମାଇଲ ଦୂର ବ୍ରିଟେନର ଜାହାଜରୁ ଏହି ଏଫ୍-୩୫ ଲଢ଼ୁଆ ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହା ଥିରୁବନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। କୁହାଯାଉଛି ଯେ ଏହାର ହାଇଡ୍ରୋଲିକ ବ୍ୟବସ୍ଥା ଖରାପ ହୋଇଯାଇଛି। ଏଭଳି ପରିସ୍ଥିତିରେ ବିମାନର ଉଡ଼ାଣ ଏବଂ ଅବତରଣରେ ଅସୁବିଧା ହୋଇପାରେ। ସେହିଦିନ ଠାରୁ ଏହା ବିମାନବନ୍ଦରରେ ଅଟକି ରହିଛି। ଏହାର ମରାମତି ଲାଗି କେତେକ ବ୍ରିଟିଶ ଇଞ୍ଜିନିୟର ଆସିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ମରାମତିରେ ସହାୟତା ପାଇଁ ଭାରତୀୟ ବାୟୁସେନା ପ୍ରସ୍ତାବ ଦେଇଥିଲେ ମଧ୍ୟ ବ୍ରିଟେନ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ତେବେ ଶୁଣାଯାଉଛି ଯେ ବ୍ରିଟେନରୁ ଏକ ୪୦ ଜଣିଆ ବିଶେଷଜ୍ଞ ଟିମ୍ ଆସୁଛନ୍ତି। ସେମାନେ ମରାମତି ପାଇଁ ଉଦ୍ୟମ କରିବେ। ବିଫଳ ହେଲେ ଏହି ଜେଟ୍ ବିମାନକୁ ପରିବହନ ବିମାନରେ ଫେରାଇନେବେ।

ତେବେ ପ୍ରଶ୍ନ ଉଠୁଛି ଏହି ବିମାନରେ ଏମିତି କଣ ଅଛି ଯେ ଭାରତରେ ଏହାକୁ କାହାକୁ ସ୍ପର୍ଶ କରିବାକୁ ଦିଆଯାଉ ନାହିଁ। ଆମେରିକାର ଏକ କଂପାନୀ ଦ୍ୱାରା ନିର୍ମିତ ଏହି ବିମାନର ମୂଲ୍ୟ ହେଉଛି ଏକ ହଜାର କୋଟି ଟଙ୍କା। ଏହା ହେଉଛି ସବୁଠାରୁ ଅତ୍ୟାଧୁନିକ ଲଢ଼ୁଆ ବିମାନ। ଏଥିରେ ଏମିତି ଜ୍ଞାନକୌଶଳ ଖଞ୍ଜାଯାଇଛି ଯେ ଶତ୍ରୁ ପକ୍ଷ ଏହାର ଟେର୍ ବି ପାଇବେ ନାହିଁ। ଶତ୍ରୁ ଦେଶର ଆକାଶ ସୀମାରେ ଥିଲେ ମଧ୍ୟ ଏହାର କେହି କ୍ଷତି କରିପାରିବେ ନାହିଁ। ରଡାରରେ ଏହାକୁ ଠାବ କରିବା କ୍ଷଣି ସେହି ସୀମାରୁ ଏହା ଉଡାନ ହୋଇଯିବ। ବ୍ରିଟେନ ନୌସେନା ଏହାର ବ୍ୟବହାର କରୁଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଏବଂ ମରାମତି ଦାୟିତ୍ୱ ଆମେରିକା କଂପାନୀ ହାତରେ ରହିଛି। ତେଣୁ ଆମେରିକା ଛଡ଼ା ଅନ୍ୟ କୌଣସି ଦେଶର ଇଞ୍ଜିନିୟରମାନଙ୍କୁ ହାତ ମାରିବାକୁ ଦିଆଯାଉ ନାହିଁ। ଦୀର୍ଘ ଦିନ ଧରି ବିମାନଟି ବାହାରେ ପ୍ରବଳ ବର୍ଷାରେ ଠିଆ ହୋଇଥିଲେ ମଧ୍ୟ ହାଙ୍ଗର ମଧ୍ୟକୁ ନେବାଲାଗି ବ୍ରିଟେନ ଅନୁମତି ଦେଉନଥିଲା। ତେବେ ବ୍ରିଟେନ ନୌସେନାର କେତେକ ବିଶେଷଜ୍ଞ ଆସିବା ପରେ ସେମାନଙ୍କ ଉପସ୍ଥିତିରେ ଏହାକୁ ହାଙ୍ଗର ଭିତରକୁ ନିଆଯାଇଛି।

ଆଉ ଏକ ସୂତ୍ରରୁ ପ୍ରକାଶ ଯେ ଏହି ଏଫ୍-୩୫ ବିମାନ ଜରିଆରେ ବ୍ରିଟେନ ଗୁଇନ୍ଦା ତଥ୍ୟ ହାସଲ କରିପାରିବ। ଏହି ବିମାନକୁ ଠାବ କରିବାରେ ଶତ୍ରୁ ପକ୍ଷର ରଡାର ସମର୍ଥ କି ନୁହେଁ, ଠାବ କରିବା ପରେ କେତେ ସମୟ ମଧ୍ୟରେ ଶତ୍ରୁ ପକ୍ଷ କ୍ଷେପଣାସ୍ତ୍ର ମାଡ଼ କରିପାରିବ ଏବଂ ଏହି ବିମାନର ସଫଟୱେୟାର ଜାମ୍ କରିବା ଲାଗି ଶତ୍ରୁ ପାଖରେ ଇଲେକଟ୍ରୋନିକ୍ ୱାରଫେୟାର ଅଛି କି ନାହିଁ? ଭାରତୀୟ ବାୟୁ ସେନାର ଏଭଳି ଦକ୍ଷତାକୁ ମାପିବା ଲାଗି ଏଫ୍-୩୫ ନିୟୋଜିତ ହୋଇଥାଇପାରେ ବୋଲି କୁହାଯାଉଛି। ତେବେ ସରକାରୀ ଭାବେ କେହି କିଛି କହୁନାହାନ୍ତି। ଏହା ହିଁ ସମଗ୍ର ଘଟଣାକୁ ରହସ୍ୟମୟ କରି ରଖିଛି।

# ଆମେରିକା ଶରଣରେ ପାକିସ୍ତାନ

## ଅପରେସନ ସିନ୍ଦୂରରେ ଚାଇନା ଅସ୍ତ୍ର ଫ୍ଲପ୍

## ମୁନିରଙ୍କ ପରେ ପାକ୍ ବାୟୁସେନା ମୁଖ୍ୟ ଆମେରିକାରେ



ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ଅପରେସନ ସିନ୍ଦୂର ପ୍ରହାରରେ ଶୋଚନୀୟ ଭାବେ ପରାସ୍ତ ହୋଇଥିବା ପାକିସ୍ତାନ ଏବେ ଆମେରିକାର ଦ୍ୱାରସ୍ଥ ହୋଇଛି। ଭାରତ ସହିତ ଏହି ୪ ଦିନର ଯୁଦ୍ଧରେ ଚୀନ୍ ନିର୍ମିତ ଅସ୍ତ୍ରଶସ୍ତ୍ର ପାକିସ୍ତାନ ବ୍ୟବହାର କରିଥିଲା। କିନ୍ତୁ ଏହା ଭାରତର ମୁକାବିଲାରେ ବିଫଳ ହୋଇଥିଲା। ଏହାକୁ ନେଇ ପାକିସ୍ତାନର ଚିନ୍ତା ବଢ଼ିଯାଇଛି। ଚୀନ ବଦଳରେ ଆମେରିକା ଅସ୍ତ୍ର ନେବାକୁ ପାକିସ୍ତାନ ଉଦ୍ୟମ ଆରମ୍ଭ କରିଛି। ଏସଂପର୍କରେ ଆମେରିକା ସହ ଆଲୋଚନା ପାଇଁ ପାକିସ୍ତାନ ସେନାଧକ୍ଷ ଅସିମ ମୁନିର ୱାସିଂଟନ ଯାଇଥିଲେ। ଏବେ ବାୟୁସେନା ମୁଖ୍ୟ ଜାହିର ଅହମ୍ମଦ ବାବର ସିଦ୍ଧୁ ଆମେରିକା ଯାତ୍ରା କରିଛନ୍ତି। ଆମେରିକା ସହ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ପାଇଁ ପାକିସ୍ତାନ ପ୍ରୟାସ ଆରମ୍ଭ କରିଛି। ଦୀର୍ଘ ଏକ ଦଶନ୍ଧି ପରେ କୌଣସି ପାକ୍ ବାୟୁସେନା ମୁଖ୍ୟ ଆମେରିକା ଯାତ୍ରା କରିଛନ୍ତି। ଚୀନ୍ ଅସ୍ତ୍ରଶସ୍ତ୍ରର ବିଶ୍ୱସନୀୟତା ନେଇ ପାକିସ୍ତାନ ଚିନ୍ତିତ ରହିଛି। ପାକିସ୍ତାନ ଏବେ ତା'ର ବାୟୁସେନାକୁ ଆହୁରି ଦୃଢ଼ କରିବାକୁ ଆମେରିକା ସହ ଆଲୋଚନା କରିବ। ଫଳରେ ପାକିସ୍ତାନ ଏଫ୍-୧୬ ବିମାନ ସମେତ ବ୍ଲାକ ୭୦ ଲଢ଼ୁଆ ଜେଟ୍ ଓ ଏୟାର ଡିଫେନ୍ସ ସିଷ୍ଟମ ଓ ଅନ୍ୟ କେତେକ ଉପକରଣ ପାଇବ। ଭାରତ ସହ ଯୁଦ୍ଧ ପରେ ଚୀନ୍ ଉପରେ ପାକିସ୍ତାନ ଆଉ ଭରସା କରିବାକୁ ଚାହୁଁନାହିଁ ବୋଲି ଜଣେ ପାକିସ୍ତାନୀ ପ୍ରତିରକ୍ଷା ଅଧିକାରୀ କହିଛନ୍ତି।

# ଉତ୍ତରାଧିକାରୀ ନିଷ୍ପତ୍ତି ଦଲାଇଲାମା ହିଁ ନେବେ: ଭାରତ

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ବୌଦ୍ଧ ଧର୍ମର ଧର୍ମଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟା ଏବେ ନୂଆ ମୋଡ ନେଇଛି। ଏ ନେଇ ଭାରତ ଓ ଚୀନ୍ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ନିଷ୍ପତ୍ତି ଚୀନ୍ ନେବ ବୋଲି କହୁଥିବା ବେଳେ ଭାରତ ଏହାକୁ ବିରୋଧ କରିଛି। ଏ ସଂକ୍ରାନ୍ତରେ କେବଳ ଦଲାଇଲାମା ହିଁ ନିଷ୍ପତ୍ତି ନେଇପାରିବେ ବୋଲି ଭାରତ ସ୍ପଷ୍ଟ କରିଛି। ନିଜ ଜୀବନକାଳ ମଧ୍ୟରେ ପରବର୍ତ୍ତୀ ଦଲାଇଲାମା ଘୋଷଣା କରାଯିବ ବୋଲି ୧୪ତମ ତୀବ୍ବତୀୟ ଧର୍ମଗୁରୁ ଦଲାଇଲାମା ଘୋଷଣା କରିବା ପରେ ଏଭଳି ସ୍ଥିତି ଉପୁଜିଛି।



ଏ ସଂକ୍ରାନ୍ତରେ କେବଳ ଦଲାଇଲାମା ହିଁ ନିଷ୍ପତ୍ତି ନେବେ। ଆଉ କାହାର ଏ ନେଇ ଅଧିକାର ନାହିଁ ବୋଲି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଦଲାଇଲାମା ପଦ ସବୁଠାର ମହତ୍ତ୍ୱପୂର୍ଣ୍ଣ। କେବଳ ତିବତ୍ତୀୟଙ୍କର ନୁହଁ ସବୁ ଧର୍ମ ଉପାସକଙ୍କ ପାଇଁ ସେ ସର୍ବୋପରି ବୋଲି ରିଜିଜୁ କହିଛନ୍ତି।

ଉଲ୍ଲେଖଥାଉ କି, କିଛିଦିନ ତଳେ ଦଲାଇଲାମା ତାଙ୍କର ୯୦ତମ ଜନ୍ମ ଦିବସ ପାଳନ କରିଥିଲେ। ୧୯୫୯ରେ ତୀବ୍ବତକୁ ଚୀନ ଦଖଲ କରିବା ପରେ ଦଲାଇଲାମା ଭାରତରେ ଆଶ୍ରୟ ନେଇଛନ୍ତି ଓ ସେ ଧର୍ମଶାଳାରେ ରହୁଛନ୍ତି। ରିଜିଜୁ ଓ ଜନତା ଦଳ ୟୁନାଇଟେଡ ନେତା ଲଲନ ସିଂ ଦଲାଇଲାମାଙ୍କ ୯୦ତମ ଜନ୍ମ ଦିବସ ପାଳନ ଉତ୍ସବରେ ଯୋଗ ଦେବାକୁ ଧର୍ମଶାଳା ଯାଇଥିଲେ ଓ ଏହା ଏକ ସମ୍ପୂର୍ଣ୍ଣ ଧାର୍ମିକ ଗସ୍ତ ଥିଲା ବୋଲି କୁହାଯାଇଥିଲା। ଦଲାଇଲାମା ଇତିମଧ୍ୟରେ ନିଜ ଉତ୍ତରାଧିକାରୀ ଚୟନର ଦାୟିତ୍ୱ ଗୋଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି। ଏହି ଟ୍ରଷ୍ଟ ହିଁ ପରବର୍ତ୍ତୀ ଦଲାଇଲାମା ଚିହ୍ନଟ ଓ ମାନ୍ୟତା ପ୍ରକ୍ରିୟାର ସଞ୍ଚାଳନ କରିବ ବୋଲି ସେ ସ୍ପଷ୍ଟ କରିଥିଲେ।

# ଦିଲ୍ଲୀ ସରକାରଙ୍କ ୟୁଟର୍ଣ୍ଣ; ଚାଲିବ ପୁରୁଣା ଗାଡ଼ି

■ ଉଠିଲା ତେଲ କଟକଣା

■ ନୂଆ ଗାଇଡଲାଇନ୍ସ ଆଣିବେ ସରକାର

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ଦିଲ୍ଲୀରେ ପୁରୁଣା ଗାଡି ଉପରେ କଟକଣା ଲଗାଇଥିବା ଦିଲ୍ଲୀ ସରକାର ୟୁଟର୍ଣ୍ଣ ନେଇଛନ୍ତି। ପୁରୁଣା ଗାଡ଼ି ମାଲିକଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ଏହି କଟକଣାକୁ ହଟାଇ ନେଇଛନ୍ତି। ସରକାର ଏହା ବଦଳରେ ନୂଆ ଗାଇଡଲାଇନ୍ସ ଆଣିବେ ବୋଲି କହିଛନ୍ତି। ପୂର୍ବରୁ ୧୦ ବର୍ଷ ପୁରୁଣା ଡିଜେଲ ଗାଡି ଓ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡିକୁ ପେଟ୍ରୋଲ କି ଡିଜେଲ ଦେବାକୁ ସରକାର ବାରଣ କରିଥିଲେ। କିନ୍ତୁ ସରକାର ଏବେ ତାଙ୍କ ମତ ବଦଳାଇଛନ୍ତି। ଏହି କଟକଣା ଲାଗୁ କରିବାର ସମୟ ଆସିନାହିଁ ବୋଲି ସରକାର କହିଛନ୍ତି। ଏନେଇ ଥିବା କେତୋଟି ଟେକନିକାଲ ଚ୍ୟାଲେଞ୍ଜ କାରଣରୁ ଏବେ ଏହି ନିୟମକୁ ଲାଗୁ କରିବା ଠିକ ହେବ ନାହିଁ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା କହିଛନ୍ତି। କଟକଣାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଥିଲା। ଜୁଲାଇ ପହିଲାରୁ ଏହି ନିୟମ ଲାଗୁ ହୋଇଥିଲା। ଫଳରେ ୬୦ ଲକ୍ଷ ଗାଡ଼ି ଅଚଳ ହୋଇପଡ଼ିଥିଲା। ଗତ ମାର୍ଚ୍ଚରେ ସରକାର ତେଲ କଟକଣା ନେଇ ନୂଆ ନିୟମର ଘୋଷଣା କରିଥିଲେ।



# ବିହାରରେ ଏକାକୀ ନିର୍ବାଚନ ଲଢ଼ିବ ଆପ୍: କେଜ୍ରିୱାଲ୍

ଅହମଦାବାଦ୍, ୩।୭ (ଏଜେନ୍ସି): ଆଗାମୀ ବିହାର ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍) ଏକାକୀ ନିର୍ବାଚନ ଲଢିବ। ପାର୍ଟି ମୁଖିଆ ଅରବିନ୍ଦ କେଜ୍ରିୱାଲ୍ ଗୁରୁବାର ଅହମଦାବାଦ୍‌ରେ ଗୁରୁବାର ଘୋଷଣା କରିଛନ୍ତି। କେବଳ ଲୋକସଭା ନିର୍ବାଚନ ପାଇଁ ଇଣ୍ଡିଆ ମେଣ୍ଟ ସହ ଆପ୍ ମିଶିଥିଲା। ଏବେ ଆପ୍ କୌଣସି ପାର୍ଟି ସହ ମେଣ୍ଟ କରିବ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି।

କେଜ୍ରିୱାଲ ଗୁଜରାଟକୁ ଦୁଇ ଦିନିଆ ଗସ୍ତ କରି ଅହମଦାବାଦରେ ପହଞ୍ଚିଛନ୍ତି। ସେଠାରେ ସେ ପାର୍ଟିର ସଦସ୍ୟତା ନେଇ ଅଭିଯାନ ଆରମ୍ଭ କରିଛନ୍ତି। ସେ କହିଲେ, ଗୁଜରାଟର ବିସାବଦର ଉପନିର୍ବାଚନରେ ଆମେ କଂଗ୍ରେସଠାରୁ ଅଲଗା ହୋଇ ନିର୍ବାଚନ ଲଢିଥିଲୁ ଓ ୩ ଗୁଣା ଅଧିକ ଭୋଟ ହାସଲ କରିଥିଲୁ। ଏବେ ଦେଶରେ ଆପ୍ ବିକଳ୍ପ ପାର୍ଟି ଭାବେ ଉଭା ହୋଇଛି ବୋଲି ଏହି ଉପ- ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ଆଗକୁ ଆମେ ଗୁଜରାଟ୍‌ରେ ମଧ୍ୟ ନିର୍ବାଚନ ଲଢିବୁ ଓ ବିଜୟ ହସଲ କରିବୁ। ଦିଲ୍ଲୀ ପରାଜୟରେ ଦଳକୁ ଝଟ୍‌କା ଲାଗିଛି ବୋଲି ସେ ସ୍ୱୀକାର କରିଛନ୍ତି। ଦଳ ଏବେ ପଞ୍ଜାବରେ ଦ୍ୱିତୀୟଥର ପାଇଁ ସରକାର ଗଠନ କରିବ। ୩୦ ବର୍ଷ କଂଗ୍ରେସ ଓ ୩୦ ବର୍ଷ ବିଜେପି ଶାସନ କରିଛି। ଏବେ ସମୟଚକ୍ର ପୂରା ଘୂରିଛି। ତେଣୁ ଏବେ ବିଜେପି ଯିବାର ସମୟ ଆସି ଉପନୀତ ହୋଇଛି ବୋଲି ସେ କହିଛନ୍ତି। ଏବେ ଆପ୍‌କୁ ଲୋକେ ବିକଳ୍ପ ଭାବେ ଦେଖୁଛନ୍ତି। ତେଣୁ ଆଗାମୀ ନିର୍ବାଚନ ଗୁଡିକରେ ଆପ୍ ପୂରା ଶକ୍ତି ଓ ସାମର୍ଥ୍ୟ ସହ ନିର୍ବାଚନରେ ଅବତୀର୍ଣ୍ଣ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ପରିବାରର ସହଯୋଗ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଘରେ ପୂଜାପାଠର ଆୟୋଜନ ହୋଇପାରେ । ବାହନ ସୁଖ ପ୍ରାପ୍ତ ହେବ । ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି । ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । କୌଣସି ଶୁଭ ସମାଚାର ପ୍ରାପ୍ତ ହେବ । ଅଯଥା ଖର୍ଚ୍ଚ କରନ୍ତୁନି । କଳା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି । ଦୂରସ୍ଥାନକୁ ଯାତ୍ରାଯୋଗ ଅଛି ।

**କର୍କଟ:** ଦିନଟି ବ୍ୟସ୍ତତା ଭିତରେ କଟିବ । ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ । ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ । କଥାବାର୍ତ୍ତାରେ ମଧୁରତା ରଖିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି । ଘରକୁ ଅତିଥି ଆଗମନ କରିବେ । ଦିନଟି ହସଖୁସିରେ ଅତିବାହିତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଆୟ ବ୍ୟୟ ସମାନ ରହିବ । ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି । ମାପିଚୁପି କଥା କୁହନ୍ତୁ । ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ । ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ । ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି ।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ । ଖର୍ଚ୍ଚ ବୃଦ୍ଧି ପାଇବ । ମନପସନ୍ଦର କୌଣସି କାର୍ଯ୍ୟ କରିବେ । ବିବାହକୁ ନେଇ ଶୁଭ ସମାଚାର ମିଳିପାରେ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ । ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ । ପରିବାରରେ ସୁଖଶାନ୍ତି ବଜାୟ ରହିବ । ଯୋଜନା ମୁତାବକ କାମ କରନ୍ତୁ ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଯାନବାହନ ଓ ଜମି କିଣିବାର ଯୋଗ ଅଛି । ନିବେଶ ପାଇଁ ଭଲ ସମୟ । ଅଫିସ୍ କାମ ପାଇଁ ପ୍ରଶଂସିତ ହେବେ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ । ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ଅଯଥା ଯୁକ୍ତିତର୍କ ହୋଇପାରେ ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ । ପରିବାରର ସହଯୋଗ ମିଳିବ । ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି । ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମୀନ:** ବିବାହ ସ୍ଥିର ହେବ । କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ । ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ ।

## ଆଜିର ଇତିହାସ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ ।
- ୧୯୪୬- ଫିଲିପାଇନ୍ସ ଆମେରିକା ଠାରୁ ସ୍ୱାଧୀନ ହେଲା ।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ ।
- ୧୯୯୭- ନାସାର ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ ।

## ଆଜି ବାହୁଡ଼ିଥିଲେ
# ସ୍ୱାମୀ ବିବେକାନନ୍ଦ



ସାରା ବିଶ୍ୱରେ ଯେଉଁ କେତେଜଣ ପ୍ରସିଦ୍ଧ ସନ୍ୟାସୀଙ୍କ କଥା ସଦା ସର୍ବଦା ଆଲୋଚିତ ହୋଇଥାଏ ସେହି ମନୀଷୀମାନଙ୍କ ମଧ୍ୟରେ ଭାରତୀୟ ସନ୍ୟାସୀ ସ୍ୱାମୀ ବିବେକାନନ୍ଦ ଥିଲେ ଅନ୍ୟତମ । ସେ ଥିଲେ ଏକାଧାରରେ ଜଣେ ଆଧ୍ୟାତ୍ମିକ ଗୁରୁ, ସଂସ୍କାରକ, ଦାର୍ଶନିକ ଓ ଶିକ୍ଷାବିତ୍ । ସନାତନ ଧର୍ମକୁ ବିଶ୍ୱସ୍ତରରେ ପରିଚିତ କରାଇଥିବା ବିବେକାନନ୍ଦ ତ୍ୟାଗ, ତେଜ ଓ ନିର୍ଭୀକତାର ପ୍ରତୀକ ଥିଲେ । ଯୁବସମାଜ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସହ ଶାରୀରିକ ଶକ୍ତିର ବିକାଶକୁ ସେ ଗୁରୁତ୍ୱ ଦେଉଥିଲେ । ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ । ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କ ମତରେ ଧର୍ମ କେବଳ ତତ୍ତ୍ୱ ନୁହେଁ ବରଂ ଜୀବନ ପ୍ରଣାଳୀ ପାଇଁ ଏକ ଦର୍ଶନ । ଏହା ମଣିଷକୁ ବର୍ବରତାରୁ ମନୁଷ୍ୟତାକୁ ନେଇଯାଇଥାଏ । ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଳାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ । । ତାଙ୍କ ମା' ଭୁବେନଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ । ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ । ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା । ତାଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା । ସେ ଗୋଟିଏ ଗୋଟିଏ ମୋଟା ବହିକୁ ଗୋଟିଏ ଦିନରେ ହିଁ ପଢ଼ି ଶେଷ କରିଦେଉଥିଲେ । ତାଙ୍କର ଧୀଶକ୍ତି ଏତେ ତୀକ୍ଷ୍ଣ ଥିଲା ଯେ, ସେ ବହିରେ ଥିବା ପ୍ରତ୍ୟେକ ପୃଷ୍ଠାର ପ୍ରତିଟି ଲାଇନ୍‌କୁ ମଧ୍ୟ ମନେ ରଖି ପାରୁଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସି ସେ ଆଧ୍ୟାତ୍ମିକ ଦିଗରେ ଅନୁପ୍ରାଣିତ ହୋଇଥିଲେ । ୧୮୯୩ ମସିହା ସେପ୍ଟେମ୍ବର ୧୧ ରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମମହାସଭାରେ ସଭାକୁ ସମ୍ବୋଧନ କରି ସେ "ପ୍ରିୟ ଆମେରିକାବାସୀ ଭାଇ ଓ ଭଉଣୀମାନେ" କହି ତାଙ୍କର ଓଜସ୍ୱିନୀ ବକ୍ତୃତାର ଆରମ୍ଭ କରିଥଲେ । ଏହି ସମ୍ବୋଧନ ଏବଂ ଭାରତୀୟ ସଂସ୍କୃତି ଉପରେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବାସହ ଭାରତୀୟ ମୂଲ୍ୟବୋଧକୁ ମଧ୍ୟ ବିଶ୍ୱ ଦରବାରରେ ପରିଚିତ କରାଇଲା । ଏହାପରେ ସେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ । ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ । ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଅଗଣିତ ଯୁବ ସମାଜର ମାର୍ଗ ପ୍ରବର୍ତ୍ତକ । ବିଶ୍ୱର ସମସ୍ତ ଅଧିବାସୀଙ୍କୁ ସେ ଏକ ପରିବାର ମନେ କରି ବିଶ୍ୱ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରୁଥିଲେ । ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା ।

# ସୁପରହିରୋ ଭୂମିକାରେ ଜନ୍



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍, ଅଭିଷେକ ଶର୍ମାଙ୍କ ଫିଲ୍ମ 'ମଙ୍କିମ୍ୟାନ୍'ରେ ସୁପରହିରୋ ଭୂମିକାରେ ନଜର ଆସିବେ । ଏହାପୂର୍ବରୁ ଜନ୍ 'ପରମାଣୁ'ରେ ଅଭିଷେକଙ୍କ ସହ କାମ କରିଥିଲେ । ତେବେ ପୂର୍ବରୁ ବଲିଉଡ୍‌ରେ 'ମଙ୍କିମ୍ୟାନ୍' ଭଳି ଫିଲ୍ମ ନିର୍ମାଣ ହୋଇ ନ ଥିବାରୁ ଜନ୍ ଏହାକୁ ନେଇ ବେଶ୍ ଉତ୍ସାହିତ ଥିବା କୁହାଯାଉଛି । ଏହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହେବ । ଏହାର କାହାଣୀ 'ମଙ୍କିମ୍ୟାନ୍' ପୁସ୍ତକ ଉପରେ ଆଧାରିତ । ଏହି ବହିକୁ ମଧ୍ୟ ଅଭିଷେକ ଶର୍ମା ଲେଖିଥିଲେ । ୨୦୦୧ରେ ଦିଲ୍ଲୀରେ ମଙ୍କିମ୍ୟାନ୍ ଆତଙ୍କ ଖେଳାଉଥିଲା ବୋଲି ଗୁଜବ ଉଠିଥିଲା ତାକୁ ନେଇ ଅଭିଷେକ ଏହି ବହି ଲେଖିଥିଲେ । ମହାବୀର ଜୈନ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି । ୨୦୨୬ ଆରମ୍ଭରେ ଏହା ରିଲିଜ୍ ହୋଇପାରେ । ଜନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଏବେ ରୋହିତ୍ ସେଟ୍ଟିଙ୍କ ଏକ ବାୟୋପିକ୍ ଫିଲ୍ମରେ ରାକେଶ ମାରିଆ (ମୁମ୍ବାଇର ପୂର୍ବତନ ପୁଲିସ୍ କମିଶନର)ଙ୍କ ଭୂମିକାରେ ଅଭିନୟ କରୁଛନ୍ତି । ଏହା ସହ ସେ 'ଗରମ ମସଲା'ର ସିକ୍ୱେଲରେ ମଧ୍ୟ ନଜର ଆସିବେ । ଜନ୍ ଶେଷ ଥର ପାଇଁ 'ଦ ଡିପ୍ଲୋମାଟ୍' ଫିଲ୍ମରେ ନଜର ଆସିଥିଲେ ।

# ୧୧ ଦିନ ଉଜାଗର ରହି ରେକର୍ଡ



୧୯୬୩ ମସିହାରେ ଆମେରିକାର ୧୭ ବର୍ଷୀୟ ର୍ୟାଣ୍ଡି ଗାର୍ଡନର ଏମିତି ଏକ କାରନାମା କରି ଦେଖାଇଥିଲେ ଯାହାକି ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା । ସେ ୨୬୪ ଘଣ୍ଟା ଅର୍ଥାତ୍ ୧୧ ଦିନ ନ ଶୋଇ ରେକର୍ଡ କରିଥିଲେ । ତେବେ ସେ ତାଙ୍କର ଦୁଇ ସାଙ୍ଗ ବ୍ରୁସ୍ ମ୍ୟାକଏଲେଷ୍ଟର ଏବଂ ଜୋ ମାର୍କିୟାନୋ ଜୁନିୟରଙ୍କ ସହ ମିଶି ଏହି ରେକର୍ଡ କରିବା ନିଷ୍ପତ୍ତି ନେଇଥିଲେ । ପୂର୍ବରୁ ଏହି ରେକର୍ଡ ହୋନୋଲୁଲୁର ଡିଜେ ଟମ୍ ରାଉଣ୍ଡସ୍‌ଙ୍କ ନାମରେ ଥିଲା । ଟମ୍ ୨୬୦ ଘଣ୍ଟା ଅନିଦ୍ରା ରହି ଏହି ରେକର୍ଡ କରିଥିଲେ । ର୍ୟାଣ୍ଡିଙ୍କ ଦୁଇ ସାଙ୍ଗ ପ୍ରୟାସ କଲେ ତାଙ୍କୁ ଲଗାତାର ଜାଗ୍ରତ ରଖିବେ ଏବଂ ପ୍ରତି ଛଅ ଘଣ୍ଟାରେ ତାଙ୍କ ମାନସିକ ସ୍ଥିତିକୁ ପରୀକ୍ଷା କରିବେ । ସେହିପରି ଦିନ ଯେମିତି ଗଡ଼ିଲା, ର୍ୟାଣ୍ଡିଙ୍କ ମାନସିକ ସ୍ଥିତି ବିଗିଡ଼ିବାରେ ଲାଗିଲା । ତିନିଦିନ ବିତିବା ପରେ ର୍ୟାଣ୍ଡିଙ୍କର ଛୋଟ ଛୋଟ କଥା ମନେ ରହିଲା ନାହିଁ । ତେବେ ଚତୁର୍ଥ ଓ ପଞ୍ଚମ ଦିନରେ ଏହା ଅତ୍ୟନ୍ତ କଷ୍ଟକର କାମ ବୋଲି ସେ ଅନୁଭବ କଲେ । ସେହିପରି ଏହି ଖବର ଗଣମାଧ୍ୟମକୁ ଆସିଯିବାରୁ ସେ ଏଥିରୁ ଓହରିଲେ ନାହିଁ । ଅନ୍ୟପକ୍ଷରେ ଏହି ଘଟଣାର ଗମ୍ଭୀରତାକୁ ଦେଖି ଷ୍ଟେନଫର୍ଡ ୟୁନିର୍ଭସିଟିର ନିଦ ବିଶେଷଜ୍ଞ ଡା. ୱିଲିୟମ୍ ଡମେଣ୍ଟ ର୍ୟାଣ୍ଡିଙ୍କ ସହ ସାମିଲ ହେଲେ । ତାଙ୍କୁ ଉଜାଗର ରଖିବା ପାଇଁ ସେ ଅନେକ ଉପାୟ ଆପଣାଇଲେ । ତାଙ୍କ ସାମ୍ନାରେ ଜୋର୍ ଶବ୍ଦରେ ରେଡିଓ ବଜାଇବା, କାର୍‌ରେ ବୁଲିବା ଏବଂ ପିନ୍‌ବଲ ଖେଳିବା ଚ୍ୟାଲେଞ୍ଜ ରଖିଲେ । ର୍ୟାଣ୍ଡି ୧୦ ଦିନ ଯାଏଁ ନ ଶୋଇ ମଧ୍ୟ ପିନ୍‌ବଲ ଖେଳି ଜିତିଯାଇଥିଲେ । ୧୧ ଦିନ ପର୍ଯ୍ୟନ୍ତ ଶୋଇ ନ ଥିବାରୁ ର୍ୟାଣ୍ଡିଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା । ତାଙ୍କଠାରେ ଏକାଗ୍ରତା ହ୍ରାସ ପାଇବା, ସ୍ମୃତିଶକ୍ତିରେ ସମସ୍ୟା, ଭୟ, ଭ୍ରମ ଏବଂ ପ୍ରତ୍ୟେକ ଜିନିଷରେ ଚିଡ଼ଚିଡ଼ାପଣ ସମସ୍ୟା ଦେଖାଯାଇଥିଲା । ରେକର୍ଡ ପରେ ତାଙ୍କୁ ଡାକ୍ତରୀ ଟିମ୍ ୧୪ ଘଣ୍ଟା ଶୋଇବାକୁ ଦେଇଥିଲେ । ଏହି ସମୟରେ ତାଙ୍କର ମସ୍ତିଷ୍କ, ହୃଦୟ, ରକ୍ତଚାପ ଆଦିର ମନିଟର କରାଯାଇଥିଲା । ଧୀରେ ଧୀରେ ସେ ସାଧାରଣ ନିଦ୍ରାଭ୍ୟାସକୁ ଫେରିଥିଲେ ବି ତାଙ୍କଠାରେ ଅନିଦ୍ରା ସମସ୍ୟା ଦେଖା ଦେଇଥିଲା । ଅନ୍ୟପକ୍ଷରେ ୧୯୯୭ରେ ଗିନିଜ୍ ବିଶ୍ୱ ରେକର୍ଡ ଏଭଳି ପ୍ରୟାସକୁ ସ୍ୱୀକାର କରିବା ବନ୍ଦ କରିଥିଲା । କାରଣ ଏଭଳି ପ୍ରୟାସ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ।

## ସଞ୍ଜୀବନୀ

# ଅନିୟନ୍ତ୍ରିତ ପରିସ୍ରା

ଅନିୟନ୍ତ୍ରିତ ପରିସ୍ରା ବା ପରିସ୍ରା ଅସଂଯମ (urine incontinence) ସମସ୍ୟା ସାଧାରଣତଃ ମହିଳାମାନଙ୍କଠାରେ ଦେଖାଦେଇଥାଏ । ବିଶେଷକରି ବୟସ୍ୟାଧିକ, ହରମୋନ୍ ଅସନ୍ତୁଳନ, ତଳିପେଟର ମାଂସପେଶୀ ଦୁର୍ବଳ ବା ଢିଲା ହୋଇଗଲେ, ପରିସ୍ରାନଳୀ ସଂକ୍ରମଣ ଏହି ରୋଗର କାରଣ । ସମଗ୍ର ଭାରତରେ ପ୍ରାୟ ୨୭.୧% ମହିଳା ୟୁଆଇ ସହିତ ଜୀବନଯାପନ କରୁଛନ୍ତି । ନିଃସନ୍ତାନ (ନଲିପାରୋସ) ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ । ସାଧାରଣ ଭାବେ ଏମାନେ ପରିସ୍ରାକୁ ନିଜ ଇଚ୍ଛା ଅନୁସାରେ ଚାପି ରଖି ପାରନ୍ତି ନାହିଁ ।

କାଶିଲେ, ଛିଙ୍କଲେ, ହାଇ ମାରିଲେ, ଟିକେ ଜୋର୍ ଦଉଡ଼ି ଚାଲିଲେ କିମ୍ବା ବସି ପଡ଼ିଲେ, ଆପଣ ଛାଏଁ ପରିସ୍ରା ହୋଇଯାଏ । ଫଳରେ ମହିଳାମାନେ ଏକ ଅସ୍ୱାଭାବିକ ପରିସ୍ଥିତିର ସାମନା କରନ୍ତି । ଗ୍ରାମାଞ୍ଚଳର ମହିଳା ଏହି ସମସ୍ୟାରେ ଅଧିକ ପୀଡ଼ିତ । କର୍ମଜୀବୀ ମହିଳାମାନେ ଏଥିପାଇଁ ଅନେକ ସମୟରେ ଅପଦସ୍ତ ହୋଇଥାନ୍ତି ।



ଡାକ୍ତର ଜ୍ୟୋତି ମୋହନ ତୋଷ

ଏଭଳି ବିଲକ୍ଷଣର ଶିକାର ହୋଇଥିବା ମହିଳାମାନେ ମୁହଁ ଖୋଲି ଏ କଥା କାହା ଆଗରେ କହି ପାରନ୍ତି ନାହିଁ । ଏଭଳିକି ନିଜ ପରିବାର ଲୋକଙ୍କୁ ମଧ୍ୟ ଲୁଚାଇ ଥାଆନ୍ତି । ଡାକ୍ତରଙ୍କ ପରାମର୍ଶ ନେବାକୁ ବି ସଙ୍କୋଚ ପ୍ରକାଶ କରନ୍ତି । ଏହା କେବଳ ସେମାନଙ୍କ ଶାରୀରିକ ସୁସ୍ଥତା ଉପରେ ନୁହେଁ; ସାମଗ୍ରିକ ଭାବେ ସାମାଜିକ ସୁସ୍ଥତା ଉପରେ ମଧ୍ୟ ପ୍ରଭାବ ପକାଇଥାଏ ।



ଏହାକୁ ମହିଳାମାନେ ଅନାରୋଗ୍ୟ ବୋଲି ଧରି ନେଇଥାନ୍ତି । ଖୁସିର ଖବର ଏହା ଚିକିତ୍ସାଯୋଗ୍ୟ । ଓଡ଼ିଶାରେ ଡାକ୍ତରମାନେ ଏବେ ଏହି ସମସ୍ୟା ଦୂର କରିବା ପାଇଁ ଆଗେଇ ଆସିଛନ୍ତି । ଭାରତରେ ଏହାର ଚିକିତ୍ସା ପାଇଁ ଜଣଙ୍କୁ ୧୦ ରୁ ୨୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଛି । ବିଶେଷଜ୍ଞମାନେ ପ୍ରାଥମିକ ଚିକିତ୍ସା ସ୍କ୍ରିନିଂ ବଢ଼ାଇବା, ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟ ଶିକ୍ଷା ବୃଦ୍ଧି କରିବା ଏବଂ ଆଶା ଓ ଏଏନ୍‌ଏମ୍ ମାନଙ୍କୁ ପ୍ରଶିକ୍ଷଣ ଦେଇ ଲକ୍ଷଣଗୁଡ଼ିକୁ ଶୀଘ୍ର ଚିହ୍ନଟ କରାଯାଉଛି । ବିଶିଷ୍ଟ ୟୁରୋଲୋଜିଷ୍ଟ ଡାକ୍ତର ଜ୍ୟୋତି ମୋହନ ତୋଷ କହନ୍ତି, ଏ ରୋଗ ଚିକିତ୍ସାଯୋଗ୍ୟ । ସରଳ ପେଲଭିକ ଫ୍ଲୋର ବ୍ୟାୟାମ, ଓଜନ ପରିଚାଳନା ତଥା ଜୀବନଶୈଳୀରେ ସକରାତ୍ମକ ପରିବର୍ତ୍ତନ କରି ଏହି ସମସ୍ୟାକୁ ଦୂର କରି ହେବ । ଏବେ ମହିଳାମାନେ ଏ ବିଷୟରେ ସଚେତନ ହୋଇ ଏହି ସମସ୍ୟା ଦୂର କରିବାକୁ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଆଗେଇ ଆସିଲେଣି । ଆଗାମୀ ଏକ ବର୍ଷ ମଧ୍ୟରେ ଏହାର ପୂର୍ଣ୍ଣ ସମାଧାନ ଦିଗରେ ମଧ୍ୟ ଡାକ୍ତରୀ ପ୍ରୟାସ ଜାରି ରହିଛି । ଓଡ଼ିଶାର ବିଶେଷଜ୍ଞ କୁହନ୍ତି, ପରିସ୍ରା ଅସଂଯମ ମହିଳାଙ୍କ ଭାଗ୍ୟ ନୁହେଁ - ଏହା ଏକ ଚିକିତ୍ସା ଯୋଗ୍ୟ ଅବସ୍ଥା ।

ପରାମର୍ଶଦାତା-
ୟୁରୋଲୋଜି ଆଣ୍ଡ ରେନାଲ ଟ୍ରାନ୍ସପ୍ଲାଣ୍ଟ କେୟାର,
ଭୁବନେଶ୍ୱର

## 'ସକାଳ'ର ସ୍ୱାସ୍ଥ୍ୟ


# ସାପକାମୁଡ଼ା ଓ ଚିକିତ୍ସା



ପ୍ରତିବର୍ଷ ଭାରତରେ ସାପ କାମୁଡ଼ାରେ ବହୁ ଜଣଙ୍କ ମୃତ୍ୟୁ ହୋଇଥାଏ । ଅନ୍ୟଋତୁ ତୁଳନାରେ ବର୍ଷାଦିନେ ସାପ କାମୁଡ଼ା ସଂଖ୍ୟା ବୃଦ୍ଧି ପାଏ । ତେବେ ପରିତାପର ବିଷୟ, ଆଜି ବି ଆମ ସମାଜରେ ସାପ କାମୁଡ଼ିଲେ ଅଧିକାଂଶ ବ୍ୟତିବ୍ୟସ୍ତ ହୋଇ ଝଡ଼ାଫୁଙ୍କା ପରି ଅନ୍ଧବିଶ୍ୱାସକୁ ଭରସା କରନ୍ତି । ଫଳରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ଅକାଳରେ ଜୀବନ ଚାଲିଯାଇଥାଏ । ତେଣୁ ସାପ କାମୁଡ଼ିଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଲକ୍ଷଣକୁ ଜାଣି ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ ।

ସାପ କାମୁଡ଼ିବା ମାତ୍ରେ ଅଧିକାଂଶ ବ୍ୟତିବ୍ୟସ୍ତ ହୋଇ ଦୌଡ଼ା ଦୌଡ଼ି କରିଥାନ୍ତି । ହେଲେ ଏପରି କରିବା ଦ୍ୱାରା ରକ୍ତସଞ୍ଚାଳନରେ ସାପ ବିଷ ଶୀଘ୍ର ବ୍ୟାପି ଯାଇଥାଏ । ତେଣୁ ସାପ କାମୁଡ଼ିଲେ, ବ୍ୟସ୍ତ ନ ହୋଇ ସାପ କାମୁଡ଼ିଥିବା ବା ଆଘାତ ଦେଇଥିବା ସ୍ଥାନକୁ ପ୍ରଥମେ ଚିହ୍ନଟ କରନ୍ତୁ । ଏଥିରେ କୌଣସି ପ୍ରକାର ପ୍ରଲେପ ଲଗାଇବା ଅନୁଚିତ । ତୁରନ୍ତ ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେବା ଆବଶ୍ୟକ । କାରଣ କିଛିଟା ପରୀକ୍ଷା ମାଧ୍ୟମରେ ଡାକ୍ତର ବିଷଧର ସାପ କାମୁଡ଼ିଛି କି ନାହିଁ ତାହା ନିର୍ଣ୍ଣୟ କରନ୍ତି । ସାଧାରଣତଃ ଚିତି, ନାଗ ଆଦି ସାପ କାମୁଡ଼ିବା ଦ୍ୱାରା ସ୍ନାୟୁଗତ ଦୁର୍ବଳତା, ଆଖି ଦୁଇ ଦୁଇଟି ଦିଶିବା, ହାତଗୋଡ଼ ଅବସ ହୋଇଯିବା, ଛେପ ନ ଢ଼ୋକି ପାରିବା ଆଦି ଲକ୍ଷଣ ଦେଖାଯାଏ । ସେହିପରି ବୋଡ଼ାସାପ କାମୁଡିଲେ, ରକ୍ତସଞ୍ଚାଳନରେ ବ୍ୟାହାତ ହୁଏ, ବୃକ୍କ ପ୍ରଭାବିତ ହେବା, ରକ୍ତସ୍ରାବ, କାମୁଡ଼ିଥିବା ସ୍ଥାନ ଫୁଲିଯିବା ଆଦି ଲକ୍ଷଣ ଦେଖାଯାଏ । ଉପରୋକ୍ତ ଲକ୍ଷଣ ସହିତ ମାଂସପେଶୀ ଦୁର୍ବଳ, ମୁଣ୍ଡବିନ୍ଧା, ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଆଦି ଲକ୍ଷଣ ପ୍ରକାଶ ପାଇଲେ, ସାପ ବିଷର ପ୍ରଭାବ ଅଛି ବୋଲି ଜଣାଯାଏ । ତେଣୁ ଯେ କୌଣସି ସାପକାମୁଡ଼ିଲେ ବି ଉକ୍ତ ମାମଲାରେ ପୂଜାର୍ଚ୍ଚନା କରିବା, କିମ୍ବା କୌଣସି ଚେରମୂଳି ଖାଇବା ପରି ଅନ୍ଧବିଶ୍ୱାସରେ ବଶୀଭୂତ ନ ହୋଇ ବ୍ୟକ୍ତିକୁ ହସ୍‌ପିଟାଲ ନେଇ ତାଙ୍କର ବ୍ଲଡ୍ କ୍ଲଟିଂ ଟେଷ୍ଟ କରିବାକୁ ହୁଏ । ଯଦି ଉକ୍ତ ପରୀକ୍ଷାରେ ଦୁଇ ମିନିଟ୍ ମଧ୍ୟରେ ରକ୍ତ ଜମାଟ ବାନ୍ଧୁଛି, ତେବେ ଏଥିରୁ ଶରୀରରେ ବିଷ ପ୍ରତିକ୍ରିୟା ହୋଇ ନ ଥିବା ସ୍ପଷ୍ଟ ହୋଇଥାଏ । ଯଦି ରକ୍ତ ୫ରୁ ୧୦ ମିନିଟ୍ ରକ୍ତ ଜମାଟ ନ ବାନ୍ଧି ମିଳାଇ ଯାଉଥାଏ ତେବେ ରକ୍ତରେ ବିଷ ବ୍ୟାପୁଥିବା ଜଣାପଡ଼େ । ଡାକ୍ତର ସାପର ପ୍ରଜାତି ଓ କାମୁଡ଼ିଥିବା ବ୍ୟକ୍ତିର ଶାରୀରିକ ଲକ୍ଷଣକୁ ଦେଖି ବିଷକୁ ପ୍ରତିହତ କରିବାକୁ ଆଣ୍ଟି ସ୍ନେକ୍ ଭେନମ୍ (ଏସ୍‌ଭି) ଦେଇଥାନ୍ତି । ଆଣ୍ଟି ଭେନମ୍ ସାପ କାମୁଡ଼ାର ପ୍ରାଥମିକ ଚିକିତ୍ସା । ରୋଗର ତୀବ୍ରତା ଅନୁଯାୟୀ ଆଣ୍ଟିଭେନମ ଡୋଜ୍ ଦିଆଯାଏ । ଆଣ୍ଟି ଭେନମ୍‌ରେ ବିଷ ବିଷାକ୍ତ ପଦାର୍ଥକୁ ନିଷ୍କ୍ରିୟ କରିଥାଏ । ଆଣ୍ଟିଭେନମ୍ ସିରମ ବିଷାକ୍ତ ପଦାର୍ଥକୁ ବାନ୍ଧି ଶରୀରକୁ ଅଧିକ କ୍ଷତ ପହଞ୍ଚାଇବାରୁ ରୋକିବାରେ କାମ କରିଥାଏ । ଏହା ବିଷର ପ୍ରଭାବକୁ ନିଷ୍କ୍ରିୟ କରିବା, ଲକ୍ଷଣର ତୀବ୍ରତା ହ୍ରାସ କରିବା ଏବଂ ଜଟିଳତାକୁ ରୋକିବାରେ ସାହାଯ୍ୟ କରେ । ସାଧାରଣତଃ ସମସ୍ତ ସରକାରୀ ହସ୍‌ପିଟାଲରେ ମାଗଣାରେ ଆଣ୍ଟି ଭେନମ ଉପଲବ୍ଧ ରହୁଥିବାରୁ ସାପ କାମୁଡିବା ମାତ୍ରେ ଚିକିତ୍ସା କରିବା ନିହାତି ଆବଶ୍ୟକ ।

# ଏନର୍ଜି ଡ୍ରିଙ୍କ୍
## ରକ୍ତ କର୍କଟ ଆଶଙ୍କା ବଢ଼ାଏ




ଶରୀରକୁ ଫୁର୍ତ୍ତି ଓ ସତେଜ ରଖିବାକୁ ପ୍ରାୟତଃ ଏନର୍ଜି ଡ୍ରିଙ୍କ୍‌ସ, ପ୍ରୋଟିନ୍ ସେକ୍ ଏବଂ ସ୍ପୋର୍ଟସ ଡ୍ରିଙ୍କ୍‌ସ ପିଇଥାନ୍ତି । ଏନର୍ଜି ଡ୍ରିଙ୍କ୍‌ସ ପାଟିକୁ ସ୍ୱାଦିଷ୍ଟ ଲାଗିଲେ ମଧ୍ୟ ଏହା ଶରୀର ପାଇଁ ଆଦୌ ହିତକର ନୁହେଁ । ଏପରିକି ଏହି ଏନର୍ଜି ଡ୍ରିଙ୍କ୍‌ସ ପିଇବା ଦ୍ୱାରା ରକ୍ତ କର୍କଟ ହେବାର ଆଶଙ୍କା ଅଧିକ ରହିଛି ବୋଲି ଆମେରିକା ବୈଜ୍ଞାନିକ ଏକ ଅଧ୍ୟୟନରେ କହିଛନ୍ତି । କେତେକ ନିର୍ଦ୍ଦିଷ୍ଟ ଏନର୍ଜି ଡ୍ରିଙ୍କ୍‌ସରେ ପ୍ରଚୁର ମାତ୍ରାର କେଫିନ୍, କୃତ୍ରିମ ଚିନି ଏବଂ ଆମିନୋଏସିଡ ଟରିନ୍ ଥାଏ । ତେବେ ଯେଉଁମାନଙ୍କର ଆଗରୁ ଶରୀରରେ ଲ୍ୟୁକେମିଆ ଥାଏ, ସେମାନେ ଏହି ଏନର୍ଜି ଡ୍ରିଙ୍କ୍‌ସ ନେବା ଦ୍ୱାରା ଏଥିରେ ମିଳୁଥିବା ଟରିନ୍ ଲ୍ୟୁକେମିଆକୁ ବଢ଼ାଇ କର୍କଟ ଆଶଙ୍କାକୁ ବଢ଼ାଇଥାଏ । ଗବେଷକଙ୍କ ମୁତାବକ, ଲ୍ୟୁକେମିଆ କୋଷ ଗ୍ଲାଇକୋଲାଇସିସ୍ ନାମକ ପ୍ରକ୍ରିୟା ମାଧ୍ୟମରେ ନିଜର ବୃଦ୍ଧି ପ୍ରକ୍ରିୟାକୁ ଇନ୍ଧନ ଦେବା ପାଇଁ ଟରିନ୍‌ର ଉପଯୋଗ କରିଥାଏ । ଏହି ପ୍ରକ୍ରିୟାରେ କୋଷଗୁଡକ ଶକ୍ତି ଉତ୍ପନ୍ନ କରିବାକୁ ଗ୍ଲୁକୋଜକୁ ଭାଙ୍ଗି କର୍କଟ କୋଷିକାକୁ ବୃଦ୍ଧି କରନ୍ତି । ଟରିନ୍ ମନୁଷ୍ୟ ଶରୀରରେ ପ୍ରାକୃତିକ ଉପାୟରେ ତିଆରି ହୋଇଥାଏ । ମାଂସ ଏବଂ ମାଛରେ ମଧ୍ୟ ଟରିନ୍ ମିଳିଥାଏ । ତେବେ ନିର୍ଦ୍ଦିଷ୍ଟ ଏନର୍ଜିଡ୍ରିଙ୍କ୍‌ସରେ ଟରିନ୍ ମିଶାଯାଉଥିବାରୁ ଶରୀରରେ ଟରିନ୍ ଲ୍ୟୁକେମିଆକୁ କିପରି ବଢ଼ାଇବାରେ ସାହାଯ୍ୟ କରୁଛି ତାହା ଜାଣିବାକୁ ଗବେଷକମାନେ ଏକ ସ୍ୱତନ୍ତ୍ର ଜିନ୍ ଏସ୍‌ଏଲ୍‌ସି୬ଏ୬ ସହିତ ମୂଷା ଉପରେ ଗବେଷଣା କରିଥିଲେ । ଉକ୍ତ ମୂଷାଙ୍କୁ ମନୁଷ୍ୟ ଲ୍ୟୁକେମିଆ କୋଷ ଦିଆଯାଇଥିଲା । ଏହି ଗବେଷଣାରୁ ମୂଷାଙ୍କ ଶରୀରର ଅସ୍ଥିମଜ୍ଜାର ସୁସ୍ଥ କୋଷଗୁଡିକ ଟରିନ୍ ଉତ୍ପାଦନ କରି ଏହାକୁ ଏସ୍‌ଏଲ୍‌ସି୬ଏ୬ ଜିନ୍ କର୍କଟ କୋଷ ଯାଏଁ ପହଞ୍ଚାଉଥିବା ଦେଖିବାକୁ ମିଳିଥିଲା । ଏହାଦ୍ୱାରା ହିଁ ରକ୍ତକର୍କଟ ହେବାର ଆଶଙ୍କା ବଢ଼ିଯାଏ । ତେଣୁ ଏନର୍ଜି ଡ୍ରିଙ୍କ୍‌ସର ମାତ୍ରାଧିକ ଟରିନ୍ ଲ୍ୟୁକେମିଆ ରୋଗୀଙ୍କ ପାଇଁ ଅଧିକ କ୍ଷତି ସାବ୍ୟସ୍ତ ହୋଇପାରେ ବୋଲି ଗବେଷକ କହିଛନ୍ତି । ଏନର୍ଜି ଡ୍ରିଙ୍କ୍‌ସ ବଦଳରେ ମିଲ୍‌ସେକ୍, ତରଭୁଜ ଜୁସ୍, ନଡ଼ିଆ ପାଣି ଆଦି ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ ।

# ଗିଲ୍‌ଙ୍କ ରେକର୍ଡ ଟେଷ୍ଟ ଦ୍ୱିଶତକ




ବର୍ମିଂହାମ, ୩।୭ (ଏଜେନ୍ସି):

ଅଧିନାୟକ ଶୁବମନ ଗିଲ୍‌ଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ପାଳିରେ ଭାରତ ୫୮୭ ରନର ବିଶାଳ ସ୍କୋର ଠିଆ କରାଇଛି। ଗତକାଲି ୧୧୪ ରନ କରି ଅପରାଜିତ ରହିଥିବା ଗିଲ୍ ଗୁରୁବାର ଦ୍ୱିତୀୟ ଦିବସରେ ଏହି ସ୍କୋରକୁ ଆଗେଇ ନେଇ କ୍ୟାରିୟର ଶ୍ରେଷ୍ଠ ୨୬୯ ରନର ମାରାଥନ ପାଳି ଖେଳିଥିଲେ। ୩୮୭ ବଲ୍‌ର ଏହି ପାଳିରେ ସେ ୩୦ ଚୌକା ଓ ୩ ଛକା ମାରିଥିଲେ। ଜୋଶ୍ ଟଙ୍ଗ୍‌ଙ୍କୁ ପୁଲ୍ ମାରିବାକୁ ଯାଇ ଗିଲ୍ ସର୍ଟ ଫାଇନ୍ ଲେଗ୍‌ରେ ଓଲି ପୋପ୍‌ଙ୍କ ହାତରେ ଧରାପଡ଼ି ତ୍ରିଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ୮୯, ୱାଶିଂଟନ ସୁନ୍ଦର ୪୨, ଆକାଶଦୀପ୍ ୬, ମହମ୍ମଦ ସିରାଜ ୮ ଓ ପ୍ରସିଦ୍ଧ କ୍ରିଷ୍ଣା ଅପରାଜିତ ୫ ରନ କରିଥିଲେ। ଗିଲ୍ ଓ ଜାଡେଜାଙ୍କ ମଧ୍ୟରେ ୬ଷ୍ଠ ୱିକେଟ ଭାଗୀଦାରିରେ ୨୦୩ ରନ ସଂଗୃହିତ ହୋଇଥିଲା। ଯାହା ଭାରତକୁ ୫୦୦ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା। ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ସୋଏବ ବସିର ୩ ଏବଂ କ୍ରିସ୍ ୱକ୍ସ ଓ ଟଙ୍ଗ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଷ୍ଟମ୍ପ ସୁଦ୍ଧା ୨୦ ଓଭରରେ ୩ ୱିକେଟ୍ ହରାଇ ୭୭ ରନ ସଂଗ୍ରହ କରିଛି। ହ୍ୟାରି ବ୍ରୁକ୍ସ ୩୦ ଓ ଜୋ ରୁଟ୍ ୧୮ ରନ କରି ଅପରାଜିତ ରହିଛନ୍ତି। ଓପନର୍ ବେନ୍ ଡକେଟ୍ ଓ ଓଲି ପୋପ୍ ଖାତା ଖୋଲି ନ ପାରି ଆକାଶଦୀପଙ୍କ ବଲରେ ଆଉଟ୍ ହୋଇଥିଲେ। ଆକାଶ ଦୀପ କ୍ରମାଗତ ୨ଟି ବଲ୍‌ରେ ଉଭୟଙ୍କୁ ଆଉଟ୍ କରି ଇଂଲଣ୍ଡ ଶିବିରରେ ଆତଙ୍କ ଖେଳାଇ ଦେଇଥିଲେ। ସେହିଭଳି ଜ୍ୟାକ୍ କ୍ରାଲୀ ୧୯ ରନ କରି ସିରାଜଙ୍କ ଶିକାର ବନିଥିଲେ। ଇଂଲଣ୍ଡ ୭ ୱିକେଟ୍ ବଳକା ଥାଇ ପ୍ରଥମ ପାଳିରେ ଆହୁରି ୫୧୦ ରନ୍ ପଛରେ ରହିଛି।

ଏହି ଦ୍ୱିଶତକୀୟ ପାଳି ଅବସରରେ ଗିଲ୍ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୬ଷ୍ଠ ଭାରତୀୟ ଅଧିନାୟକ ଭାବେ ସେ ଟେଷ୍ଟରେ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ତାଙ୍କ ପୂର୍ବରୁ ଏମ୍‌ଏକେ ପୌଟଦୀ, ସୁନିଲ ଗାଭାସ୍କର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବିରାଟ ଅଧିନାୟକ ଭାବେ ସର୍ବାଧିକ ୭ଟି ଦ୍ୱିଶତକ ମାରିଛନ୍ତି। ସେହିଭଳି ଭାରତୀୟ ଅଧିନାୟକ ଭାବେ ମଧ୍ୟ ଏହା ଟେଷ୍ଟରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ପୂର୍ବରୁ ୨୦୧୯ରେ କୋହଲି ଅଧିନାୟକ ଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୨୫୪ ରନର ପାଳି ଖେଳିଥିଲେ। ଇଂଲଣ୍ଡ ମାଟିରେ ଭାରତୀୟ ବ୍ୟାଟର୍ ଭାବେ ଗାଭାସ୍କରଙ୍କ ନାମରେ ଥିବା ସର୍ବୋଚ୍ଚ ସ୍କୋର (୨୨୧ ରନ)କୁ ଟପିଛନ୍ତି।

**ଭାରତୀୟ ଭାବେ ସର୍ବୋଚ୍ଚ ଟେଷ୍ଟ ସ୍କୋର**

| ବ୍ୟାଟର୍ | ରନ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ବୀରେନ୍ଦ୍ର ସେହ୍ୱାଗ | ୩୧୯ | ଦ.ଆଫ୍ରିକା | ୨୦୦୮ |
| ବୀରେନ୍ଦ୍ର ସେହ୍ୱାଗ | ୩୦୯ | ପାକିସ୍ତାନ | ୨୦୦୪ |
| କରୁନ ନାୟାର | ୩୦୩ | ଇଂଲଣ୍ଡ | ୨୦୧୬ |
| ବୀରେନ୍ଦ୍ର ସେହ୍ୱାଗ | ୨୯୩ | ଶ୍ରୀଲଙ୍କା | ୨୦୦୯ |
| ଭିଭିଏସ୍ ଲକ୍ଷ୍ମଣ | ୨୮୧ | ଅଷ୍ଟ୍ରେଲିଆ | ୨୦୦୧ |
| ରାହୁଲ ଦ୍ରାବିଡ୍ | ୨୭୦ | ପାକିସ୍ତାନ | ୨୦୦୪ |
| ଶୁବମନ ଗିଲ୍ | ୨୬୯ | ଇଂଲଣ୍ଡ | ୨୦୨୫ |

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୮୭/୧୦, ୧୫୧ ଓଭର (ଜୟସ୍ୱାଲ-୮୭, ଗିଲ-୨୬୯, ଜାଡେଜା-୮୯, ସୁନ୍ଦର-୪୨, କ୍ରିସ ୱକ୍ସ-୨/୮୧, ଟଙ୍ଗ- ୨/୧୧୯, ବସିର- ୩/୧୬୭)।
ଇଂଲଣ୍ଡ ପ୍ରଥମ ଇନିଂସ: ୭୭/୩, ୨୦ ଓଭର (ରୁଟ୍ ବ୍ୟାଟିଂ -୧୮, ବ୍ରୁକ୍ ବ୍ୟାଟିଂ -୩୦, କ୍ରାଲୀ- ୧୯, ଆକାଶ ଦୀପ-୨/୩୬, ସିରାଜ-୧/୨୧)

## ତୃତୀୟ ରାଉଣ୍ଡରେ ଜୋକୋଭିଚ୍

ଲଣ୍ଡନ, ୩।୭ (ଏଜେନ୍ସି): ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ୬ଷ୍ଠ ସିଡ୍ ଜୋକୋଭିଚ୍ ୬-୩, ୬-୨, ୬-୦ ସିଧାସଳଖ ସେଟ୍‌ରେ ଘରୋଇ ଖେଳାଳି ଡାନ୍ ଇଭାନ୍ସକୁ ପରାସ୍ତ କରିଥିଲେ। ଏଥିସହ ୩୮ ବର୍ଷୀୟ ଜୋକୋଭିଚ୍ କ୍ୟାରିୟରରେ ୧୯ଥର ଲାଗି ୱିମ୍ବଲଡନ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଜୋକୋଭିଚ୍ ଯଦି ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ୟାରିୟରର ୮ମ ୱିମ୍ବଲଡନ ଟ୍ରଫି ଓ ମୋଟ୍ ଉପରେ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବେ। ଅପରପକ୍ଷରେ ମହିଳା ବିଭାଗରେ କାଜାଖସ୍ତାନର ଏଲିନା ରିବାକିନା, ରୁଷିଆର ଏକଟେରିନା ଆଲେକ୍ସଜାଣ୍ଡ୍ରୋଭା ପ୍ରମୁଖ ୨ୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ୫ ରନରେ ୭ଟି ୱିକେଟ୍ ହରାଇଲା ବାଂଲାଦେଶ

କଲମ୍ବୋ, ୩।୭ (ଏଜେନ୍ସି): ଅଧିନାୟକ ଚାରିଥ ଆସ୍‌ଲାଙ୍କା(୧୦୬)ଙ୍କ ଶତକ ବଳରେ ଏଠାରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚକୁ ଘରୋଇ ଶ୍ରୀଲଙ୍କା ୭୭ ରନରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୪୯.୨ ଓଭରରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଭ୍ରମଣକାରୀ ବାଂଲାଦେଶ ୩୫.୫ ଓଭରରେ ୧୬୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ୧୬.୨ ଓଭରରେ ୧୦୦ ରନରେ ଗୋଟିଏ ୱିକେଟ୍ ହରାଇ ଭଲ ସ୍ଥିତିରେ ରହିଥିବା ବାଂଲାଦେଶ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦୫ ରନରେ ୮ ୱିକେଟ୍ ହରାଇଥିଲା।

## ପୂର୍ବତନ ଫୁଟ୍‌ବଲର୍ ଶଙ୍କର ଦତ୍ତଙ୍କ ପରଲୋକ

ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାର ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ଶଙ୍କର ଦତ୍ତ ରାୟଙ୍କ ଗୁରୁବାର ୮୪ ବର୍ଷ ବୟସରେ ପରଲୋକ ଘଟିଛି। 'ଦାଦା' ଭାବେ ପରିଚିତ ଶଙ୍କର ଓଡ଼ିଶା ପକ୍ଷରୁ ସମ୍ମାନଜନକ ସନ୍ତୋଷ ଟ୍ରଫିରେ ଏକାଧିକଥର ପ୍ରତିନିଧିତ୍ୱ କରିଛନ୍ତି। ଅବସର ପରେ ସେ ରାଜ୍ୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ମଧ୍ୟ କିଛି ବର୍ଷ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ଦୁଇ ଝିଅ ରହିଛନ୍ତି। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ପାଦକ ଆଶୀର୍ବାଦ ବେହେରା ଶୋକ ପ୍ରକାଶ କରିଛନ୍ତି।



### ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

## ଗଞ୍ଜାମ, ଏଣ୍ଟରଟେନର୍ କ୍ଲବ ଚାମ୍ପିଅନ

ଭୁବନେଶ୍ୱର, ୩।୭ (ସମିସ): ବ୍ରହ୍ମପୁର ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ୪ ଦିନ ଧରି ଚାଲିଥିବା ଓଡ଼ିଶା ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ବାସ୍କେଟବଲ୍ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଗଞ୍ଜାମ ଚାମ୍ପିଅନ ହୋଇଥିବାବେଳେ କଟକର ସେଲଟିକ୍ସ କ୍ଲବ ରନର୍ସଅପ୍ ହୋଇଛି। ଫାଇନାଲରେ ଗଞ୍ଜାମ ୭୧-୬୭ ପଏଣ୍ଟରେ ବିଜୟୀ ହୋଇଥିଲା। ସେହିଭଳି କଡ଼ା ସଂଘର୍ଷପୂର୍ଣ୍ଣ ବାଳିକା ବିଭାଗ ଫାଇନାଲରେ କଟକର ଏଣ୍ଟରଟେନର କ୍ଲବ ୫୩-୫୦ ପଏଣ୍ଟରେ ପୁରୀକୁ ପରାସ୍ତ କରି ଟାଇଟଲ୍ ହାସଲ କରିଛି।




## ଜାତୀୟ ବରିଷ୍ଠ ମିନିଗଲ୍ଫରେ ଓଡ଼ିଶାକୁ ୮ ପଦକ

ଭୁବନେଶ୍ୱର, ୩।୭ (ସମିସ): ନାଗପୁରରେ ଅନୁଷ୍ଠିତ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ୍‌ରେ ଓଡ଼ିଶା ମୋଟ୍ ୮ ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ ସ୍ୱର୍ଣ୍ଣ ଏବଂ ୩ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଦଳଗତ ଭାବେ ଓଡ଼ିଶା ମହିଳା ଦଳ ରନର୍ସଅପ୍ ଓ ପୁରୁଷ ଦଳ ତୃତୀୟ ସ୍ଥାନ ହାସଲ କରିଛି। ମିକ୍ସଡ ଡବଲ୍ସରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ଯୋଡ଼ି ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ମହିଳା ବ୍ୟକ୍ତିଗତ ବିଭାଗରେ ଲତା ସମର୍ଥ ସ୍ୱର୍ଣ୍ଣ ଓ ଆନିକା ପଟ୍ଟନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ନକ୍‌ଆଉଟ୍ ଇଭେଣ୍ଟର ମହିଳା ଦଳଗତରେ ଓଡ଼ିଶା ଦଳ ରୌପ୍ୟ ବିଜୟୀ ହୋଇଛନ୍ତି। ପୁରୁଷ ଡବଲ୍ସରେ ଦେବଦତ୍ତ ଓ ଦେବଜିତ୍ ଯୋଡ଼ି ରୌପ୍ୟ ପଦକ ଜିତିଛନ୍ତି। କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସ୍ୱରୂପାନନ୍ଦ ସାହୁଙ୍କ ସମେତ ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ଡ. ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସେନଜିତ ପତି, ଯୁଗ୍ମ ସଭାପତି ପ୍ରଦ୍ୟୁମ୍ନ ବେହେରା, ସ୍ମୃତିରେଖା ପଟ୍ଟନାୟକ ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।











PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS